ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଜୁନ୍ ୬/୨୦୨୨ (୮+୮=୧୬ ପୃଷ୍ଠା) Dhenkanal, Monday, June 6/2022 Page 16 ₹ 7.00 ★★★★★

୧୮ଶ ଭାଗ ୧୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




ଆଜି ଠାରୁ ଆରମ୍ଭ ହେଉଛି
ମନୋରଞ୍ଜନର ମହାଧମାକା
Star କିରଣ
ଏଇଠୁ ଆରମ୍ଭ, ଏଇଠି ସମ୍ଭବ
ତୁ କହିବୁ ନା ମୁଁ
ସୋମ - ଶନି 7.00pm
କିଏ ପର
କିଏ ଆପଣାର
ସୋମ - ଶନି 7.30pm
ଶାନ୍ତି
ସୋମ - ଶନି 8.00pm
ସୁହାଗ ସିନ୍ଦୂର
ସୋମ - ଶନି 8.30pm
ରାଧାକୃଷ୍ଣ
ସୋମ - ଶନି 6.00pm
ମା
ସୋମ - ଶନି 6.30pm
ମହାଦେବ
ସୋମ - ରବି 9.00pm
ନଜର
ସୋମ - ରବି 10.00pm
Radhakrushna
Co-powered by
Vivel
Maa
Co-powered by
Vivel
Tu Kahibu Naa Mu
Co-presenting
Vivel
Co-powered by
Ruchi
fortune refined sunflower oil
Kie Para Kie Apanara
Co-presenting
Dazller ETERNA
Co-powered by
Ruchi
Vivel
Shanti
Co-presenting
fortune refined sunflower oil
Vivel
Co-powered by
Ruchi
Suhaga Sindura
Co-presenting
Dazller ETERNA
Co-powered by
Ruchi
SENCO
Vivel
Mahadev
Co-powered by
Vivel

# ଧରିତ୍ରୀ
DHARITRI

ସୋମବାର, ଜୁନ୍ ୬/୨୦୨୨ | Monday, June 6/2022 | ପୃଷ୍ଠା-୧




## ସଲମାନଙ୍କୁ ହତ୍ୟା ଧମକ

ବଲିଉଡ୍ ସୁପରଷ୍ଟାର ସଲମାନ୍ ଓ ବାପା ସଲିମ ଖାନ୍‌ଙ୍କୁ ଏକ ବେନାମି ଚିଠିରେ ଦୁର୍ବୃତ୍ତ ହତ୍ୟା ଧମକ ଦେଇଛନ୍ତି।

୦୨

୦୬

## ୧୮ କି.ମି. ଟ୍ରେକିଂ କରି ଭୋଟକେନ୍ଦ୍ରରେ ସିଇସି

ସିଇସି ରାଜୀବ କୁମାର ୧୮ କି.ମି. ପାର୍ବତ୍ୟାଞ୍ଚଳ ରାସ୍ତା ଅତିକ୍ରମ କରି ଉତ୍ତରାଖଣ୍ଡର ସୀମାନ୍ତରେ ଥିବା ଏକ ଭୋଟକେନ୍ଦ୍ରରେ ପହଞ୍ଚିଛନ୍ତି।



# ଶପଥ ନେଲେ ୨୧ ମନ୍ତ୍ରୀ



### ନବୀନଙ୍କ ନୂଆ ଟିମ୍

- ୧୩ କ୍ୟାବିନେଟ୍, ୮ ରାଷ୍ଟ୍ରମନ୍ତ୍ରୀ
- ପ୍ରଦୀପଙ୍କୁ ସୂଚନା ଲୋକସମ୍ପର୍କ
- ନିରଞ୍ଜନଙ୍କୁ ଅର୍ଥ, ରଣେନ୍ଦ୍ରଙ୍କୁ କୃଷି
- ୫ ମହିଳା ମନ୍ତ୍ରୀ, ପ୍ରମିଳାଙ୍କୁ ରାଜସ୍ୱ, ଟୁକୁନିଙ୍କୁ ପରିବହନ
- କେନ୍ଦ୍ରାପଡ଼ା, ଯାଜପୁରରୁ ୪ ମନ୍ତ୍ରୀ

ଭୁବନେଶ୍ୱର,୫।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମଥର ପାଇଁ ମନ୍ତ୍ରିମଣ୍ଡଳର ନବକଳେବର କରିଛନ୍ତି। ଶନିବାର ସମସ୍ତ ମନ୍ତ୍ରୀ ଇସ୍ତଫା ଦେବା ପରେ ରବିବାର ୨୧ ମନ୍ତ୍ରୀ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ୧୩ ଜଣ କ୍ୟାବିନେଟ୍ ମନ୍ତ୍ରୀ ଥିବା ବେଳେ ୮ ଜଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ରହିଛନ୍ତି। ପୂର୍ବରୁ ରାଜଭବନରେ ଶପଥ ପାଠ କାର୍ଯ୍ୟକ୍ରମ ହେଉଥିବା ବେଳେ ପ୍ରଥମଥର ଲାଗି ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଶପଥ ନେଇଥିବା କ୍ୟାବିନେଟ୍ ମନ୍ତ୍ରୀମାନେ ହେଲେ ଜଗନ୍ନାଥ ସାରକା, ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରମିଳା ମଲ୍ଲିକ, ଉଷା ଦେବୀ, ☞ପୃଷ୍ଠା-୨

### କ୍ୟାବିନେଟ ପାହ୍ୟା


ଜଗନ୍ନାଥ ସାରକା
ଆଇନ, ଏସ୍‌ଟି/ଏସ୍‌ସି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ


ନିରଞ୍ଜନ ପୂଜାରୀ
ଅର୍ଥ ଏବଂ ସଂସଦୀୟ ବ୍ୟାପାର


ରଣେନ୍ଦ୍ର ପ୍ରତାପ ସ୍ୱାଇଁ
କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ


ପ୍ରଦୀପ କୁମାର ଅମାତ
ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ସୂଚନା ଓ ଲୋକ ସମ୍ପର୍କ


ପ୍ରମିଳା ମଲ୍ଲିକ
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା


ଉଷା ଦେବୀ
ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ


ପ୍ରଫୁଲ୍ଲ କୁମାର ମଲ୍ଲିକ
ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ


ପ୍ରତାପ କେଶରୀ ଦେବ
ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଶକ୍ତି


ଅତନୁ ସବ୍ୟସାଚୀ ନାଏକ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ


ନବ କିଶୋର ଦାସ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ


ଟୁକୁନି ସାହୁ
ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ


ଅଶୋକ ଚନ୍ଦ୍ର ପଣ୍ଡା
ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ, ବିଜ୍ଞାନ ଓ କାରିଗରୀ ଏବଂ ସାଧାରଣ ଉଦ୍ୟୋଗ


ରାଜେନ୍ଦ୍ର ଢୋଲକିଆ
ଯୋଜନା ଓ ସଂଯୋଜନା

### ରାଷ୍ଟ୍ର ପାହ୍ୟା (ସ୍ୱାଧୀନ)


ସମୀର ରଞ୍ଜନ ଦାଶ
ବିଦ୍ୟାଳୟ ଓ ଗଣଶିକ୍ଷା


ଅଶ୍ୱିନୀ କୁମାର ପାତ୍ର
ପର୍ଯ୍ୟଟନ, ଓଡ଼ିଆ ଭାଷା ଓ ସଂସ୍କୃତି, ଅବକାରୀ


ପ୍ରୀତି ରଞ୍ଜନ ଘଡ଼େଇ
ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା


ଶ୍ରୀକାନ୍ତ ସାହୁ
ଶ୍ରମ, ଇଏସ୍‌ଆଇ


ତୁଷାରକାନ୍ତି ବେହେରା
ଗୃହ ରାଷ୍ଟ୍ର ମନ୍ତ୍ରୀ, କ୍ରୀଡ଼ା, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ ଟେକ୍ନୋଲୋଜି


ରୋହିତ ପୂଜାରୀ
ଉଚ୍ଚଶିକ୍ଷା


ରୀତା ସାହୁ
ହସ୍ତତନ୍ତ ଓ ବୟନଶିଳ୍ପ


ବାସନ୍ତି ହେମ୍ବ୍ରମ
ମହିଳା ଓ ଶିଶୁ ବିକାଶ, ମିଶନ୍ ଶକ୍ତି






# ଖାତରେ ବସ୍ ଖସି ୨୨ ତୀର୍ଥଯାତ୍ରୀ ମୃତ

■ ମଧ୍ୟପ୍ରଦେଶରୁ ଯମୁନୋତ୍ରୀ ଦର୍ଶନରେ ଯାଉଥିଲେ

ଡେରାଡୁନ୍,୫।୬

ଉତ୍ତରାଖଣ୍ଡର ଯମୁନୋତ୍ରୀ ଦର୍ଶନରେ ଯାଉଥିବା ତୀର୍ଥଯାତ୍ରୀମାନଙ୍କ ବସ୍ ରବିବାର ଡାମ୍‌ଟା ନିକଟ ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଖାତକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ୨୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ମଧ୍ୟପ୍ରଦେଶରୁ ୨୮ ଜଣ ଯମୁନୋତ୍ରୀ ଦର୍ଶନ ଲାଗି ଯାଉଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ତୀର୍ଥଯାତ୍ରୀମାନଙ୍କ ମୃତ୍ୟୁ ପାଇଁ ଶୋକବ୍ୟକ୍ତ କରିବା ସହ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ କଥା ହୋଇଛନ୍ତି। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ପ୍ରଶାସନ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ହୋଇଛି। ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ମଧ୍ୟ ଦୁର୍ଘଟଣାସ୍ଥଳକୁ ପଠାଯାଇଛି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ପଶ୍ଚିମରେ ତାତି, ଉପକୂଳରେ ଗୁଳୁଗୁଳି

■ ୪୪ ଡିଗ୍ରୀ ଉପରେ ପଶ୍ଚିମ ଓଡ଼ିଶାର ୫ ସହର

ଭୁବନେଶ୍ୱର, ୫।୬(ବ୍ୟୁରୋ)

ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ପଶ୍ଚିମ ଓଡ଼ିଶା। ଏପଟେ ଉପକୂଳ ଓ ଆଭ୍ୟନ୍ତର ଓଡ଼ିଶାର ସ୍ଥିତି ବିଗାଡୁଛି ଗୁଳୁଗୁଳି। ଫଳରେ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଉଛି। ପଶ୍ଚିମର ଅଧିକାଂଶ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାବେଳେ ରବିବାର ୫ଟି ସ୍ଥାନରେ ପାରଦ ୪୪ ଡିଗ୍ରୀ ଟପିଥିଲା। ଟିଟିଲାଗଡ଼ରେ ସର୍ବାଧିକ ୪୪.୬ ଡିଗ୍ରୀ ଥିବାବେଳେ ସୋନପୁର ୪୪.୫, ବୌଦ୍ଧ ୪୪.୩, ନୂଆପଡ଼ା ୪୪ ଓ ବଲାଙ୍ଗୀରରେ ତାପମାତ୍ରା ୪୪.୩ ଡିଗ୍ରୀ ରହିଥିଲା। ସେହିଭଳି ଝାରସୁଗୁଡ଼ା ୪୨.୮, ସମ୍ବଲପୁର ୪୩.୭, ସୁନ୍ଦରଗଡ଼ ୪୨.୫, ହୀରାକୁଦ ୪୨.୮, ଭବାନୀପାଟଣା ୪୩, ଫୁଲବାଣୀ ୪୦.୨ ଓ ମାଲକାନଗିରିରେ ପାରଦ ୪୨ ଡିଗ୍ରୀ ଛୁଇଁଥିବାବେଳେ ଭୁବନେଶ୍ୱର ଏବଂ ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

କୂପ ମଣ୍ଡୁକ

### ଆଜିର ମନ୍ତବ୍ୟ

"କଶ୍ମୀରରେ ସଂଖ୍ୟାଲଘୁଙ୍କ ଟାର୍ଗେଟ କିଲିଂ ବିରୋଧରେ ବିକ୍ଷୋଭ ପାଇଁ ରାଜନୈତିକ ଦଳଗୁଡ଼ିକୁ ଅନୁମତି ନ ମିଳିବା ବିଡମ୍ବନାର ବିଷୟ। ଜମ୍ମୁ-କଶ୍ମୀର ସ୍ଥିତି ସ୍ୱାଭାବିକ ଥିବା ନେଇ କେନ୍ଦ୍ର ସରକାରଙ୍କ ଦାବି କେତେ ସତ ତାହା ଏଥିରୁ ଜଣାପଡୁଛି।

-ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷ।




## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୫୨,୬୩,୧୧୫ | ୬୩,୨୦,୨୦୮ | ୫୦,୬୧,୮୨,୬୧୧ |
| ଭାରତ | ୪,୩୧,୭୮,୦୮୦ | ୫,୨୪,୬୯୨ | ୪,୨୬,୨୮,୦୭୩ |
| ଓଡ଼ିଶା | ୧୨,୮୮,୪୮୫ | ୯୧୨୬(+୫୩) | ୧୨,୭୯,୨୩୫ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସଲମାନ, ସଲିମଙ୍କୁ ହତ୍ୟା ଧମକ



**ମୁମ୍ବାଇ,୫।୬**

ବଲିଉଡ୍ ସୁପରଷ୍ଟାର ସଲମାନ୍ ଖାନ୍ ଏବଂ ବାପା ସଲିମ ଖାନ୍‌ଙ୍କୁ ହତ୍ୟା ଧମକ ମିଳିଛି। ରବିବାର ସଲମାନଙ୍କ ବାନ୍ଦ୍ରାସ୍ଥିତ ବାସଭବନରୁ ଏକ ବେନାମି ଚିଠି ସଲମାନଙ୍କ ହସ୍ତଗତ ହୋଇଥିଲା, ଯେଉଁଥିରେ ତାଙ୍କୁ ଏବଂ ବାପା ସଲିମଙ୍କୁ ଜୀବନରୁ ମାରିଦେବା କଥା ଲେଖାଯାଇଥିବା ବାନ୍ଦ୍ରା ପୋଲିସ କହିଛି। ତେବେ ଏ ନେଇ ପୋଲିସ ଷ୍ଟେଶନରେ ଏଫ୍‌ଆଇଆର୍ କରାଯାଇଥିବାବେଳେ ମୁମ୍ବାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏକ ବେଞ୍ଚରେ ଚିଠିଟି ରଖାଯାଇଥିବାବେଳେ ସଲମାନଙ୍କ ସୁରକ୍ଷା ଅଧିକାରୀ ଏହାକୁ ପାଇଥିଲେ, ଯେଉଁଥିଲେ ଲେଖାଥିଲା 'ମୂସେ ୱାଲା ଜେସା କର ଦୁଙ୍ଗା'। ମେ' ୨୯ରେ ପଞ୍ଜାବୀ ସିଙ୍ଗର୍ ସିଦ୍ଧୁ ମୂସେ ୱାଲାଙ୍କୁ ଗୁଳିକରି ହତ୍ୟା କରିଥିଲେ । ଏହା ପରେ ସଲମାନ ଖାନ୍‌ଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି।

# ଦ୍ୱିତୀୟ ବିବାହ ପାଇଁ ଆସି ଶିଶୁପାଳ ହେଲେ

**ନୀଳଗିରି,୫।୬(ସ୍ୱ.ପ୍ର)**

ପ୍ରଥମ ସ୍ତ୍ରୀ ଥାଇ ଜଣେ ବ୍ୟକ୍ତି ଦ୍ୱିତୀୟ ବିବାହ କରିବାକୁ ଆସି ପୋଲିସ ଭୟରେ ଶିଶୁପାଳ ହୋଇ ଫେରିଛନ୍ତି। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ରବିବାର ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଞ୍ଚଳର ଜଣେ ମହିଳା ସରକାରୀ ହାଇସ୍କୁଲରେ ବିଜ୍ଞାନ ଶିକ୍ଷୟିତ୍ରୀ ଥିବାବେଳେ ତାଙ୍କର ୧୫ବର୍ଷର ଝିଅଟିଏ ମଧ ଅଛି। ସ୍ୱାମୀ ଜୀବନ ବୀମାରେ ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ମାତ୍ର ବିବାହର କିଛି ବର୍ଷ ପରେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧରେ ମନୋମାଳିନ୍ୟ ଯୋଗୁ ଉଭୟ ଅଲଗା ରହୁଛନ୍ତି। ରବିବାର ସମ୍ପୃକ୍ତ ବ୍ୟକ୍ତି ଦ୍ୱିତୀୟ ବିବାହ ପାଇଁ ବରବେଶରେ ବନ୍ଧୁମାନଙ୍କୁ ନେଇ ନୀଳଗିରି ମହନ୍ତ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏପରିକି ଝିଅଘର ପକ୍ଷରୁ ୧୫ହଜାର ଟଙ୍କାର ପ୍ରସାଦ ପ୍ରସ୍ତୁତ ହୋଇସାରିଥିଲା। ମାତ୍ର ଉକ୍ତ ବ୍ୟକ୍ତିଙ୍କ ପ୍ରଥମ ସ୍ତ୍ରୀ ବିବାହ ବିଷୟରେ ପୂର୍ବରୁ ସୁରାକ ପାଇ ପ୍ରଥମେ କପ୍ତିପଦା ଥାନା ଓ ପରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ବିବାହ ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିବା ବେଳେ ପୋଲିସ ସହ ପ୍ରଥମ ସ୍ତ୍ରୀ ଓ ତାଙ୍କର ପରିଜନ ମନ୍ଦିର ନିକଟରେ ପହଞ୍ଚିଥିଲେ। ତେବେ ପୋଲିସକୁ ଦେଖି ବର ବେଶରେ ସଜ୍ଜିତ ହୋଇ ଆସିଥିବା ବ୍ୟକ୍ତି ଜଣଙ୍କ ସେଠାରୁ ଲୁଚି ପଳାଇଥିଲେ। ବରର ଏତାଦୃଶ କାର୍ଯ୍ୟ ଦେଖି କନ୍ୟାପକ୍ଷ ମଧ କନ୍ୟାଙ୍କୁ ଧରି ଉଭାନ ହୋଇଯାଇଥିଲେ। କନ୍ୟା ପକ୍ଷରୁ ଆସିଥିବା ବନ୍ଧୁବର୍ଗମାନେ ଏହା ଦେଖି ଆବାକ ହୋଇ ପଡ଼ିଥିଲେ। ରନ୍ଧା ସରିଥିବା ୧୫ହଜାର ଟଙ୍କାର ପ୍ରସାଦକୁ କିଏ ଖାଇବ, କିଏ ନେବ ବୋଲି ପ୍ରସାଦ ନିଲାମଧାରୀ ଚିନ୍ତାରେ ପଡ଼ିଯାଇଥିଲେ। ସୂଚନା ଅନୁସାରେ, ୨୦୦୫ରେ କପ୍ତିପଦା ଅଞ୍ଚଳର ଉକ୍ତ ଶିକ୍ଷୟିତ୍ରୀଙ୍କୁ ବାଲେଶ୍ୱର ଜିଲା ସଦର ଥାନା ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ବିବାହ କରିଥିଲେ। ୫୩ବର୍ଷ ବୟସ୍କ ଉକ୍ତ ବ୍ୟକ୍ତି ନୀଳଗିରି ଅଞ୍ଚଳର ଜଣେ ୪୨ବର୍ଷୀୟ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିବାକୁ ଆସିଥିବା ବେଳେ ଏପରି ହଟହଟା ହୋଇ ଫେରିଥିବା ଦେଖିବାକୁ ମିଳିଛି।

# ଡ. ଭଗବାନ ପ୍ରକାଶ ପାଇଲେ 'ଗ୍ରୀନ୍‌ମ୍ୟାନ୍ ସମ୍ମାନ'

**ଭୁବନେଶ୍ୱର, ୫।୬ (ବ୍ୟୁରୋ)**

ବିଶ୍ୱ ପରିବେଶ ଦିବସରେ ସାମାଜିକ ଅନୁଷ୍ଠାନ ପ୍ରେରଣା, ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ଏକାମ୍ରକ୍ଷେତ୍ର, ସ୍କାଇଲ୍ ପ୍ଲିଜ୍ ଓ ସୁଧାନନ୍ଦ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ 'ଜଗା ପାଇଁ ଗଛଟିଏ ଲଗା' ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିସହ ଜାତୀୟ ବୃକ୍ଷପ୍ରେମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରବିବାର ସୂଚନା ଭବନଠାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରେରଣା ପକ୍ଷରୁ ପରିବେଶବିତ୍ ତଥା ସ୍ତମ୍ଭକାର ଡ. ଭଗବାନ ପ୍ରକାଶଙ୍କୁ ଚଳିତବର୍ଷର 'ଗ୍ରୀନ୍‌ମ୍ୟାନ୍ ସମ୍ମାନ' ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ତାଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ପ୍ରେରଣାର ଅଧକ୍ଷ ଡ. ଦିଲ୍ଲୀପ ଶ୍ରୀଚନ୍ଦନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ରୋଟାରୀ କ୍ଲବର ଜିଲା ଗଭର୍ନର ଶାନ୍ତନୁ କୁମାର ସାହୁ, ବିଧାୟକ ସୁରେଶ କୁମାର ରାଉତରାୟ, ଇଂ. ବିଶ୍ୱମୋହନ ପଟ୍ଟନାୟକ, ଓଡ଼ିଶା ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ରୋଟାରୀ କ୍ଲବ ଅଫ୍ ସ୍କାଇଲ୍ ପ୍ଲିଜ୍ ସମ୍ପାଦକ ଋଷି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବୃକ୍ଷରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୩୦ଜଣଙ୍କୁ 'ଗ୍ରୀନ୍ ଆର୍ମି କମାଣ୍ଡାଣ୍ଟ ସମ୍ମାନ' ପ୍ରଦାନ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ର, ପରିବାର ଓ ଆର୍ଥିକ ଦିଗଟି ସାମାନ୍ୟ ବ୍ୟତିକ୍ରମ ଭିତରେ ଗତିକରିବ। ସବୁ କିଛି ଭଲ ମଧ୍ୟରେ ଖର୍ଚ୍ଚ ପରିମାଣ ବୃଦ୍ଧି, ଦୂରଯାତ୍ରା ଓ ସ୍ଥାନାନ୍ତରର ସୂଚନା ରହିଛି। ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ହଠାତ୍ ବଦଳି ଯିବ ଏବଂ ଅପମାନିତ ହୋଇପାରନ୍ତି। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ବୃଷ** ଆଜି ଯେତିକି ପାଇବେ ତାହାଠାରୁ ଅଧିକ ଦେବାକୁ ପଡ଼ିପାରେ। ସହକର୍ମୀଙ୍କ ସହ ମତାନ୍ତର ଘଟିବାର ସମ୍ୟକ ସୂଚନା ରହିଛି। ପରିବାର ସକାଶେ ଆକସ୍ମିକ ଆବଶ୍ୟକତା କାରଣରୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇ ଦେବ। କେତେକ କାରଣକୁ ନେଇ ଇଚ୍ଛା ନ ଥିଲେ ମଧ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ** ପାରିବାରିକ ଅଶାନ୍ତି କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ଋଣ ପରିଶୋଧ କରିବା ସକାଶେ ବିଭିନ୍ନ ପ୍ରକାର ଧନ୍ଦା କରିବାକୁ ମନ ବଳାଇବେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜିପାରନ୍ତି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ଆର୍ଥିକ ସମସ୍ୟା ନେଇ ବିଭିନ୍ନ ଦୁର୍ଭାବନା ଦୂରେଇବାରେ ସମର୍ଥ ହେବେ। ଅଧସ୍ତନ କର୍ମଚାରୀ ଜଣେ କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ କରି କଳହର ମାତ୍ରାକୁ ବଢାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ତଥା ଚଳଚ୍ଚିତ୍ର, ସାମ୍ବାଦିକତା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ସିଂହ** ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ପରାମର୍ଶକୁ ଗ୍ରହଣ କରିବା ଭଲ। ପିଲାଙ୍କୁ କେନ୍ଦ୍ରକରି କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆତ୍ମୀୟଙ୍କ ସକାଶେ ଯେତେପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ।

**କନ୍ୟା** ସାମଗ୍ରିକ ଦିଗରୁ ଦିନଟି ଭଲ ମନେ ହେଲେ ମଧ ଆପଣଙ୍କ ଉପଭୋଗ୍ୟ ହୋଇପାରିବ ନାହିଁ। ଅବଦମିତ ଇଚ୍ଛା ମନରେ ଅନାଗତ ଭୟ ସୃଷ୍ଟି କରିପାରେ। ଗୃହସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି। କର୍ମକ୍ଷେତ୍ରରେ ଯେସାକୁତେସା ନୀତିରେ କାମ କରି ବନ୍ଧୁଙ୍କ ଅପ୍ରିୟଭାଜନ ହୋଇପାରନ୍ତି।

**ତୁଳା** ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ଦୃଷ୍ଟିକୋଣ ବଦଳିଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିବା ପରି ଆଶଙ୍କା ଦେଖାଦେବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। ଅଫିସ୍‌ରୁ ଫେରିବା ସମୟରେ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** କୌଣସି ଅଭାବ ଅସୁବିଧା ନ ଥିଲେ ମଧ ମନଟା ଗୋଳେଇଘାଣ୍ଟି ଲାଗିବ। ପୁନଶ୍ଚ ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ମଧ ବଳିପଡିବ। ଅନ୍ୟମାନଙ୍କ କଥାରେ ଭାସି ନ ଯାଇ ଲୋକଙ୍କୁ ପରଖି ଯାହା କରିବା କଥା କରନ୍ତୁ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିବନ୍ଧକ ଓ ସମସ୍ୟା ଦେଖାଦେବ।

**ଧନୁ** ଆଜି ଅଭାବ ଅନୁଭବ କରିପାରିବେ ନାହିଁ। ଯାହା ଚାହିଁବେ ତାହା ପାଇବେ। ପ୍ରକାଶନ, ପ୍ରଶାସନ, ଗଣ ଯୋଗାଯୋଗ, ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ସହକର୍ମୀ କିମ୍ବା ଆତ୍ମୀୟଙ୍କଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶିକ୍ଷା, ଗଠନମୂଳକ ଆଲୋଚନା, ଆନୁଷ୍ଠାନିକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ଆର୍ଥିକ ଅଭିବୃଦ୍ଧି ପାଇଁ ବ୍ୟାଙ୍କ ଜମା କିମ୍ବା ପଲିସି କରିପାରନ୍ତି।

**କୁମ୍ଭ** ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ସମ୍ଭାବନା ରହିଛି। ବିନା ଖର୍ଚ୍ଚରେ କିମ୍ବା ସରଳ ଓ ସହଜରେ କୌଣସି କାମ ହାସଲ କରିବା ଦୁରୂହ ହୋଇପଡ଼ିବ। ପରିବାରରେ କାହାର ସ୍ୱାସ୍ଥ୍ୟହାନି କାରଣରୁ ମନ ସ୍ଥିର ରହିପାରିବ ନାହିଁ। ବନ୍ଧୁମାନଙ୍କ ସହାୟତା ନେଇ ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** କର୍ମକ୍ଷେତ୍ର ସକାଶେ ଚିନ୍ତିତ ରହିବେ କିନ୍ତୁ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଶିକ୍ଷା, ସନ୍ତାନ, ଅଧ୍ୟୟନ, ଅଧ୍ୟାପନା, ଆଲୋଚନା ପାଇଁ ଦିନଟି ପ୍ରକୃଷ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାତ୍ରା, ବ୍ୟବସାୟ, ମକଦ୍ଦମା, ସଂଗଠନ, ଲେଖାପଢ଼ାରେ ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ ଭଲ ରହିବ। କର୍ମାରମ୍ଭ ସକାଶେ ମନ ବଳାଇବେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାନ୍ଦୁଥିବ,
ଯାହା ପାଉଥିବ ବାନ୍ଧୁଥିବ ।**

ମଣିଷର ଆଶା ଅନେକ ସମୟରେ ଅପୂରଣୀୟ ହୋଇ ରହିଯାଏ। ଆଶାନୁରୂପ ନ ମିଳିଲେ ବା ନ ପାଇଲେ ମନ ବିରସ ହୋଇଯାଏ। ତେବେ ମନ ଊଣା ନ କରି ଯେତିକି ମିଳିଲା ସେତିକିରେ ସନ୍ତୁଷ୍ଟ ହେବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଡ଼ାକେ ଡରି କଡ଼ାକେ ମରି
କଡ଼ାକେ ଘର ଦୁଆର କରି।**

ଘର ସଂସାର କରିଥିଲେ ଅନେକ ଦୁଃଖ କଷ୍ଟ ସହିବାକୁ ପଡିଥାଏ। ଜଞ୍ଜାଳକୁ ଡରି ନ ଯାଇ ଯିଏ ଦୃଢ ଭାବେ ମୁକାବିଲା କରେ ସିଏ ହିଁ ସବୁ କ୍ଷେତ୍ରରେ ସଫଳ ହୋଇଥାଏ। ସ୍ୱଳ୍ପ ଆୟରେ ଯିଏ ଘର ସଂସାର ସୁରୁଖୁରୁରେ ଚଳାଇଦିଏ ସେ ହିଁ ପ୍ରଶଂସାର ପାତ୍ର ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଏକତରଫା ପ୍ରେମ: ଯୁବକଙ୍କ ଉନ୍ମତ୍ତ କାଣ୍ଡ

**ନିର୍ବନ୍ଧ ହୋଇ ପାରିଲାନି, କନ୍ୟା ଘରୁ ଫେରିଗଲେ ବରପକ୍ଷ**

**ନୀଳଗିରି,୫।୬(ସ୍ୱ.ପ୍ର)**

ଏକତରଫା ପ୍ରେମ କରୁଥିବା ଜଣେ ଯୁବକ ଗାଁ ଦାଣ୍ଡରେ ଭୁଜାଲି ଧରି ଆତଙ୍କ ସୃଷ୍ଟି କରିବା ଯୋଗୁ ନିର୍ବନ୍ଧ ପାଇଁ କନ୍ୟା ଘରକୁ ଆସିଥିବା ବରପକ୍ଷ ଫେରିଯିବା ଚର୍ଚ୍ଚାର ବିଷୟ ହୋଇଛି। ଗ୍ରାମବାସୀ ଉନ୍ମତ୍ତ ଯୁବକ ଓ ତାଙ୍କ ସହଯୋଗୀଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ବଡ଼ପାଟପୁର ଗ୍ରାମରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ରବିବାର ବଡ଼ପାଟପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଝିଅର ଲଗ୍ନଧରା(ନିର୍ବନ୍ଧ) ଚାଲିଥିଲା। ଏହି ସମୟରେ ସେହି ଗ୍ରାମର ଜଗନ୍ନାଥ ମଲିକଙ୍କ ସମେତ ତାଙ୍କର ୬ ସହଯୋଗୀ ଠେଙ୍ଗା, ଭୁଜାଲି, ଖଣ୍ଡା, କଟୁରୀ ଧରି ବରପକ୍ଷଙ୍କୁ ଧମକଚମକ ଦେବାସହ ଗାଳିଗୁଲଜ କରିଥିଲେ। ଗ୍ରାମବାସୀ ଓ ବରପକ୍ଷ ଏହାର ପ୍ରତିବାଦ କରିବାରୁ ସେମାନେ ଆକ୍ରମଣର ଶିକାର ହୋଇଥିଲେ। ଫଳରେ ନିର୍ବନ୍ଧ ନ କରି ବରପକ୍ଷ ପଳାଇ ଯାଇଥିଲେ। ଅଭିଯୁକ୍ତମାନେ ଘରେ ପଶି ଯୁବତୀଙ୍କୁ ଜୋରଜବରଦସ୍ତ ଉଠାଇ ନେବାକୁ ବସିଥିବା ବେଳେ ଗ୍ରାମବାସୀ ଏକତ୍ରିତ ହୋଇ ସମସ୍ତ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରୁ ଜଗନ୍ନାଥ ଓ ସହଯୋଗୀ ବିଶ୍ୱଜିତ ପରିଡ଼ାଙ୍କୁ ଥାନାକୁ ନେଇ ଅଟକ ରଖିଛି। ଏ ନେଇ କନ୍ୟା ପିତା ନୀଳଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ମୃତ

**ବିଶୋଇ/ରାଇରଙ୍ଗପୁର, ୫।୬(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୫୦ ନଂ. ରାଜ୍ୟ ରାଜପଥର ମଧୁପୁର ଛକ ନିକଟରେ ରବିବାର ଦିନ ଗୋଟାଏ ବେଳେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଦୁଇ ମୃତକ ହେଲେ ଲୁହାକାନି ପଞ୍ଚାୟତ ଜେଡେରଘୁଟୁ ଗ୍ରାମର ଦୁଇ ସମ୍ପର୍କୀୟ ଭାଇ ଦାସମାତ ହେମ୍ବ୍ରମ(୩୯) ଓ କରରାମ ମୁର୍ମୁ (୩୮)। ଗୁରୁତର ହେଲେ ଉକ୍ତ ଗ୍ରାମର ବୁଢାନ ମୁର୍ମୁ(୨୧)। ସୂଚନା ଅନୁଯାୟୀ, ୩ଜଣ ରାଶନ ଚାଉଳ ଆଣିବା ପାଇଁ ଏକ ବାଇକ୍‌ରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ବାଲେଶ୍ୱରରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ଏକ ପଲିଥିନ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ମଧୁପୁର ଛକଠାରେ ବାଇକ୍‌କୁ ଧକ୍କା ଦେଇ ରାସ୍ତାରେ ଓଲଟି ପଡ଼ିଥିଲା। ଭ୍ୟାନ୍ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଦାସମାତ, କରରାମ ଓ ବୁଢାନ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ବିଶୋଇ ଦମକଳ ବାହିନୀ ଓ ପୋଲିସ ପହଞ୍ଚି ସେମାନଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ପ୍ରଥମେ ଦାସମାତଙ୍କୁ ମୃତ ଘଷଣା କରିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ସାଢ଼େ ୫ଟା ବେଳେ କରରାମଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବିଶୋଇ ପୋଲିସ ଏକ ମାମଲା (ନଂ.୮୫/୨୨) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଭ୍ୟାନ୍ ଡ୍ରାଇଭରଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

classifieds Everyday 0674-2580101, 2549302

real estate

**SALE**

ଭୁବନେଶ୍ୱରର ଛତାବରରେ Rs.299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-606

SBI Colony ପାଖ Kesuraରେ immediate ଘରକରି ରହିବା ପାଇଁ ଘରବାରି plot ମିଳୁଛି। 9692213354. D-73913

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NH ପାଖରେ develope plot ଘରକରି ରହିବା ପାଇଁ ମିଳୁଛି। 9692213354. D-73912

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259

Residential plot for sale 2.5km from Patia Railway Station sqft.-850/- (ready for construction). 7978729819. D-73258

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**GENERAL**

**SALE**

ଶାଢ଼ି ୧୦୦୦ରୁ ୨୦୦୦ଟଙ୍କା ମୂଲ୍ୟର ୨୦୦ଖଣ୍ଡ ପ୍ରତ୍ୟେକ ୫୦୦ଟଙ୍କାରେ ବିକ୍ରିହେବ। 9090057547. D-70278

healthcare

A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73815

Newly open SPA positively health benefit with expert. Contact: 7749976301. D-73809

Newly open full body massage ladies and gents. 7750077371. D-73911

Full body massage in homely atmosphere all therapy. Mob.- 8114881641. D-73404

Newly open SPA positively health benefits by expert therapist. 8455987557. D-73611

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73814

Newly open full body massage ladies and gents. 8327740003, 8093860513. D-73914

## ପ୍ରଥମ ପୃଷ୍ଠାରୁ...

### ଶପଥ ନେଲେ ..

ପ୍ରଫୁଲ୍ଲ କୁମାର ମଲ୍ଲିକ, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ କୁମାର ଅମାତ, ନବକିଶୋର ଦାସ, ଅଶୋକ ଚନ୍ଦ୍ର ପଣ୍ଡା, ଟୁକୁନି ସାହୁ ଓ ରାଜେନ୍ଦ୍ର ଢୋଲକିଆ। ସେହିପରି ସମୀର ରଞ୍ଜନ ଦାଶ, ଅଶ୍ୱିନୀ କୁମାର ପାତ୍ର, ପ୍ରୀତିରଞ୍ଜନ ଘଡ଼େଇ, ଶ୍ରୀକାନ୍ତ ସାହୁ, ତୁଷାରକାନ୍ତି ବେହେରା, ରୋହିତ ପୂଜାରୀ, ରୀତା ସାହୁ ଓ ବାସନ୍ତୀ ହେମ୍ବ୍ରମ୍ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)ଭାବେ ଶପଥ ନେଇଛନ୍ତି। ଗତ ମନ୍ତ୍ରିମଣ୍ଡଳରେ ୨୦ ମନ୍ତ୍ରୀ ଶପଥ ନେଇଥିବା ବେଳେ ଏଥର ୨୧ ଜଣ ମନ୍ତ୍ରୀ ହୋଇଛନ୍ତି।

ଶପଥ ଗ୍ରହଣ ପରେ ମନ୍ତ୍ରୀମାନଙ୍କୁ ବିଭାଗ ଆବଣ୍ଟନ କରାଯାଇଛି। ଜଗନ୍ନାଥ ସାରକାଙ୍କୁ ଏସ୍‌ସି ଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ, ପଛୁଆ ବର୍ଗ କଲ୍ୟାଣ, ଆଇନ ବିଭାଗ ମିଳିଥିବାବେଳେ ନିରଞ୍ଜନ ପୂଜାରୀଙ୍କୁ ଅର୍ଥ, ସଂସଦୀୟ ବ୍ୟାପାର ବିଭାଗ, ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ପ୍ରମିଳା ମଲ୍ଲିକଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଷା ଦେବୀଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗ, ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଇସ୍ପାତ ଓ ଖଣି ଏବଂ ପୂର୍ତ୍ତ ବିଭାଗ, ପ୍ରତାପ କେଶରୀ ଦେବଙ୍କୁ ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଶକ୍ତି ବିଭାଗ, ଅତନୁ ସବ୍ୟସାଚୀ ନାୟକଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ, ପ୍ରଦୀପ କୁମାର ଅମାତଙ୍କୁ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ବିଭାଗ, ନବକିଶୋର ଦାସଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଟୁକୁନି ସାହୁଙ୍କୁ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ରାଜେନ୍ଦ୍ର ଢୋଲକିଆଙ୍କୁ ଯୋଜନା ଓ ସଂଯୋଜନ ବିଭାଗ ଦାୟିତ୍ୱ ଦିଆଯାଇଛି।

ସେହିପରି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)ଭାବେ ସମୀର ରଞ୍ଜନ ଦାଶଙ୍କୁ ପୁନର୍ବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱ ଦିଆଯାଇଥିବା ବେଳେ ଅଶ୍ୱିନୀ କୁମାର ପାତ୍ରଙ୍କୁ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ବିଭାଗ, ପ୍ରୀତିରଞ୍ଜନ ଘଡ଼େଇଙ୍କୁ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଶ୍ରୀକାନ୍ତ ସାହୁଙ୍କୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ତୁଷାରକାନ୍ତି ବେହେରାଙ୍କୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ବିଭାଗ ସମେତ ଗୃହ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ, ରୋହିତ ପୂଜାରୀଙ୍କୁ ଉଚ୍ଚ ଶିକ୍ଷା ବିଭାଗ, ରୀତା ସାହୁଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଏବଂ ବାସନ୍ତୀ ହେମ୍ବ୍ରମ୍‌ଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱ ଦିଆଯାଇଛି। ଗତ ମନ୍ତ୍ରିମଣ୍ଡଳରେ ଥିବା ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନବକିଶୋର ଦାସ, ପ୍ରଫୁଲ୍ଲ କୁମାର ମଲ୍ଲିକ, ଟୁକୁନି ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ଜଗନ୍ନାଥ ସାରକା, ସମୀର ରଞ୍ଜନ ଦାଶ ଓ ତୁଷାରକାନ୍ତି ବେହେରା ନିଜର ମନ୍ତ୍ରୀପଦ ବଜାୟ ରଖିଛନ୍ତି। ସେମାନଙ୍କ ମଧ୍ୟରୁ ଅଶୋକ ଚନ୍ଦ୍ର ପଣ୍ଡା ଓ ଜଗନ୍ନାଥ ସାରକାଙ୍କୁ ରାଷ୍ଟ୍ରମନ୍ତ୍ରୀରୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ତେବେ ନୂଆ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ମନ୍ତ୍ରୀମାନଙ୍କ ମଧ୍ୟରୁ କେବଳ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ବାଦ୍ ଦେଲେ ଅନ୍ୟ ମନ୍ତ୍ରୀମାନଙ୍କର ବିଭାଗ ପ୍ରାୟତଃ ପୂର୍ବଭଳି ରହିଛି। ଏଥିସହିତ ଗୋଟିଏ କିମ୍ବା ଦୁଇଟି ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜଗନ୍ନାଥ ସାରକାଙ୍କୁ ଆଇନ, ତୁଷାରକାନ୍ତି ବେହେରାଙ୍କୁ ଗୃହ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି।

ଜନଜାତି ବିଧାୟକଙ୍କଠାରୁ ଶପଥ ଗ୍ରହଣ ଆରମ୍ଭ ହୋଇ ଜନଜାତି ମହିଳା ବିଧାୟିକାଙ୍କ ନିକଟରେ ଶେଷ ହୋଇଥିଲା। ମନ୍ତ୍ରୀମାନେ ଜଣକ ପରେ ଜଣେ ମୁଖ୍ୟମନ୍ତ୍ରୀଙ୍କ ପାଦ ଛୁଇଁ ଶପଥ ଗ୍ରହଣ କରିଥିଲେ।

ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ବିଜେପୁର ବିଧାୟିକା ରୀତା ସାହୁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ୍ ନୂଆ ଚେହେରା ଭାବେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ସେହିପରି ପ୍ରମିଳା ମଲ୍ଲିକ, ଉଷା ଦେବୀ, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ ଓ ପ୍ରଦୀପ ଅମାତଙ୍କ ଭଳି ପୂର୍ବତନ ମନ୍ତ୍ରୀ ତଥା ପୁରୁଣା ଚେହେରାକୁ ନବୀନ ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି। ସେମାନେ ପୂର୍ବରୁ ଭିନ୍ନ ଭିନ୍ନ ସମୟରେ ମନ୍ତ୍ରୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କ ଉପରେ ପୁଣିଥରେ ଆସ୍ଥା ପ୍ରକଟ କରିଛନ୍ତି।

ନୂଆ ମନ୍ତ୍ରିମଣ୍ଡଳରେ ସବୁ ବର୍ଗଙ୍କୁ ସନ୍ତୁଷ୍ଟ କରିବାକୁ ନବୀନ ଚେଷ୍ଟା କରିଛନ୍ତି। ଏଥିରେ ଆଦିବାସୀ, ମହିଳା, ଯୁବ, ପୁରୁଖାଙ୍କୁ ସାମିଲ କରି ଏକ ସମତୁଲ ମନ୍ତ୍ରିମଣ୍ଡଳ ଗଠନ କରିଛନ୍ତି। ତେବେ ଗତ ମନ୍ତ୍ରିମଣ୍ଡଳରେ ଆଦୌ ମନ୍ତ୍ରୀ ନ ଥିବା କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାରୁ ମୋଟ ୪ ଜଣଙ୍କୁ ମନ୍ତ୍ରୀ କରାଯାଇଛି। ଯାଜପୁରରୁ ପ୍ରମିଳା ମଲ୍ଲିକ ଓ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ମନ୍ତ୍ରୀ ପଦରେ ବସାଯାଇଥିବା ବେଳେ କେନ୍ଦ୍ରାପଡ଼ାରୁ ପ୍ରତାପ ଦେବ ଓ ଅତନୁ ସବ୍ୟସାଚୀଙ୍କୁ ମନ୍ତ୍ରୀପଦ ଦେଇ ନବୀନ ଉଭୟ ଜିଲାର ମତଦାତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଛନ୍ତି। ସେହିପରି ପୁରୀରୁ ଦୁଇଜଣଙ୍କୁ ପୁନର୍ବାର ମନ୍ତ୍ରୀ କରାଯାଇଥିବା ବେଳେ ନୟାଗଡ଼, ଜଗତସିଂହପୁର, କେନ୍ଦୁଝର, ଭଦ୍ରକ, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ଦେବଗଡ଼, ସୁନ୍ଦରଗଡ଼, କଳାହାଣ୍ଡି, ଅନୁଗୋଳ, କନ୍ଧମାଳ, ଗଜପତିରୁ କାହାରିକୁ ମନ୍ତ୍ରୀପଦ ମିଳିନାହିଁ।

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ମନ୍ତ୍ରିମଣ୍ଡଳରେ ସବୁ ଅଞ୍ଚଳକୁ ଗୁରୁତ୍ୱ ଦିଆଯାଇଛି। ପଶ୍ଚିମ ଓଡ଼ିଶାର ଦୁଇଜଣ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ସୁଶାନ୍ତ ସିଂଙ୍କୁ ବାଦ୍ ଦିଆଯାଇଥିଲେ ମଧ ତାଙ୍କ ସ୍ଥାନରେ ନୂଆମୁହଁ ଭାବେ ରୀତା ସାହୁ ଓ ରାଜେନ୍ଦ୍ର ଢୋଲକିଆଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। ସବୁଠାରୁ ବଡ଼କଥା ହେଲା, ଦୀର୍ଘବର୍ଷ ଧରି ମନ୍ତ୍ରୀ ଥିବା ଭଞ୍ଜନଗର ବିଧାୟକ ବିକ୍ରମ ଆରୁଖଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରାଯାଇଛି। ଗଞ୍ଜାମ ଜିଲାରୁ ଉଷା ଦେବୀ ଏବଂ ଶ୍ରୀକାନ୍ତ ସାହୁଙ୍କୁ ମନ୍ତ୍ରୀ କରାଯାଇଛି। ତେବେ ସୂର୍ଯ୍ୟନାରାୟଣ ପାତ୍ର ଇସ୍ତଫା ଦେଇଥିବାରୁ ବିକ୍ରମଙ୍କୁ ବାଚସ୍ପତି ପଦବୀ ମିଳିବା ନେଇ ଆପାତତଃ ସ୍ଥିର ହୋଇଛି।

ଅନ୍ୟପକ୍ଷରେ ନୂଆ ମନ୍ତ୍ରିମଣ୍ଡଳରେ ନବୀନ ମହିଳାଙ୍କୁ ଅଗ୍ରାଧିକାର ଦେଇଛନ୍ତି। ଗତ ମନ୍ତ୍ରିମଣ୍ଡଳରେ ଦୁଇଜଣ ଟୁକୁନି ସାହୁ ଓ ପଦ୍ମିନୀ ଦିଆନ ମହିଳା ମନ୍ତ୍ରୀ ଥିବା ବେଳେ ଚଳିତ ମନ୍ତ୍ରିମଣ୍ଡଳରେ ୫ ଜଣଙ୍କୁ ମନ୍ତ୍ରୀ କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କ୍ୟାବିନେଟ ପାହ୍ୟା ଦିଆଯାଇଥିବା ବେଳେ ୨ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ କରାଯାଇଛି। ୨ ଜଣ ନୂଆ ମନ୍ତ୍ରୀ ହୋଇଛନ୍ତି। କେବଳ ସେତିକି ନୁହେଁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଗୃହ ଓ ନଗର ଉନ୍ନୟନ, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ନ୍ୟସ୍ତ କରି ମହିଳାଙ୍କ କାର୍ଯ୍ୟଦକ୍ଷତା ଉପରେ ମୁଖ୍ୟମନ୍ତ୍ରୀ ଆସ୍ଥା ପ୍ରକଟ କରିଛନ୍ତି।

### ପଶ୍ଚିମରେ ତାତି, ...

କଟକରେ ଯଥାକ୍ରମେ ୩୩.୮ ଓ ୩୪ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ତାତି ଓ ଗୁଳୁଗୁଳି ଜାରି ରହିବ। ଆସନ୍ତା ଦୁଇଦିନ ବଲାଙ୍ଗୀର, ସୋନପୁର, ବୌଦ୍ଧ ଏବଂ ବରଗଡ଼ ଆଦି ୪ ଜିଲାକୁ ହିଟ୍ ୱେଭ୍ ବା ଗ୍ରୀଷ୍ମ ପ୍ରବାହ ହେବ। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିବା ସହିତ ସତର୍କ କରାଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବିଶେଷ କରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାକ୍‌ସାବଧାନତା ଅବଲମ୍ବନ କରିବା ପାଇଁ କୁହାଯାଇଛି। ଏଥିସହ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତର ସମ୍ଭାବନା ରହିଥିବାରୁ କେତେକ ଜିଲାକୁ ୟେଲୋ ୱାର୍ନିଂ ମଧ ଜାରି କରାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ ସୂଚନାନୁସାରେ, ୧୨ ତାରିଖ ପୂର୍ବରୁ ରାଜ୍ୟକୁ ମୌସୁମୀ ଆସିବ ନାହିଁ। ବର୍ତ୍ତମାନ ଉତ୍ତର ପଶ୍ଚିମ ଆଡୁ ଆଭ୍ୟନ୍ତରୀଣ ଓଡ଼ିଶାକୁ ଶୁଷ୍କ ବାୟୁ ପ୍ରବେଶ କରୁଛି। ତେଣୁ ଦିନରେ ପ୍ରଚଣ୍ଡ ଖରା ହେଉଛି। ଉପକୂଳରେ ଆକାଶ ସାମାନ୍ୟ ମେଘାଚ୍ଛନ୍ନ ସାଙ୍ଗକୁ ସାମୁଦ୍ରିକ ବାୟୁ ପ୍ରବେଶ କରୁଛି। ଫଳରେ ଜଳବାୟୁରେ ଥିବା ଆର୍ଦ୍ରତା ଗୁଳୁଗୁଳି ବଢ଼ାଉଛି। ଉପକୂଳରେ ଦିନରେ ୫୦% ଗୁଳୁଗୁଳି ରହୁଥିବାବେଳେ ସନ୍ଧ୍ୟା ସମୟରେ ଏହା ବୃଦ୍ଧି ପାଇ ୭୦% ହୋଇଯାଉଛି। ତେଣୁ ରାତିରେ ମଧ ଅଧିକ ଗୁଳୁଗୁଳି ଅନୁଭୂତ ହେଉଛି। ୧୧ ତାରିଖ ପର୍ଯ୍ୟନ୍ତ ତାତି ଲାଗି ରହିବ। ଫଳରେ ମୌସୁମୀ ଆସିବାରେ ବି ବିଳମ୍ବ ହେଉଛି। ତେବେ ଆସନ୍ତା ୧୨ ତାରିଖବେଳକୁ ମୌସୁମୀ ଦକ୍ଷିଣ ଓଡ଼ିଶା ଛୁଇଁବା ନେଇ ପୂର୍ବାନୁମାନ କରାଯାଉଛି। ହେଲେ ଏହା ଦୁର୍ବଳ ରହିବ। ତେଣୁ ବିଶେଷ ବର୍ଷା ହେବ ନାହିଁ ବୋଲି ପାଣିପାଗ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ କହିଛନ୍ତି।



ଲୋକସେବା ଭବନ କନଭେନ୍‌ସନ୍ ହଲଠାରେ ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୧୩ କ୍ୟାବିନେଟ ଓ ୮ ରାଷ୍ଟ୍ରମନ୍ତ୍ରୀଙ୍କୁ ଶପଥ ପାଠ କରାଉଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶପଥପାଠ କାର୍ଯ୍ୟକ୍ରମରେ ଉପସ୍ଥିତ ନେତାମାନେ ସ୍ୱାଗତ ଜଣାଉଛନ୍ତି।

# ନୂଆ ମନ୍ତ୍ରୀଙ୍କୁ ୬-ଟି ମନ୍ତ୍ର ଦେଲେ ନବୀନ

## 'ଅଞ୍ଚଳ ଗସ୍ତ କରି ସମାଜର ଶେଷଧାଡ଼ିର ଲୋକଙ୍କ ନିକଟରେ ପହଞ୍ଚ'

ଭୁବନେଶ୍ୱର,୫।୬(ବ୍ୟୁରୋ)

ଶପଥ ଗ୍ରହଣ କରିଥିବା ନୂଆ ମନ୍ତ୍ରୀମାନେ ୫-ଟି ବଦଳରେ ୬-ଟି ରେ କାମ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ଗୁରୁମନ୍ତ୍ର ଦେଇଛନ୍ତି। ପୂର୍ବର ଟ୍ରାନ୍ସପରେନ୍ସି, ଟିମ୍ ୱାର୍କ, ଟେକ୍ନୋଲୋଜି, ଟାଇମ୍, ଟ୍ରାନ୍ସଫରମେଶନ(୫-ଟି)କୁ ନେଇ କାର୍ଯ୍ୟ ହେଉଥିଲା। ଏବେ ଏଥିରେ ଆଉ ଏକ 'ଟି' ଅର୍ଥାତ୍ ଟୁର୍ ଯୋଡ଼ିହୋଇଛି। ଟୁର୍ କରି ସମାଜର ଶେଷଧାଡ଼ିର ଲୋକଙ୍କ ନିକଟରେ ପହଞ୍ଚିବାକୁ ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲା ଓ ବ୍ଲକସ୍ତରକୁ ଗସ୍ତ କରିବାକୁ ସମସ୍ତ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କ ସମସ୍ୟା ସହ ଅବଗତ ହୋଇ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଲୋକଙ୍କ ବିକାଶ ପାଇଁ ଯତ୍ନଶୀଳ ହେବା ସହ ୨୦୨୪ ପୂର୍ବରୁ ବିଜେଡିର ନିର୍ବାଚନୀ ଇସ୍ତାହାର ଶତପ୍ରତିଶତ ପୂରଣ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। କାର୍ଯ୍ୟରେ ସ୍ୱଚ୍ଛତା ରଖିବା ସହ ବିବାଦରେ ନ ପଡ଼ିବାକୁ ମନ୍ତ୍ରୀମାନଙ୍କୁ ନବୀନ ପରାମର୍ଶ ଦେଇଛନ୍ତି।

ଦାୟିତ୍ୱ ବଣ୍ଟନ ପରେ ରବିବାର ଅପରାହ୍ନରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ନବକିଶୋର ଦାସ, ସମୀର ରଞ୍ଜନ ଦାଶ, ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଜଗନ୍ନାଥ ସାରକା, ବାସନ୍ତୀ ହେମ୍ବ୍ରମ୍, ଟୁକୁନି ସାହୁ ଓ ତୁଷାରକାନ୍ତି ବେହେରାଙ୍କ ସମେତ ସମସ୍ତ ୨୧ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ନିବାସରେ ସାକ୍ଷାତ୍ କରିଛନ୍ତି। ସେଠାରେ ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କୁ ସୁଶାସନ ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଏଥିସହ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ନବୀନ ଆହ୍ୱାନ କରିଛନ୍ତି।



ଲୋକସେବା ଭବନ କନ୍‌ଭେନ୍‌ସନ ହଲରେ ମନ୍ତ୍ରିମଣ୍ଡଳ ଶପଥପାଠ ଉତ୍ସବରେ ଯୋଗଦେଇଥିବା ୫-ଟି ସଚିବ ଭି.କେ. ପାଣ୍ଡିୟାନ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ବିଧାୟକ ସୁଶାନ୍ତ ରାଉତ, ରାଜନୈତିକ ନେତୃମଣ୍ଡଳୀ, ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀ।

## ପ୍ରଥମ ଥର ଲୋକସେବା ଭବନରେ ଶପଥ

**ଭୁବନେଶ୍ୱର,୫।୬(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳିର ଦ୍ୱିତୀୟ ପର୍ଯ୍ୟାୟ ମନ୍ତ୍ରିମଣ୍ଡଳ ପୁନର୍ଗଠନରେ ଅନେକ କିଛି ନୂଆ ଦେଖିବାକୁ ମିଳିଛି। ପ୍ରଚଳିତ ପରମ୍ପରା ଅନୁଯାୟୀ, ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ ଉତ୍ସବ ରାଜଭବନରେ ଅନୁଷ୍ଠିତ ହୋଇଥାଏ। ଚଳିତ ଶପଥ ଗ୍ରହଣ ଉତ୍ସବ ପ୍ରଥମ ଥର ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରରେ ହୋଇଛି। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୪୦ ମିନିଟ୍‌ରେ କନ୍‌ଭେନ୍‌ସନ ସେଣ୍ଟରକୁ ପ୍ରବେଶ କରିଥିଲେ। ଏହାପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମନ୍ତ୍ରୀମାନଙ୍କର ଶପଥ ପାଠ ଉତ୍ସବ ଆରମ୍ଭ କରି ଜଣକ ପରେ ଜଣେ ବିଧାୟକଙ୍କୁ ଶପଥ ନେବା ପାଇଁ ଡାକିଥିଲେ। ରାଜ୍ୟପାଳ ଗଣେଶୀ ଲାଲ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

## ଆରମ୍ଭରୁ ଜଗନ୍ନାଥ ଶେଷରେ ବାସନ୍ତୀ

ଭୁବନେଶ୍ୱର,୫।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ସବୁ କାମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରିଥାଆନ୍ତି। ବିଜେଡି ସରକାରର ପଞ୍ଚମ ପାଳିର ଦ୍ୱିତୀୟ ପର୍ଯ୍ୟାୟ ମନ୍ତ୍ରିମଣ୍ଡଳ ଗଠନ ବେଳେ ଜଗନ୍ନାଥଙ୍କ ନାମକୁ ନେଇ ଚର୍ଚ୍ଚା ହୋଇଛି। ରବିବାର ଶପଥ ଗ୍ରହଣ ଉତ୍ସବ ଜଗନ୍ନାଥରୁ ହିଁ ଆରମ୍ଭ ହୋଇଥିବା ବେଳେ ବାସନ୍ତୀଙ୍କ ନାମରେ ଶେଷ ହୋଇଥିଲା। ଦୁଇ ଆଦିବାସୀ ବିଧାୟକଙ୍କଠାରୁ ଶପଥ ଗ୍ରହଣ ଆରମ୍ଭ ଓ ଶେଷ ହେବା ନବୀନଙ୍କ ଜନଜାତି ବର୍ଗଙ୍କ ପ୍ରତି ଥିବା ସମ୍ମାନକୁ ଦର୍ଶାଉଛି। ରବିବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ରାଜ୍ୟପାଳ ଗଣେଶୀ ଲାଲା ଶପଥ ପାଠ କରାଇଥିଲେ। ପ୍ରଥମେ ବିଷମକଟକ ବିଧାୟକ ଜଗନ୍ନାଥ ସାରକାଙ୍କଠାରୁ ଶପଥ ପାଠ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରମିଳା ମଲ୍ଲିକ, ଉଷା ଦେବୀ, ପ୍ରଫୁଲ୍ଲ କୁମାର ମଲ୍ଲିକ, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ କୁମାର ଅମାତ, ନବକିଶୋର ଦାସ, ଅଶୋକ ଚନ୍ଦ୍ର ପଣ୍ଡା, ଟୁକୁନି ସାହୁ, ରାଜେନ୍ଦ୍ର ଢୋଲକିଆ, ସମୀର ରଞ୍ଜନ ଦାଶ, ଅଶ୍ୱିନୀ କୁମାର ପାତ୍ର, ପ୍ରୀତିରଞ୍ଜନ ଘଡ଼େଇ, ଶ୍ରୀକାନ୍ତ ସାହୁ, ତୁଷାରକାନ୍ତି ବେହେରା, ରୋହିତ ପୂଜାରୀ, ରୀତା ସାହୁ ଓ ବାସନ୍ତୀ ହେମ୍ବ୍ରମ୍ ଶପଥ ନେଇଥିଲେ।

# ମନ୍ତ୍ରିମଣ୍ଡଳରେ ୫ ମହିଳା, ଟୁକୁନିଙ୍କୁ ପୁଣି ସୁଯୋଗ

ଭୁବନେଶ୍ୱର, ୫।୬(ବ୍ୟୁରୋ)

- ଉଷା, ପ୍ରମିଳା ପୂର୍ବରୁ ମନ୍ତ୍ରୀ ଥିଲେ
- ପ୍ରଥମ କରି ମନ୍ତ୍ରୀ ହେଲେ ରୀତା, ବାସନ୍ତି

ବିଜେଡି ସରକାରର ୫ମ ପାଳିର ଦ୍ୱିତୀୟ ମନ୍ତ୍ରିମଣ୍ଡଳ ମୋଟ ୨୧ ମନ୍ତ୍ରୀଙ୍କ ମଧ୍ୟରୁ ୫ ମହିଳାଙ୍କୁ ସ୍ଥାନ ମିଳିଛି। ସେମାନଙ୍କ ମଧ୍ୟରେ ୩ ଜଣଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଥିବା ବେଳେ ୨ଜଣ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇଛନ୍ତି। ବରିଷ୍ଠ ବିଧାୟିକା ଉଷା ଦେବୀ, ପ୍ରମିଳା ମଲ୍ଲିକ ଏବଂ ଟୁକୁନି ସାହୁଙ୍କୁ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଛି। ୨୦୧୯ରେ ଟୁକୁନି ସାହୁ ମନ୍ତ୍ରୀ ଥିବାବେଳେ ତାଙ୍କୁ ପୁଣିଥରେ ଦାୟିତ୍ୱ ମିଳିଛି। ରାଷ୍ଟ୍ରମନ୍ତ୍ରୀ ଭାବେ ରୀତା ସାହୁ ଏବଂ ବାସନ୍ତି ହେମ୍ବ୍ରମ୍‌ଙ୍କୁ ଦାୟିତ୍ୱ ମିଳିଛି। ରୀତା ସାହୁ ଏବଂ ବାସନ୍ତି ହେମ୍ବ୍ରମ ନୂଆକରି ମନ୍ତ୍ରୀ ହୋଇଥିବାବେଳେ ଉଷା ଦେବୀ ଏବଂ ପ୍ରମିଳା ମଲ୍ଲିକ ପୂର୍ବରୁ ମନ୍ତ୍ରୀ ରହିସାରିଛନ୍ତି।



ଲୋକସେବା ଭବନ କନଭେନସନ ହଲର ପ୍ରବେଶ ପଥରେ ଅପେକ୍ଷା କରି ରହିଥିବା ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ।



ମନ୍ତ୍ରିମଣ୍ଡଳରୁ ବାଦ୍ ପଡିଥିବା ପ୍ରତାପ ଜେନା ଏବଂ ଦିବ୍ୟଶଙ୍କର ମିଶ୍ର।

## ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ଅସୁସ୍ଥ

### ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୬(ବ୍ୟୁରୋ)

ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଅସୁସ୍ଥ ଥିବା ଜଣାପଡ଼ିଛି। ସେ ଦୁଇ ଦିନ ହେବ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଥିଲେ, ଏବେ ଘରେ ଅଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ତାଙ୍କ ଆସୁ ଆରୋଗ୍ୟ କାମନା କରିଛନ୍ତି। ନବୀନ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ପୂର୍ବତନ ବାଚସ୍ପତି ଅସୁସ୍ଥ ଥିବା ସହ ତାଙ୍କ ଚିକିତ୍ସା ବିଷୟରେ ଜାଣିବାକୁ ପାଇଲି। ତାଙ୍କର ଆଶୁ ଆରୋଗ୍ୟ ସହ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ସୂର୍ଯ୍ୟ ପାତ୍ରଙ୍କ ଆଖିରେ ସଂକ୍ରମଣଜନିତ ସମସ୍ୟା ଦେଖାଦେଇଥିବା ବେଳେ ବୃକ୍କରେ ସଂକ୍ରମଣ ହେବାରୁ ତାଙ୍କୁ ଚିକିତ୍ସା ଲାଗି ହସ୍ପିଟାଲ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ଭଲ ହେବାରୁ ତାଙ୍କୁ ରାଜଧାନୀସ୍ଥିତ ବାସଭବନରେ ଘରୋଇ ଚିକିତ୍ସାରେ ଏବେ ରଖାଯାଇଛି ବୋଲି ଜଣାପଡ଼ିଛି।



ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବାକୁ ଆସିଥିବା କଟକ ଡେପୁଟି ମେୟର ଦମୟନ୍ତୀ ମାଝୀ।



ଶପଥଗ୍ରହଣ ପରେ ନୂଆମନ୍ତ୍ରିମଣ୍ଡଳ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

> ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। –ଶ୍ରୀଅରବିନ୍ଦ



# କୂପମଣ୍ଡୂକ

ନୂପୁର ଶର୍ମା ଏବେ ଅନ୍ତର୍ଜାତୀୟ ସ୍ତରକୁ ଚାଲିଗଲେଣି। ହାତଗଣତି କେତେକ ନିର୍ବୁଦ୍ଧିଆଙ୍କ କାର୍ଯ୍ୟକଳାପ ଯୋଗୁ ଭାରତର ଭାବମୂର୍ତ୍ତି ବିଶ୍ୱସ୍ତରରେ କ୍ଷୁଣ୍ଣ ହେଉଛି। ବୋକାଙ୍କ ବୁଦ୍ଧିରେ କାର୍ଯ୍ୟ ପରିଚାଳିତ ହେଲେ ତାହାର ପ୍ରତିକ୍ରିୟା କେତେ ଭୟାନକ ହୁଏ, ତାହା ଫ୍ରାନ୍ସର ବ୍ୟଙ୍ଗଚିତ୍ର ପତ୍ରିକା 'ଶାର୍ଲି ହେବ୍‌ଦୋ' ଘଟଣାରୁ ଜଣାପଡ଼େ। ଏହି ପତ୍ରିକାର ଏକ ସଂସ୍କରଣରେ ମହମ୍ମଦଙ୍କ ବ୍ୟଙ୍ଗଚିତ୍ର ପ୍ରକାଶ ପାଇବା ପରେ ୭ ଜାନୁୟାରୀ ୨୦୧୫ରେ ସେହି ପତ୍ରିକାର ଅଫିସରେ ଉଗ୍ରବାଦୀମାନେ ପଶି ଅତର୍କିତ ଗୁଳି କରିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆହତ ହୋଇଥିଲେ। ସେହି ବୀଭତ୍ସ କାଣ୍ଡ କିଏ ଘଟାଇଥିଲେ ତାହା ଆଜି ପର୍ଯ୍ୟନ୍ତ ଜଣାପଡ଼ି ନ ଥିଲେ ମଧ୍ୟ ସମସ୍ତେ ବିଶ୍ୱାସ କରନ୍ତି ଯେ ଇସ୍‌ଲାମୀୟ ଉଗ୍ରବାଦୀମାନେ ପ୍ରତିଶୋଧ ଆକାରରେ ଏହି କାଣ୍ଡ ଘଟାଇଥିଲେ। ପୂର୍ବରୁ ବିଶ୍ୱାସ ହୁଏତ ହୋଇ ନ ଥାନ୍ତା, କିନ୍ତୁ ଏବେ ନୂପୁର ଶର୍ମାଙ୍କ ଦ୍ୱାରା ଦିଆଯାଇଥିବା ମନ୍ତବ୍ୟ ଯେ ତାଙ୍କୁ ହତ୍ୟା ଧମକ ମିଳୁଛି ଶୁଣିଲେ ତାହା ବିଶ୍ୱାସ କରିହେଉଛି। ଏଠାରେ ମନେରଖିବାକୁ ହେବ ଯେ ନୂପୁର ଶର୍ମା ଟେଲିଭିଜନ କାର୍ଯ୍ୟକ୍ରମରେ ମହମ୍ମଦଙ୍କ ସମ୍ପର୍କରେ ଦେଇଥିବା ଅଶ୍ଳୀଳ ମନ୍ତବ୍ୟ କେବେହେଲେ କାହାରିକୁ ଗ୍ରହଣୀୟ ହେବ ନାହିଁ। ଏହି ଦେଶର ଶାସକ ଦଳ ଭାଜପାର ନୂପୁର ଶର୍ମା ମୁଖପାତ୍ର ଭାବେ ହୁଏତ ବୁଝିପାରିଲେ ନାହିଁ ଯେ, ତାଙ୍କର ଏହି ମନ୍ତବ୍ୟ କେଉଁଭଳି ପ୍ରତିକ୍ରିୟା ସୃଷ୍ଟି କରିବ। ଆଜି ଭାରତର ଗ୍ରାମାଞ୍ଚଳରେ ଯୁବତୀଯୁବକ ମୋବାଇଲ୍ ଫୋନ୍ ମାଧ୍ୟମରେ ଦେଶବିଦେଶର ଖବର ଜାଣିପାରୁଛନ୍ତି। ସୋସିଆଲ ମିଡିଆ ଯୁଗରେ ଜାତୀୟ ସୀମା କିଛି ନାହିଁ। ବହୁଦିନରୁ ଶୁଣିଆସୁଛୁ ବିଶ୍ୱ ଏକ ବୈଶ୍ୱିକ ଗ୍ରାମ। ହୁଏତ ନୂପୁରଙ୍କ ଭଳି ଅନେକ ଭାରତୀୟଙ୍କର ପରବର୍ତ୍ତିତ ପୃଥିବୀ ବିଷୟରେ କୌଣସି ଗଭୀର ଧାରଣା ନାହିଁ। ବମ୍ବେ କିମ୍ବା ଦିଲ୍ଲୀରେ ରହୁଥିବା ଏହିଭଳି ରାଜନୈତିକ ଗୁରୁତ୍ୱ ପାଇବାକୁ ଇଚ୍ଛୁକ ବ୍ୟକ୍ତିମାନେ ଏବେ ଏକ ପ୍ରତିଯୋଗିତା କଲାଭଳି ମନେହେଉଛି। ଗୋଟିଏପଟେ କହୁଛନ୍ତି ଆମେ ଦେଶପ୍ରେମୀ ଓ ରାଷ୍ଟ୍ରବାଦୀ, ଅନ୍ୟପଟେ ଯେତେସବୁ ହିନ୍ଦୁତ୍ୱ ସମର୍ଥକ ବାହାରିଛନ୍ତି ସମସ୍ତେ ପ୍ରତ୍ୟେକ କାର୍ଯ୍ୟ ଓ ଉଚ୍ଚାରଣ ମାଧ୍ୟମରେ ଦେଶର ଅପୂରଣୀୟ କ୍ଷତି ଘଟାଇବାରେ ଲାଗିଛନ୍ତି। ସର୍ବୋଚ୍ଚ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଏହିଭଳି ପ୍ରତିଯୋଗିତା ଦେଶକୁ ପ୍ରବଳ ଅଡୁଆରେ ପକାଉଛି। ତାହାର ମୁଖ୍ୟ କାରଣ ହୋଇଥାଇପାରେ ଯେ ନୂପୁରଙ୍କ ଭଳି ଆଶାୟୀ ଭାଜପା କର୍ମୀଙ୍କର ସମସ୍ୟା ସମ୍ପର୍କରେ କୌଣସି ଗଭୀର ଅନୁଧ୍ୟାନ ନାହିଁ। ଚିତ୍କାର କରି ଇସ୍‌ଲାମ ଧର୍ମ ବିରୋଧରେ କହିଲେ ଭାଜପା ଦଳରେ ଆହୁରି ଆଗକୁ ବଢ଼ିପାରିବେ ବୋଲି ଯେଉଁ ଧାରଣା ନେତୃବୃନ୍ଦଙ୍କ ଦ୍ୱାରା ସୃଷ୍ଟି କରାଯାଇଛି ତାହାର କୁପ୍ରଭାବ ଦୀର୍ଘମିଆଦୀ ହେବ।

> **ହିନ୍ଦୁତ୍ୱବାହିନୀ ଘୃଣା କରୁଥିବା ମୁସଲମାନଙ୍କୁ ଏକ ଗରିବ କନ୍ଥା ସିଲେଇ କରୁଥିବା ନାଗରିକ ଭାବିବା ଉଚିତ ନୁହେଁ। ଆଜିର ଅନ୍ତର୍ଜାତୀୟ ଇସ୍‌ଲାମୀୟ ଚିନ୍ତାଧାରା ଅତ୍ୟନ୍ତ ଶକ୍ତିଶାଳୀ। ସେହି ସ୍ଥିତିକୁ ବୁଝି ବହିର୍ବ୍ୟାପାର ସହିତ ଆଭ୍ୟନ୍ତରୀଣ ନୀତିକୁ ମଧ୍ୟ ପରିବର୍ତ୍ତନ କରିବା ଦରକାର। ଏଥିରେ ନେତାମାନେ ଆଗଭର ହୋଇ ବାହାରିବେ ବୋଲି ଦେଶବାସୀ ଆଶା କରିବା ଯଥାର୍ଥ ହେବ।**

ହିନ୍ଦୁତ୍ୱକୁ ବ୍ୟବହାର କରୁଥିବା ଏହି ରାଜନୈତିକ ବ୍ୟକ୍ତିମାନେ ଭାବୁଛନ୍ତି ଯେ 'ସଂଖ୍ୟାଲଘୁ' ମୁସଲମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ 'ସଂଖ୍ୟାଗରିଷ୍ଠ' ହିନ୍ଦୁଙ୍କ ଦ୍ୱାରା ଆଦୃତ ହେବେ। କିନ୍ତୁ ବିଶ୍ୱର ମାନଚିତ୍ର ଦେଖିଲେ ମୁସଲମାନଙ୍କ ଜନସଂଖ୍ୟା ହିନ୍ଦୁଙ୍କଠାରୁ କାହିଁ କେତେ ଅଧିକ। ସେଥିପାଇଁ ଯେଉଁମାନେ 'ଅଖଣ୍ଡ ଭାରତ'ର ଧ୍ୱନି ଦିଅନ୍ତି ସେମାନେ ନିଜର ଅଜ୍ଞତା ସମ୍ପର୍କରେ ସୂଚନା ଦେଇଥାନ୍ତି। ବିବେକାନନ୍ଦ ଓ ଶ୍ରୀଅରବିନ୍ଦ କ'ଣ କହିଥିଲେ ତାହା ଆଜିର ଯୁଗରେ କେତେଦୂର ପ୍ରଯୁଜ୍ୟ ସେ ସମ୍ପର୍କରେ ପ୍ରତ୍ୟେକ ନାଗରିକ ନିଜର ସ୍ୱତନ୍ତ୍ର ଆକଳନ କରିବା ଉଚିତ। ଅଖଣ୍ଡ ଭାରତରେ ଯଦି ପାକିସ୍ତାନ, ବାଂଲାଦେଶ, ବର୍ମା, ଆଫଗାନିସ୍ତାନ ଏବଂ ନେପାଳ ମିଶିଯାଏ ତେବେ ହିନ୍ଦୁ ବଳୁଆ ସଂଖ୍ୟାଗରିଷ୍ଠ ହୋଇ ରହିବେ ନାହିଁ। ସେଭଳି ମିଶ୍ରଣ ଘଟିଲେ ଏହି ଭୂଖଣ୍ଡରେ ଜନସଂଖ୍ୟା ତତ୍ତ୍ୱ ବା ଡେମୋଗ୍ରାଫିରେ ଅସ୍ୱାଭାବିକ ପରିବର୍ତ୍ତନ ଦୃଶ୍ୟମାନ ହେବ। କୂପମଣ୍ଡୂକ ହୋଇ ଏକବିଂଶ ଶତାବ୍ଦୀରେ ବଞ୍ଚିବା ଅତ୍ୟନ୍ତ କଷ୍ଟକର। ହୁଏତ ସେହିଭଳି ତ୍ରୁଟି ପାଇଁ ଆଜି ନୂପୁର ଶର୍ମାଙ୍କ ଭଳି ଉଚ୍ଚଜାତିର ଭାରତୀୟଙ୍କ ବିରାଟ ଭୁଲ ଯୋଗୁ ବିଭିନ୍ନ ମୁସଲମାନ ଦେଶଙ୍କଠାରୁ ଭାରତକୁ ନିନ୍ଦା ଶୁଣିବାକୁ ପଡ଼ିଛି। ଭାଜପା ଦଳ ଦ୍ୱାରା ନୂପୁରଙ୍କୁ ନିଲମ୍ବନ କରିବା ସହ ଭାରତ ସରକାରଙ୍କୁ ସଫେଇ ଦେବାକୁ ପଡୁଛି। ଏଠାରେ ମନେରଖିବାକୁ ହେବ ଯେ ହିନ୍ଦୁତ୍ୱବାହିନୀ ଘୃଣା କରୁଥିବା ମୁସଲମାନଙ୍କୁ ଏକ ଗରିବ କନ୍ଥା ସିଲେଇ କରୁଥିବା ନାଗରିକ ଭାବିବା ଉଚିତ ନୁହେଁ। ଆଜିର ଅନ୍ତର୍ଜାତୀୟ ଇସ୍‌ଲାମୀୟ ଚିନ୍ତାଧାରା ଅତ୍ୟନ୍ତ ଶକ୍ତିଶାଳୀ। ସେହି ସ୍ଥିତିକୁ ବୁଝି ବହିର୍ବ୍ୟାପାର ସହିତ ଆଭ୍ୟନ୍ତରୀଣ ନୀତିକୁ ମଧ୍ୟ ପରିବର୍ତ୍ତନ କରିବା ଦରକାର। ଏଥିରେ ନେତାମାନେ ଆଗଭର ହୋଇ ବାହାରିବେ ବୋଲି ଦେଶବାସୀ ଆଶା କରିବା ଯଥାର୍ଥ ହେବ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | | 9 | 7 | |
| 6 | 7 | | | | | | | |
| | | 4 | | | | 5 | | |
| | 3 | 1 | | | 7 | | 4 | |
| 4 | | | | 8 | | | 9 | |
| | 6 | | | | 5 | 1 | | |
| | | | | | | 6 | | |
| 3 | 5 | | 9 | | | 2 | | |
| | 9 | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 6 | 9 | 5 | 3 | 8 | 2 |
| 8 | 3 | 5 | 2 | 1 | 7 | 6 | 4 | 9 |
| 6 | 9 | 2 | 3 | 4 | 8 | 1 | 7 | 5 |
| 7 | 2 | 8 | 4 | 3 | 9 | 5 | 6 | 1 |
| 3 | 5 | 4 | 7 | 6 | 1 | 9 | 2 | 8 |
| 1 | 6 | 9 | 5 | 8 | 2 | 4 | 3 | 7 |
| 5 | 8 | 6 | 1 | 2 | 4 | 7 | 9 | 3 |
| 9 | 7 | 3 | 8 | 5 | 6 | 2 | 1 | 4 |
| 2 | 4 | 1 | 9 | 7 | 3 | 8 | 5 | 6 |

ଗତକାଲିର ଉତ୍ତର

# ଚିକ୍‌ଚିକ୍ କରୁ ନ ଥିବା ସୁନା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କେଉଁ କାଳରୁ ଆମ ଲୋକମୁଖରେ କଥାଟିଏ ଗଡ଼ିଗଡ଼ି ଆସୁଛି– ''ସବୁ ଚିକ୍‌ଚିକ୍ କରୁଥିବା ଚିଜ ସୁନା ନୁହନ୍ତି।'' ଉପରକୁ ଯାହା ପ୍ରତୀୟମାନ ହେଉଥାଏ, ବାସ୍ତବରେ ତାହାର ବିପରୀତ ପ୍ରମାଣିତ ହେଲେ; ଯେମିତିକି ମୁହଁରେ ମଧୁର ବଚନ କହି ପଛରେ ଦଗା ଦେଲେ ଅବା ଉପରକୁ ସଭ୍ୟ, ଶିକ୍ଷିତ ଓ ସମ୍ଭ୍ରାନ୍ତ ଜଣାପଡୁଥିବା ଲୋକ ଅସଭ୍ୟ, ଅଶିକ୍ଷିତଙ୍କ ପରି ଆଚରଣ କଲେ ଏହି ଆପ୍ତବାକ୍ୟଟିର ବ୍ୟବହାର କରାଯାଏ। ତେବେ ସବୁ ଚିକ୍‌ଚିକ୍ କରୁଥିବା ଚିଜ ସିନା ସୁନା ନୁହନ୍ତି, ହେଲେ ଅସଲି ସୁନା ଚିକ୍‌ଚିକ୍ କରିବାରେ ବାଧା କ'ଣ ଯେ! ଅବଶ୍ୟ ସଂସାରର ସବୁଠୁ ଦୁର୍ମୂଲ୍ୟ ଧାତୁ ଭାବେ ବିବେଚିତ ସୁନା କେତେବେଳେ ତ କାହିଁକି ଚିକ୍‌ଚିକ୍ କରେ ନାହିଁ, ତାହା ଧାତୁ ବିଶାରଦ ବଣିଆମାନେ କହିବେ। ତେବେ ଆମ କଥିତ ପ୍ରସଙ୍ଗଟି ଧାତୁ ସୁନାକୁ ନେଇ ନୁହେଁ, ନିଜ ଗୁଣ ଗରିମା ବଳରେ ଅନ୍ୟ ସାଧାରଣଙ୍କଠୁ ଉଜ୍ଜ୍ୱଳ ଦିଶୁଥିବା ମଣିଷ ସୁନାକୁ ନେଇ ଆଲୋଚନା।

ଅଳ୍ପ କେଇଦିନ ତଳେ ବିହାରର ଏକ ଅଖ୍ୟାତ ଅଞ୍ଚଳର ଦଶବର୍ଷର ଝିଅଟିଏ ନିଜ ଜୀବନଚର୍ଯ୍ୟାକୁ ନେଇ ସମଗ୍ର ସାମାଜିକ ଗଣମାଧ୍ୟମକୁ ଆଲୋକିତ କରିଛି। ସୀମା ନାମ୍ନୀ ଏହି ବାଳିକା ଏକ ଅନଗ୍ରସର ପରିବାରରେ ଜନ୍ମ ନେଇ ମଧ୍ୟ ଯେମିତି ଗୋଟିଏ ଗୋଡ଼ରେ ଡେଇଁ ଡେଇଁ ପାଠ ପଢ଼ିବାକୁ ତା' ଗାଁଠାରୁ ଦେଢ଼ କିଲୋମିଟର ଦୂର ବିଦ୍ୟାଳୟକୁ ଯାଉଥିଲା, ତାହାର ଭିଡିଓ ଚିତ୍ର ଦେଖିଲେ ଯେ କେହି ଏକ ମୁଗ୍ଧ ଅନୁଭବରେ ଜଡ଼ସଡ଼ ହୋଇ ଉଠିବ। ସାମାଜିକ ଗଣମାଧ୍ୟମ ଜରିଆରେ ଏହା ଚର୍ଚ୍ଚିତ ହେବା ପରେ ଜାମୁଇ ଜିଲାର ଜିଲାପାଳ ଝିଅଟି ପାଇଁ ସ୍ୱତନ୍ତ୍ର ସାଇକେଲ ଓ କୃତ୍ରିମ ଗୋଡ଼ର ବ୍ୟବସ୍ଥା କରିଛନ୍ତି। ମାଗଣା ପୋଷାକ ଓ ମଧ୍ୟାହ୍ନ ଭୋଜନର ଆକର୍ଷଣ ସତ୍ତ୍ୱେ ତଥାପି ଯେଉଁଠି ସ୍କୁଲରେ ପିଲା ହେଉ ନ ଥିବାରୁ କେତୋଟି ସ୍କୁଲକୁ ବନ୍ଦ କରି ଦିଆଯାଉଛି, ସେଠି ଗୋଟିଏ ଗୋଡ଼ରେ ଡେଇଁ ଡେଇଁ ସ୍କୁଲକୁ ଯାଉଥିବା ଝିଅଟିକୁ 'ସୁନାଝିଅ' ନ କହିଲେ ଶବ୍ଦଟିର ଅପମାନ ହେବ ନିଶ୍ଚୟ।

ବାହାରକୁ ଆଦୌ ଚିକ୍‌ଚିକ୍ ନ କଲେ ବି ନିଆରା ଔଜ୍ଜ୍ୱଲ୍ୟରେ ଅନ୍ୟ ଜଣେ ଉଜ୍ଜ୍ୱଳ ପୁରୁଷଙ୍କୁ ଉଦ୍ଭାସିତ କରିଥିବା ଏକ ସୁନାଝିଅର କଥା ଯେତିକି ଅବିଶ୍ୱସନୀୟ, ସେତିକି ରୋମାଞ୍ଚକର। ଚେନ୍ନାଇର ପ୍ରସିଦ୍ଧ ଦେବାଳୟ କପାଳିଶ୍ୱର ମନ୍ଦିରରେ ଦିଅଁ ଦର୍ଶନ ସାରି ସହରର ସୁଖ୍ୟାତ ବହି ଦୋକାନ 'ଗିରି ଷ୍ଟୋର'ରେ ସସ୍ତ୍ରିକ ପ୍ରବେଶ କଲେ ବିଶ୍ୱ ପ୍ରସିଦ୍ଧ ସମ୍ବାଦପତ୍ର 'ୱାଶିଂଟନ୍ ପୋଷ୍ଟ'ର ଭାରତୀୟ ପ୍ରତିନିଧି ବିଶ୍ୱନାଥ। 'ଗିରି ଷ୍ଟୋର'ରୁ ତାଙ୍କ ଈପ୍‌ସିତ ପୁସ୍ତକ 'ତତ୍ତ୍ୱ ବୋଧ' ମିଳିଯିବ ବୋଲି ସେ ଆଶାବାଦୀ ଥିଲେ। ମାତ୍ର ବହୁ ସମୟ ଧରି ଖୋଜିଲେ ମଧ୍ୟ ବହିଟି ନ ପାଇ ନିରାଶ ହେଲେ। ଅତ୍ୟନ୍ତ ବିବ୍ରତ ବୋଧ କରୁଥିବା ବିଶ୍ୱନାଥଙ୍କୁ ଲକ୍ଷ୍ୟ କରୁଥିଲା କ୍ୟାଶ୍ କାଉଣ୍ଟର ପାଖରେ ଛିଡ଼ା ହୋଇଥିବା ସତର କି ଅଠର ବର୍ଷର ଅତ୍ୟନ୍ତ ଗାଉଁଲି ଲାଗୁଥିବା କାଳୀ ଝିଅଟିଏ। ବିଶ୍ୱନାଥଙ୍କ ପାଖକୁ ଆସି ପଚାରିଲା, ''କ'ଣ ଖୋଜୁଛନ୍ତି ସାର୍? ମୁଁ ଏହି ଷ୍ଟୋରର ସେଲ୍‌ସ ଗାର୍ଲ। ଆପଣଙ୍କୁ ବହି ଖୋଜିବାରେ ସାହାଯ୍ୟ କରିପାରେ କି?'' ଝିଅଟିର ଭାଷା ଥିଲା ସ୍ଥାନୀୟ ତାମିଲ ଭାଷା।



ଝିଅଟିକୁ ଚାହିଁଲେ ବିଶ୍ୱନାଥ। ତା' ବୟସ ଓ ବେଶଭୂଷାରୁ ସେ ଯେ 'ତତ୍ତ୍ୱ ବୋଧ' ଭଳି ବହିଟି ସମ୍ପର୍କରେ କିଛି ଜାଣିଥିବ, ଏ ବିଶ୍ୱାସ ତାଙ୍କର ହେଲା ନାହିଁ। ତାକୁ ସେ କହିଲେ, 'ତତ୍ତ୍ୱ ବୋଧ' ବହିଟିଏ ଖୋଜୁଛି। ସଙ୍ଗେ ସଙ୍ଗେ ଝିଅଟି କହିଲା– ''ତାମିଲ ତତ୍ତ୍ୱ ବୋଧ ନା ଇଂଲିଶ୍ ତତ୍ତ୍ୱ ବୋଧ ?'' ଆଶ୍ଚର୍ଯ୍ୟରେ ଫାଟି ପଡ଼ିଲେ ବିଶ୍ୱନାଥ। ଝିଅଟି ପୁଣି ପଚାରିଲା, ''କେଉଁ ପ୍ରକାଶନର ତତ୍ତ୍ୱ ବୋଧ ଚାହାନ୍ତି? ଶିବରମଣ ବିରଚିତ ଇନ୍ଦୁ ପବ୍ଲିକେଶନର ତାମିଲ ତତ୍ତ୍ୱ ବୋଧ ନା ଚିନ୍ମୟ ମିଶନ ଅବା ରାମକୃଷ୍ଣମଠ ପ୍ରକାଶନର 'ଇଂଲିଶ୍ ତତ୍ତ୍ୱ ବୋଧ'?'' ବିଶ୍ୱନାଥଙ୍କ ଉତ୍ତରକୁ ଅପେକ୍ଷା ନ କରି ଝିଅଟି ବହିଥାକ ଆଡ଼କୁ ଆଗେଇଲା ଓ କେଇ ମୁହୂର୍ତ୍ତ ମଧ୍ୟରେ ତିନୋଟି ବହି ସଂଗ୍ରହ କରି ତାଙ୍କ ଆଗରେ ଥୋଇ କହିଲା– ''ମୁଁ ଏଇ ତାମିଲ 'ତତ୍ତ୍ୱ ବୋଧ' ପଢୁଛି ସାର୍। ମୂଳ ସଂସ୍କୃତ ପଦ ସହିତ ଅତି ସରଳ ଭାଷାରେ ଲିଖିତ ଶିବରମଣଙ୍କର ଏହା ଏକ ଚମତ୍କାର ସୃଷ୍ଟି।'' ବିଶ୍ୱନାଥଙ୍କ ପାଟିରେ ଆଉ ଭାଷା ନ ଥିଲା। ଗତକାଲି ଭାରତୀୟ ବିଦ୍ୟାଭବନ ପ୍ରେକ୍ଷାଳୟରେ ବିଶିଷ୍ଟ ପ୍ରବଚକ ଭେଙ୍କଟେଶ୍ୱର ଶାସ୍ତ୍ରୀଙ୍କ ପ୍ରବଚନ ଶୁଣିଲା ପରେ ହିଁ 'ତତ୍ତ୍ୱ ବୋଧ' ବୋଲି ପ୍ରଜ୍ଞା ବାହକ ପୁସ୍ତକଟି ପଢ଼ିବାକୁ ପ୍ରେରିତ ହେଲେ ତାଙ୍କ ଭଳି ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଜ୍ଞ ବ୍ୟକ୍ତିତ୍ୱ। ଅଥଚ ସେଇ ବହିଟିକୁ ଆମୂଳଚୂଳ ପଢ଼ି ଶେଷ କରିଦେଇଛି ମାତ୍ର ଅଷ୍ଟମ ଶ୍ରେଣୀ ଯାଏ ପଢ଼ିଥିବା ଓ ଅଳ୍ପ ବୟସରେ ନିଜ ମା'ବାପାଙ୍କୁ ହରାଇ ନିଜର ପାଞ୍ଚ ସାନ ଭଉଣୀ ବିଶିଷ୍ଟ ପରିବାରକୁ ଚଳାଇବା ପାଇଁ ମାସିକ ଅଢ଼େଇ ହଜାର ଟଙ୍କାରେ ସେଲ୍‌ସ ଗାର୍ଲ ଥିବା ଗାଉଁଲି ଝିଅଟିଏ।

'ତତ୍ତ୍ୱ ବୋଧ'ଠାରୁ ଅଧିକ ଚମତ୍କାରୀ, ଅଧିକ ପ୍ରଜ୍ଞାଦାୟିନୀ ଲାଗୁଥିଲା 'କଳାବାଣୀ' ନାମ୍ନୀ ସେଇ କାଳୀ ଝିଅଟି। ବିଶ୍ୱନାଥଙ୍କ ସ୍ତ୍ରୀ ମନ୍ତବ୍ୟ ଦେଲେ, ''ତୁମ ୱାଶିଂଟନ୍ ପୋଷ୍ଟରେ ଏହି ଝିଅଟିର ସାକ୍ଷାତ୍‌କାର ଛାପୁନାହଁ କାହିଁକି ? ଦେଖିବ ପ୍ୟାରିସ୍ ହିଲଟନ୍‌ଙ୍କ ଇଣ୍ଟରଭ୍ୟୁଠାରୁ ଏହା ହେବ ଅଧିକ ରୋଚକ ଓ ଚିତ୍ତାକର୍ଷକ।'' ପତ୍ନୀଙ୍କ ପରାମର୍ଶରେ ପ୍ରଭାବିତ ହୋଇ ବିଶ୍ୱନାଥ ଯେତେବେଳେ କଳାବାଣୀର ସାକ୍ଷାତ୍‌କାର ନେବା ପାଇଁ ଚାହିଁଲେ ଓ ସେଥିପାଇଁ ଦଶହଜାର ଟଙ୍କା ମିଳିବ ବୋଲି କହିଲେ, ଅତ୍ୟନ୍ତ ବିନମ୍ରତାର ସହ ପ୍ରସ୍ତାବଟିକୁ ପ୍ରତ୍ୟାଖ୍ୟାନ କରି ସେ କହିଲା, ''ମୋତେ ମାସକୁ ଅଢ଼େଇ ହଜାର ଟଙ୍କା ଦରମା ଦେଇ ଏଠାରେ ରଖିଥିବା ମୋ ମାଲିକଙ୍କ ସମ୍ପତ୍ତି ମୁଁ। ସେ ଅନୁମତି ନ ଦେଲେ ଆପଣଙ୍କୁ ମୁଁ ସମୟ ଦେବି କିପରି ?'' କଳାବାଣୀର ଅଦ୍ଭୁତ ଜ୍ଞାନର ପରିଚୟ ପାଇଥିଲେ ବିଶ୍ୱନାଥ। ପୁଣି ଅକାଳରେ ନିଜ ମାତାପିତାଙ୍କୁ ହରାଇଥିବା ଗୋଟିଏ ପନ୍ଦର ବର୍ଷୀୟା ତରୁଣୀ ନିଜ ପଢ଼ା ଅଧାରୁ ଛାଡ଼ି ନିଜର ପାଞ୍ଚ ସାନଭଉଣୀଙ୍କୁ ଚଳାଇବା ଓ ପଢ଼ାଇବା ପାଇଁ ବହି ଦୋକାନରେ ଚାକିରି କରିବା ଭଳି ତ୍ୟାଗକୁ ପ୍ରତ୍ୟକ୍ଷ କରିଥିଲେ। ଶେଷରେ ପୁଣି ଏକ ବିଶ୍ୱବିଦିତ ସମ୍ଭ୍ରାନ୍ତ ସମ୍ବାଦପତ୍ରକୁ ସାକ୍ଷାତ୍‌କାର ଭଳି ମହର୍ଗ ସୁଯୋଗ ପାଇ ମଧ୍ୟ ନିଜ ନିଯୁକ୍ତିଦାତା ମାଲିକଙ୍କ ଅନୁମତିକୁ ଅପେକ୍ଷା କରିବା ଭଳି ସାଧୁତା ତାଙ୍କୁ ହତବାକ୍ କରିଦେଲା। ପରଦିନ ସେ ଯେ ତା'ର ସାକ୍ଷାତ୍‌କାର ନେଲେ ଏତିକି ନୁହେଁ, ୱାଶିଂଟନ୍ ପୋଷ୍ଟ କର୍ତ୍ତୃପକ୍ଷଙ୍କ ନିକଟରେ ଏପରି ଏକ ଚମତ୍କାରୀ ଚରିତ୍ରକୁ ଉପସ୍ଥାପିତ କରି ତା' ପାଇଁ ମାସିକ ଦଶ ହଜାର ଟଙ୍କାର ଅନୁଦାନ ବ୍ୟବସ୍ଥା କରିଦେଲେ।

ପ୍ରକୃତରେ କଳାବାଣୀଙ୍କ ପରି ଆହୁରି କିଛି ସୁନା ଏ ସଂସାରରେ ଅଛନ୍ତି, ସାମାନ୍ୟ ଚିକ୍‌ଚିକ୍ ନ କରି, ନିଜକୁ ପ୍ରକଟିତ କରିବାର ନିମ୍ନତମ ସୂଚନା ନ ଦେଇ। ସେମାନଙ୍କୁ ଚିହ୍ନି ଚିହ୍ନାଇବା ପାଇଁ ବାସ୍ କେବଳ ବିଶ୍ୱନାଥଙ୍କ ପରି ବଣିଆଙ୍କ ଆଖି ଦିଓଟି ଲୋଡ଼ା।

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର–୧୦
ମୋ:୮୮୯୫୬୭୨୪୧୦୫**


# ମାତୃଭାଷା ବିଡ଼ମ୍ବନା



ହରେକୃଷ୍ଣ ଦାସ

ମାତୃଭାଷା କ'ଣ ବୋଲି ଝିଅ ପଚାରିବାରୁ କହିଲି, 'ମାଆ ଯୋଉ ଭାଷା ଘରେ କହୁଥାଏ ଓ ଆମକୁ ଶିଖେଇଥାଏ।' ଟିକେ କ'ଣ ଭାବି ଝିଅ ପୁଣି କହିଲା, 'ଆଚ୍ଛା, ମୋ ମା' ଯଦି ଜଣେ ବଙ୍ଗାଳୀ ହୋଇଥାନ୍ତା ଆଉ ମୁଁ ତାଠୁ ବଙ୍ଗଳା ଶିଖିଥାନ୍ତି, ତାହାହେଲେ କ'ଣ ମୋର ମାତୃଭାଷା ବଙ୍ଗଳା ଆଉ ପିତୃଭାଷା ହୋଇଥାନ୍ତା ଓଡ଼ିଆ ?' ଏମିତିଆ ଗୋଟେ ପ୍ରଶ୍ନରେ ହଡ଼ବଡ଼େଇଯାଇ କହିଲି, ''ନା, ଖାଲି ମା'ଠୁ ଶିଖିବା ନୁହଁ, ମା'ବାପା ଯୋଉ ଭାଷା କହୁଥିଲେ ବି ଆମ ଚତୁଃପାର୍ଶ୍ୱରେ ବହୁଳ ଭାବେ କୁହାଯାଉଥିବା ଯୋଉ ଭାଷା ଆମେ ଶୁଣୁ ଏବଂ କହୁ ସେଇଟା ହିଁ ଆମ ମାତୃଭାଷା।'' ତା' ମାନେ ମୋ ମଉସା ମାଉସୀ ଓଡ଼ିଆ କହୁଥିଲେ ବି ଯେହେତୁ ତାଙ୍କ ପିଲାମାନେ ମୁମ୍ବାଇରେ ଜନ୍ମ ହୋଇ ଆରମ୍ଭରୁ ମରାଠୀ ଓ ହିନ୍ଦୀ ଭାଷା ତାଙ୍କ ପରିବେଶରୁ ଶୁଣି ଶିଖିଲେ, ସେମାନଙ୍କ ମାତୃଭାଷା ମରାଠୀ ହିଁ ହବ! ହଁ, ନିଶ୍ଚୟ। ମୋ ସାଙ୍ଗ ରିକିର ମା'ବାପା ବିହାରୀ ହୋଇଥିଲେ ବି ସେ ଏଇଠି ଜନ୍ମ ହେଇ ଓଡ଼ିଆ ପରିବେଶରେ ବଢ଼ିଛି। କିନ୍ତୁ ସେ ଆମ ସାଙ୍ଗେ କେବେ ବି ଓଡ଼ିଆରେ କଥା ହୁଏନି। ତା' ହେଲେ ତା' ମାତୃଭାଷା ତ ଓଡ଼ିଆ ବୋଲି କୁହାଯାଇପାରିବନି।'' ଯିଏ ନ କହିବ, ତାକୁ ଆଉ କ'ଣ କରାଯିବ? ବଡ଼ ଅସହାୟ ଭାବରେ କହିଲି। ଅର୍ଥାତ୍, ଜଣକର ମାତୃଭାଷା କ'ଣ ହବ, ତା'ର କିଛି ସ୍ଥିର ନିୟମ ନାହିଁ? ସେ କଥା ଛାଡ଼। ତୋ ସାଙ୍ଗ ଓଡ଼ିଆ ନ କହିଲେ ବି ତୁ ତାକୁ ସବୁବେଳେ ଓଡ଼ିଆ କହ; ଦେଖିବୁ, କିଛିଦିନ ପରେ ତା' ମାତୃଭାଷା ଓଡ଼ିଆ ହେଇଯିବ। ଆଲୋଚନା ଆଉ ଆଗେଇ ନେଇପାରିବିନି ଅନୁଭବ କରି ଝିଅକୁ ଚୁପ୍ ରହିବାକୁ ଇସାରା କଲି।

ଝିଅଠୁ ଖସି ଯାଇଥିଲେ ବି ମୁଁ ଭାବିଲି ଯେ ମାତୃଭାଷାକୁ ନେଇ ଆମେ ଏକ ବିଡ଼ମ୍ବିତ ସ୍ଥିତିରେ ଅଛୁ। ନିଜକୁ ଖାଣ୍ଟି ଓଡ଼ିଆ, ଓଡ଼ିଆ ଭାଷା ଆମର ସ୍ୱାଭିମାନ ଇତ୍ୟାଦି ବହୁ ଶସ୍ତା ଭାଷଣ ମାରୁଥିଲେ ମଧ୍ୟ ଟିକେ ଶିକ୍ଷିତ ହେଇଗଲେ ଆମେ ଭଲ ଭାବରେ ଓଡ଼ିଆ କହିପାରୁନୁ କି ବୁଝିପାରୁନୁ ବୋଲି ଦେଖେଇ ହବାକୁ ବିକଳ ହେଉ। ଯାକୁ ଆମ ପରିଚୟର ଗୋଟେ ସ୍ୱାତନ୍ତ୍ର୍ୟ ବୋଲି ଆମେ ଭାବୁ। ପରିସ୍ଥିତିଜନିତ ଆବଶ୍ୟକତା ନ ଥିଲେ ମଧ୍ୟ ଆମେ ଯେତେ ସମ୍ଭବ କମ୍ ଓଡ଼ିଆ କହିବାକୁ ପସନ୍ଦ କରୁ। କଥାକଥାକେ ଇଂଲିଶ, ହିନ୍ଦୀ ଝାଡ଼ିପାରିଲେ ହିଁ କାଳେ ଆମେ ଉଚ୍ଚଶିକ୍ଷିତ ବୋଲି ପ୍ରମାଣିତ ହୋଇପାରୁ। ଏମିତି କି ଓଡ଼ିଆ ପରିବେଶରେ ବଢ଼ି, ଓଡ଼ିଆ ମାଧ୍ୟମ ସ୍କୁଲରେ ପଢ଼ି ଓଡ଼ିଶା ବାହାରେ କିଛିବର୍ଷ ରହିଗଲା ପରେ ଅନେକ ଲୋକ କାଳେ ଓଡ଼ିଆ ଶୁଣି ଭଲରେ ବୁଝିପାରନ୍ତିନି ବୋଲି କହନ୍ତି। ଓଡ଼ିଶା–ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ରହୁଥିବାରୁ ବଙ୍ଗାଳୀମାନେ କେବେ ଓଡ଼ିଆ ମିଶା ବଙ୍ଗଳା କହନ୍ତିନି, କିନ୍ତୁ ଓଡ଼ିଆ ଲୋକମାନେ ଶୁଦ୍ଧ ଓଡ଼ିଆ କହି ନ ପାରି ବଙ୍ଗଳା ମିଶା ଓଡ଼ିଆ କହନ୍ତି ଏବଂ ସେମିତି କହିବାଟା ଏକଦମ ସ୍ୱାଭାବିକ ବୋଲି ଯୁକ୍ତି କରନ୍ତି, ଯଦିଓ ସେମିତି ଏକ ଅଞ୍ଚଳରେ ଥାଇ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ତଥା ମର୍ଯ୍ୟାଦାଜନକ ସ୍ଥାନ ଦେବାକୁ ଚେଷ୍ଟିତ ଥିଲେ। ପୁଣି ଯୋଉ କେତେଜଣ ଉଚ୍ଚଶିକ୍ଷିତ ଓଡ଼ିଆ ଲୋକ ନିରୁତା ଓଡ଼ିଆ କହୁଥିବାର ଆମେ ଜାଣୁ, ସେମାନଙ୍କ ଭିତରୁ ଅନେକ ଲୋକ ନିଜକୁ ଅତି ବିଦ୍ୱାନ ଦେଖେଇବାକୁ ଯାଇ ନିଜର ଏକ ସ୍ୱତନ୍ତ୍ର ଉଚ୍ଚାରଣ ଶୈଳୀ ଉଦ୍ଭାବନ କରି ଏମିତି ଭାବେ କହନ୍ତି ଯେ ଶୁଣିବା ଲୋକକୁ ଲାଜ ମାଡ଼େ, ଯେମିତି କି କ'ଣ ନ କହି 'କନ', ଭିତରେ ନ କହି 'ଭିତର୍', 'ମୋର୍', 'ଘର୍', 'ବାହାର୍' ଇତ୍ୟାଦି ଉଦ୍ଭଟ ଉଚ୍ଚାରଣ।



ଏମିତି କି ଅତି ସାଧାରଣ କଥାକୁ ସାହିତ୍ୟିକ ଶୈଳୀରେ କହିବାକୁ ଚେଷ୍ଟା କରି କେତେଜଣ ସମ୍ପୂର୍ଣ୍ଣ ବାକ୍ୟଟିଏ ବି କହିପାରନ୍ତିନି। ଅନେକ ଓଡ଼ିଆ ଲୋକ ଓଡ଼ିଆ ଶବ୍ଦକୁ ଇଂଲିଶ ଶୈଳୀରେ ଉଚ୍ଚାରଣ କରନ୍ତି, ଯେମିତି ତାହା ହିନ୍ଦୀ କିମ୍ବା ଇଂଲିଶ ଭଳିଆ ଶୁଣାଯିବ ଯଥା– କଳାମନ୍ଦିରକୁ 'କାଲାମନ୍ଦିର', ଏମିତି କି ନିଜ ନାଁର ବି ବିକୃତ ଉଚ୍ଚାରଣ କରି ଶୈଳେଶକୁ 'ସାଇଲେସ' ବୋଲି କହନ୍ତି।

ବେଳେବେଳେ ଜାଣିହୁଏନି ଯେ ଆମେ କୋଉମାନଙ୍କୁ ଓଡ଼ିଆ ବୋଲି ବୁଝିବା ଉଚିତ, ଯେଉଁମାନେ ଓଡ଼ିଶାରେ ଜନ୍ମ ହେଇ ବଢ଼ିଛନ୍ତି ନା ଓଡ଼ିଆକୁ ନିଜର ମାତୃଭାଷା ବିଚାର କରନ୍ତି। ଆନ୍ଧ୍ର, କେରଳ, ପଶ୍ଚିମବଙ୍ଗ ଇତ୍ୟାଦିରେ ଯେମିତି ଧର୍ମ ନିର୍ବିଶେଷରେ ଲୋକମାନେ ସେ ରାଜ୍ୟମାନଙ୍କର ମୁଖ୍ୟଭାଷା କହନ୍ତି ଏବଂ ନିଜକୁ ତେଲୁଗୁ, ମାଲାୟଲି ଓ ବଙ୍ଗାଳୀ ବୋଲି ପରିଚିତ କରାନ୍ତି, ଓଡ଼ିଶା କ୍ଷେତ୍ରରେ ସେମିତି ଘଟେନି। ଲାଗେ ଯେ ଅଳ୍ପ ପାଠ ପଢ଼ିଥିବା କିଛି ଲୋକଙ୍କ ପାଖରେ ହିଁ ବୋଧହୁଏ ମାତୃଭାଷା ଭାବରେ ଓଡ଼ିଆ ସୁରକ୍ଷିତ ଅଛି। ଓଡ଼ିଆ ଭାଷାକୁ ବଞ୍ଚାଇ ରଖିଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ଲେଖକ, ଭାଷାବିତ୍‌ମାନଙ୍କ ଭିତରୁ ଅନେକ କାଳେ ଶୁଦ୍ଧ ଓଡ଼ିଆ କହିବାରେ, ବୁଝିବାରେ ଅସହଜ ଅନୁଭବ କରନ୍ତି।

ଏକ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ସମ୍ବୋଧିତ କରିବାକୁ ଆସିଥିବା ବିଦ୍ୱାନ ପ୍ରଫେସର ଜଣକ ଓଡ଼ିଆରେ ଭାଷଣ ଆରମ୍ଭ କରିବାର ମିନିଟିଏ ଭିତରେ ଯେତେବେଳେ ଘୋଷଣା କଲେ ଯେ ସେ ଓଡ଼ିଆରେ ଠିକ୍ ଭାବେ କହିପାରିବେନି, ତେଣୁ ଇଂଲିଶରେ ଭାଷଣ ଦେବେ, ଆମେ ସବୁ ପରସ୍ପରର ମୁହଁକୁ ଚାହିଁ ମୁରୁକି ହସିଲୁ। ସେଦିନ ଓଡ଼ିଶା ଦିବସ ପାଳନ ଅବସରରେ ଗୋଟେ ସଭାରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯିବା ପାଇଁ ଲଢ଼େଇ କରିଛନ୍ତି ବୋଲି ଦାବି କରୁଥିବା ମୁଖ୍ୟବକ୍ତା ମହୋଦୟ ଓଡ଼ିଆ ଭାଷାର ଗରିମା ବିଷୟରେ ଅତି ସୁନ୍ଦର ଇଂଲିଶରେ ନିଜ ବକ୍ତବ୍ୟ ରଖୁଥିଲାବେଳେ ପାଖରେ ବସିଥିବା ମୋ ଛୋଟ ଝିଅ ଆସ୍ତେ କରି ପଚାରିଲା, 'ପାପା, ୟାଙ୍କର ମାତୃଭାଷା କ'ଣ ହେଇଥିବ ?' ସଭାରୁ ଉଠି ଆସୁଆସୁ ଉତ୍ତର ଦେଲି, 'ତାଙ୍କ ମାତୃଭାଷା ଯାହା ବି ହଉନା କାହିଁକି, ସେ କିନ୍ତୁ ଖାଣ୍ଟି ଓଡ଼ିଆ। ଏଇଟା ହଉଛି ଆମ ମାତୃଭାଷାର ବିଡ଼ମ୍ବନା।' କିଛି ବୁଝି ନ ପାରି ଝିଅ ମତେ ଚାହିଁଲା, ଆଉ ମୁଁ ତାକୁ ନ ଦେଖିଲାଭଳି ବାହାନା କଲି।

**ଅଧ୍ୟାପକ, ଇଂଲିଶ ବିଭାଗ
ନିଆଳି କଲେଜ, ନିଆଳି, କଟକ**
dasharekrushna97@gmail.com

## ଏଇ ଭାରତରେ

ଫାର୍ମ ହାଉସ ପାଲଟିଯାଇଛି ପ୍ରାଣୀମାନଙ୍କ ପାଇଁ ସ୍ୱର୍ଗ ଓ ସେମାନଙ୍କ ଲାଗି ଦେବଦୂତ ଭାବେ ଉଭା ହୋଇଛନ୍ତି ଟେକ୍‌ନିସିଆନ କୁଲଦୀପ ଖତ୍ରି। ୩୦ ବର୍ଷୀୟ କୁଲଦୀପ ପ୍ରାଣୀମାନଙ୍କୁ ମାଗଣା ଚିକିତ୍ସା ଓ ରହିବା ଲାଗି ଯୋଧପୁରସ୍ଥିତ ତାଙ୍କ ଫାର୍ମ ହାଉସକୁ ଖୋଲି ଦେଇଛନ୍ତି। ୨୦୨୦ କରୋନା ମହାମାରୀ ସମୟରେ 'ଡଗ୍ ହୋମ ଫାଉଣ୍ଡେଶନ' ଗଠନ କରି ଯୋଧପୁର ଓ ଏହାର ଆଖପାଖରୁ କୁକୁରଙ୍କୁ ଉଦ୍ଧାର କରି ସେମାନଙ୍କ ଯତ୍ନ ନେଉଛନ୍ତି। ଏହି କାର୍ଯ୍ୟ ସୁରୁଖୁରୁରେ ଚାଲିବା ପାଇଁ ୪୦ ଜଣିଆ ଟିମ୍ ନିଯୁକ୍ତ କରିଛନ୍ତି । ସେମାନେ ଦିନରାତି କ୍ଲିନିକ ଓ ଆମ୍ବୁଲାନ୍ସ ସେବା ସହ ବିଭିନ୍ନ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଏଯାବତ୍ କୁଲଦୀପ ପ୍ରାୟ ୪୮,୩୦୦ ବୁଲାପ୍ରାଣୀଙ୍କୁ ଚିକିତ୍ସା କରିସାରିଲେଣି। ସେଠାରେ ଏକ୍ସ–ରେ, ଅଲଟ୍ରାସୋନୋଗ୍ରାଫି ଇମେଜେସ୍, ବ୍ଲଡ୍ ଟେଷ୍ଟ, ଫିଜିଓ ଥେରାପି ଏବଂ ହାଇଡ୍ରୋଥେରାପି ଆଦି ଚିକିତ୍ସା କରାଯାଉଛି। ଏଥିପାଇଁ ୬ ଜଣ ଲାଇଭଷ୍ଟକ ଆସିଷ୍ଟାଣ୍ଟ ଏବଂ ୨ ଜଣ ପ୍ରାଣୀ ଚିକିତ୍ସକ ନିଯୁକ୍ତ ହୋଇଛନ୍ତି। କୁକୁରଙ୍କୁ ସକାଳ ୮ ଓ ଦିନ ୨ଟାରେ ଖାଦ୍ୟ, ଅପରାହ୍ଣ ୫ଟାରେ ବିସ୍କୁଟ ଏବଂ ରାତି ୮ଟାରେ କ୍ଷୀର ଦିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜୁନ୍ ୧୯୯୭

- ଉତ୍ତର ବ୍ୟାଙ୍କକଠାରୁ ୧୫୩ କିମି ଦୂର ଲୋପ୍‌କୁରୀଠାରେ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ବସ୍ କେନାଲ ଭିତରକୁ ଖସିପଡ଼ିବାରୁ ୨୬ ମୃତ।
- ନେପାଳରେ ଜଳଶକ୍ତି ପ୍ରକଳ୍ପର ବିକାଶରେ ଘରୋଇ ଉଦ୍ୟୋଗକାରୀଙ୍କ ଅଂଶ ରହିବା ପାଇଁ ଭାରତ ଓ ନେପାଳ ମଧ୍ୟରେ ଏକ ଶକ୍ତି ରାଜିନାମା ସ୍ୱାକ୍ଷରିତ।
- ବିରଳ ଅଲିଭ ରିଡ୍‌ଲେ କଇଁଚଙ୍କର ଆଶ୍ରୟସ୍ଥଳ ଭାବେ ବିଶ୍ୱପ୍ରସିଦ୍ଧ ଗହୀରମଥା ଅଞ୍ଚଳକୁ ସାମୁଦ୍ରିକ ଅଭୟାରଣ୍ୟ ଭାବେ ଘୋଷଣା କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ।

## ପାଠକ ଶ୍ରେଷ୍ଠ ବିଚାରକ

### ମଧ୍ୟରାତ୍ରରେ ବାରମ୍ବାର ବିଦ୍ୟୁତ୍ କାଟ

ମହାଶୟ,

ଟାଟା ବିଦ୍ୟୁତ୍ ବିତରଣ କମ୍ପାନୀର ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳରେ ବିଗତ କିଛିଦିନ ହେଲା ଦୈନିକ ମଧ୍ୟରାତ୍ରରେ ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ୍‌କାଟ ହେଉଥିବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ କିଛିଦିନ ଧରି ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଘନ ଘନ ବିଦ୍ୟୁତ୍ କାଟ ଫଳରେ ଜନସାଧାରଣ ପାନୀୟଜଳ ପାଇବାରୁ ବଞ୍ଚିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ମିଟର ରିଡିଂ କରୁଥିବା କର୍ମଚାରମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ବୈଷୟିକ ଜ୍ଞାନ ନ ଥିବାରୁ ମାତ୍ରାଧିକ ବିଲ୍ କାଟୁଥିବାରୁ ଉପଭୋକ୍ତାମାନେ ଅତିଷ୍ଠ ହୋଇ ପଡ଼ିଲେଣି। କୌଣସି ପୂର୍ବ ଘୋଷଣା ନ ଥାଇ ମନମୁଖି ଭାବେ ବିଦ୍ୟୁତ୍ କାଟ ଭଳି ବିଦ୍ୟୁତ୍ ବିଭାଗର ବେପରୁଆ କାର୍ଯ୍ୟକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। ଏହି ଘଟଣା ସମ୍ପର୍କରେ ଉଭୟ ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏହା ସବ୍‌ଗ୍ରୀଡ୍‌ରୁ ହେଉଛି ବୋଲି ସହଜ ଉତ୍ତର ଦେଇ ଘଟଣାକୁ ଏଡ଼େଇ ଯାଉଛନ୍ତି। ଏପରି ବିଦ୍ୟୁତ୍ କାଟ ଯଦି ବଳବତ୍ତର ରହେ, ବିନା ବିଦ୍ୟୁତ୍‌ରେ କୋମଳମତି ଛାତ୍ରୀଛାତ୍ରମାନେ କିପରି ପାଠ ପଢ଼ିବେ ସେ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**–ଦେବଦତ୍ତ ମିଶ୍ର, ଖବରଦାଦା, ପ୍ରେସ କ୍ଲବ, ସାକ୍ଷୀଗୋପାଳ, ପୁରୀ**

## ଚିରନ୍ତନୀ

ଅଞ୍ଚଳ ତବ ଚଞ୍ଚଳ ବାତେ
ସ୍ୱର୍ଣ୍ଣ ଜରିର ଧଟୀ
ନଚାଇ ସବେଗେ ନ ଚାଲୁ ତୁମର
ଚରଣ ନବୀନା ନଟୀ !

–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବ୍ୟବସାୟୀଙ୍କ ବ୍ୟାଙ୍କ ଖାତାରୁ ୨୫ ଲକ୍ଷ ଗାଏବ

**କୋରାପୁଟ,୫।୬ (ସ୍ୱ.ପ୍ର.):** କୋରାପୁଟ ସହରର ଜଣେ ବ୍ୟବସାୟୀଙ୍କ ବ୍ୟାଙ୍କ ଖାତାରୁ ୨୫ ଲକ୍ଷ ଟଙ୍କା ନେଇ ଜଣେ ଯୁବକ ଫେରାର ହୋଇଯାଇଛନ୍ତି। ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ୧୪୮/୨୨ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି। ଖବରରୁ ଜଣାପଡିଛି ପୁଜାରିପୁଟ ଅଞ୍ଚଳର ଏସ. ମଣ୍ଡଳ ନାମକ ଯୁବକ ଲିଙ୍ଗରାଜ ବେହେରାଙ୍କ ବ୍ୟବସାୟ ପ୍ରତିଷ୍ଠାନରେ କାମ କରୁଥିଲେ। ମଣ୍ଡଳ ଗତ ୩ ମାସ ଧରି ଲିଙ୍ଗରାଜଙ୍କ ସବୁ ଆୟବ୍ୟୟ ସହ ଏକାଧିକ ବ୍ୟାଙ୍କ ଖାତା ଦେଣନେଣ ବୁଝୁଥିଲେ। ଗତ ଶୁକ୍ରବାର ହଠାତ୍ ମଣ୍ଡଳଙ୍କ କୌଣସି ଖବର ମିଳି ନ ଥିଲା । ଲିଙ୍ଗରାଜଙ୍କ ବ୍ୟାଙ୍କ ଖାତାରୁ ମଧ ୨୫ ଲକ୍ଷ ଟଙ୍କା ଗାଏବ ହୋଇଯାଇଥିଲା । ଏନେଇ ଲିଙ୍ଗରାଜ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରି ରଖିଛି।

### ୧୯ ବାର୍‌ରେ ପୋଲିସ ଚଢ଼ାଉ
#### ନିୟମ ଉଲ୍ଲଂଘନକାରୀଙ୍କୁ ତାଗିଦ, ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୫।୬ (ବ୍ୟୁରୋ):** ରାଜଧାନୀର ବାର ଖୋଲିବା ପାଇଁ ସର୍ତ୍ତମୂଳକ ଅନୁମତି ରହିଥିଲେ ମଧ କେତେକ ବାର ମାଲିକ ନିୟମ ମାନୁ ନ ଥିବା ଦେଖିବାକୁ ମିଳିଛି। ବାରଗୁଡ଼ିକରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଡାନ୍ସ ଚାଲୁଥିବା ଖବର ପାଇ ଶନିବାର କମିଶନରେଟ ପୋଲିସ୍‌ର ଟିମ୍ ୧୯ଟି ବାରରେ ଅଚାନକ ଚଢ଼ାଉ କରିଥିଲା। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ୧୨ଟି ଓ ଇନ୍‌ଫୋସିଟି ଥାନା ଅଞ୍ଚଳରେ ୭ଟି ବାର୍‌ରେ ଚଢ଼ାଉବେଳେ ଅଧିକାଂଶ ନିୟମ ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ବାର୍ ମାଲିକ ଓ କର୍ମଚାରୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଭୁବନେଶ୍ୱର ଡିସିପି। ଏଥିସହ ଇନ୍‌ଫୋସିଟି ଥାନା ଅଞ୍ଚଳରେ ରହିଥିବା ରିବନ୍ ଓ ନାଇଟ କ୍ଲବ୍ ବାର ନିୟମ ଉଲ୍ଲଂଘନ କରି ରାତି ପ୍ରାୟ ୧୨ଟା ୧୫ ମିନିଟ ପର୍ଯ୍ୟନ୍ତ ଚାଲୁଥିବାରୁ ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷକଙ୍କୁ ରିପୋର୍ଟ ଦେଇଛି ପୋଲିସ। ଏଥିସହ ନିୟମ ଉଲ୍ଲଂଘନ ନେଇ ଏହି ଦୁଇଟି ବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ପୋଲିସ ଅପିଲ କରିଛି।

### ଯୁବକଙ୍କୁ ଆକ୍ରମଣ: ଜଣେ ଗିରଫ

**ରାଉରକେଲା ଅଫିସ,୫।୬:** ରାଉରକେଲା ଜଲଦା ଫାଣ୍ଡି ନିକଟରେ ଶନିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଇଡିଏଲ ଅଞ୍ଚଳର ଶୁକ୍ରୁ କୁଜୁର(୨୮)। ଏ ନେଇ ପୋଲିସ ଏକ ମାମଲା (ନଂ.୯୪।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଲାଠିକଟା ମନକୋ ଅଞ୍ଚଳର ଆନନ୍ଦ ପ୍ରସାଦ ଶନିବାର ରାତି ସାଢେ ୧୦ଟାରେ ରାଉରକେଲାରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଜଲଦା ଫାଣ୍ଡି ନିକଟରେ ଶୁକ୍ରୁ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଏହାକୁ ବିରୋଧ କରିବାକୁ ଶୁକ୍ରୁ ଆନନ୍ଦଙ୍କୁ ନିସ୍ତୁକ ମାଡ଼ ମାରି ତାଙ୍କ ବାଇକ୍ ଛଡାଇ ନେଇ ଫେରାର ହୋଇ ଯାଇଥିଲେ।

# ‘ଉପକୂଳକୁ ସୁରକ୍ଷା ଦେଉଛି ହେନ୍ତାଳବନ’

**ଭୁବନେଶ୍ୱର, ୫।୬(ବ୍ୟୁରୋ)**

ଜୀବଜଗତ ତିଷ୍ଠି ରହିବା ପାଇଁ ପୃଥିବୀର ସୁରକ୍ଷା ନିହାତି ଆବଶ୍ୟକ। ବୃକ୍ଷ ସମ୍ପଦ ହିଁ ପୃଥିବୀର ସୁରକ୍ଷା କବଚ। ବିଗତ ୨୦ ବର୍ଷ ଧରି ରାଜ୍ୟରେ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ହୋଇ ଆସୁଛି। ଆମ ରାଜ୍ୟରେ ହେନ୍ତାଳବନ ଅଭିବୃଦ୍ଧି ସର୍ବାଧିକ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହେନ୍ତାଳବନ ଉପକୂଳ ଅଞ୍ଚଳକୁ ସୁରକ୍ଷା ପ୍ରଦାନ କରୁଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଛନ୍ତି। ବିଭାଗ ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚିବ ଶର୍ମା ଏହା କହିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ଥିବା ଇକୋ-କ୍ଲବ୍‌ର ଛାତ୍ରୀଛାତ୍ରଙ୍କୁ ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ କରିବାକୁ ସେ ପ୍ରସ୍ତାବ ଦେବା ସହ ବନଖଣ୍ଡ ଅଧିକାରୀମାନେ ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ ଦିଗରେ ସଚେତନତା ସୃଷ୍ଟି କରନ୍ତୁ ବୋଲି କହିଛନ୍ତି। ଆବର୍ଜନାରୁ କିଭଳି ଖତ ପ୍ରସ୍ତୁତ ହେଉଛି, ପ୍ଲାଷ୍ଟିକ୍‌ର ପୁନର୍ବ୍ୟବହାର ସମ୍ପର୍କରେ ପିଲାମାନେ ଜାଣିବା ଉଚିତ। ଜଳ ଓ ବାୟୁ ପ୍ରଦୂଷଣର ନିରାକରଣ ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ କିଭଳି ପଦକ୍ଷେପ ନିଆଯାଇଛି ଇକୋ-କ୍ଲବ୍‌ର ସଦସ୍ୟଙ୍କୁ ସେସବୁ ସମ୍ପର୍କରେ ଜଣାଇ ପ୍ରତ୍ୟକ୍ଷ ଅନୁଭୂତି ବୃଦ୍ଧି କରାଯିବା ଆବଶ୍ୟକ। ଅକ୍ଷୟ ଶକ୍ତିର ବହୁଳ ବ୍ୟବହାର ଏବଂ ଜଙ୍ଗଲ ସୁରକ୍ଷା ଓ ବ୍ୟାପକ ବୃକ୍ଷରୋପଣ ଦିଗରେ ରାଜ୍ୟ ସରକାରଙ୍କୁ ସମସ୍ତେ ସହଯୋଗ କରିବା ପାଇଁ ସଚିବ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଭିଡିଓ ବାର୍ତ୍ତା ମାଧ୍ୟମରେ ରାଜ୍ୟବାସୀଙ୍କୁ ବିଶ୍ୱ ପରିବେଶ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ମନୁଷ୍ୟ ସମାଜକୁ ସୁସ୍ଥ ଓ ସ୍ଥାୟୀ ହେବା ପାଇଁ ପରିବେଶ ସହିତ ଦୀର୍ଘସ୍ଥାୟୀ ସମ୍ପର୍କ ରଖିବା

## ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ



ସଚିବ ମୋନା ଶର୍ମା ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଆବଶ୍ୟକ। ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ହ୍ରାସ କରିବା ପାଇଁ ୨୦୨୧-୩୦ ପର୍ଯ୍ୟନ୍ତ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ଜୈବ ବିବିଧତା ବୋର୍ଡର ଅଧକ୍ଷ ରାଜୀବ କୁମାର ସ୍ୱାଗତ ଭାଷଣ ଦେଇ ପରିବେଶକୁ କିଭଳି ସୁରକ୍ଷା ଓ ସନ୍ତୁଳିତ କରିହେବ ସେନେଇ ଆମକୁ ନିଜ ନିଜ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି କହିଥିଲେ। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁକୁ ନେଇ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଇକୋ-କ୍ଲବ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ମଡେଲ ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ସେଣ୍ଟର ଫର ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଭିନ୍ନ ଉପାଦେୟ ପୁସ୍ତକପୁସ୍ତିକା ସହିତ ଇକୋ-କ୍ଲବ୍‌ର ବାର୍ଷିକ ବିବରଣୀ ଅତିଥିମାନେ ଉନ୍ମୋଚନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାର ୨୦୦ ଅନୁଷ୍ଠାନ, ସ୍କୁଲ ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

୫୩ତମ ବିବାହ ବାର୍ଷିକୀ ଶୁଭେଚ୍ଛା



ଶ୍ରୀପ୍ରଫୁଲ୍ଲ କୁମାର ମହାନ୍ତି
ଶ୍ରୀମତୀ ଆହ୍ଲାଦିନୀ ମହାନ୍ତି
ଟିକରପଡ଼ା, ମହାନ୍ତିସାହି, ପୁରୀ-୨
ଆପଣଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ। ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୁଭେଚ୍ଛା ସହ:-
ପୁତ୍ର, ପୁତ୍ରବଧୂ, ନାତୁଣୀ, ନାତି
ଧ-୬୯୦୬୬

### ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ

**ବରପାଲି,୫।୬(ଡି.ଏନ.ଏ.):** ବରପାଲି ଥାନାଠାରୁ ମାତ୍ର ୩୦୦ ମିଟର ଦୂରରେ ଶନିବାର ସନ୍ଧ୍ୟାରେ ଜୁଆ ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ନଗଦ ୯୭ ହଜାର ଟଙ୍କା, ୪୫ଟି କଉଡ଼ି, ୮ଟି ଫୋନ ଓ ୧୩ଟି ବାଇକ୍ ଜବତ କରିଥିଲା। ଏହି ଘଟଣାରେ ୧୧ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରାଯାଇଛି। ଗିରଫମାନେ ହେଲେ ବରପାଲି, ରାମପୁର, ସାରସମାଲ, ବିନିକା କମିରା, ପୁଇଁତାଲା(ବଲାଙ୍ଗୀର), ବୈରଗପାଲି, ଧୂରପୁର ଗ୍ରାମର ।



ପୁରୀ ମହୋଦଧିରେ ରବିବାର ସତ୍‌ସଙ୍ଗର ପୂର୍ବତନ ଆଚାର୍ଯ୍ୟ ଶ୍ରୀଶ୍ରୀ ଦାଦା (ଅଶୋକ ଚକ୍ରବର୍ତ୍ତୀ)ଙ୍କ ଚିତାଭସ୍ମକୁ ବିସର୍ଜନ କରିବା ପାଇଁ ତାଙ୍କ କନିଷ୍ଠ ପୁତ୍ର ଅନିନ୍ଦ୍ୟଦ୍ୟୁତ ଚକ୍ରବର୍ତ୍ତୀ ନେଉଛନ୍ତି।

# ପ୍ରଫୁଲ୍ଲଙ୍କ ଉପରେ ପୁଣି ଭରସା

**ଢେଙ୍କାନାଳ ଅଫିସ, ୫।୬**

ରାଜ୍ୟ ରାଜନୀତିର ପାୱାର ହାଉସ୍ ଭାବେ ପରିଚିତ ଢେଙ୍କାନାଳ ଜିଲାକୁ ପୁଣି ଥରେ ମିଳିଛି ମନ୍ତ୍ରୀପଦ। ବରିଷ୍ଠ ବିଜେଡି ନେତା ତଥା କାମାକ୍ଷାନଗର ନିର୍ବାଚନମଣ୍ଡଳୀରୁ ୪ଥର ବିଧାୟକ ଭାବେ ବିଜୟୀ ହୋଇଥିବା ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଉପରେ ପୁନର୍ବାର ଭରସା କରିଛନ୍ତି ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୦୧୯ ପରି ୨୦୨୨ର ନବଗଠିତ ମନ୍ତ୍ରିମଣ୍ଡଳରେ ତାଙ୍କୁ ରାଜ୍ୟ କ୍ୟାବିନେଟରେ ସ୍ଥାନ ଦିଆଯିବା ସହ ପୁନର୍ବାର ଖଣି, ଇସ୍ପାତ ଏବଂ ପୂର୍ତ୍ତ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ପ୍ରଦାନ କରାଯାଇଛି।

୨୦୦୪ରୁ ଲଗାତର ବିଧାୟକ ଭାବେ ବିଜୟୀ ହୋଇ ଆସୁଥିବା ପ୍ରଫୁଲ୍ଲଙ୍କ ତୃତୀୟ ମହଲା ସହିତ ଭଲ ସମ୍ପର୍କ। ଢେଙ୍କାନାଳ ଜିଲା ସଭାପତି ଦାୟିତ୍ୱରେ ରହି ଗତ ପଞ୍ଚାୟତ ଏବଂ ପୌର ନିର୍ବାଚନକୁ ସଫଳତାର ସହ ପରିଚାଳନା ହେଉ କି ଅଧିକାଂଶ ବ୍ଲକରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା, ସବୁଥିରେ ପ୍ରଫୁଲ୍ଲଙ୍କ ରଣନୀତି କାମରେ ଆସିଛି। କେବଳ ଏତିକି ନୁହେଁ, କାମାକ୍ଷାନଗର ଏନ୍‌ଏସି ନିର୍ବାଚନରେ ବିଜେଡି ଏକତରଫା ଭାବେ ବିଜୟୀ ହେବା ଏବଂ ବିରୋଧୀ ମୂଳପୋଛ ହୋଇଯିବା ତାଙ୍କ ଲୋକପ୍ରିୟତାକୁ ଆହୁରି ବଢ଼ାଇଥିଲା। ଗତ ଶନିବାର ତାଙ୍କ ନିକଟକୁ ସିଏମ୍‌ଓରୁ ଫୋନ୍ ଯିବା ପରେ ଆପାତତଃ ସ୍ପଷ୍ଟ ହୋଇସାରିଥିଲା ଯେ, ତାଙ୍କୁ ପୁଣି ଥରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିବାକୁ ଯାଉଛି। ତେବେ ରବିବାର ତାଲିକା ପ୍ରକାଶ ପାଇବା ପରେ ସବୁ ସ୍ପଷ୍ଟ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ପ୍ରଫୁଲ୍ଲ ପ୍ରତିକ୍ରିୟାରେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଢେଙ୍କାନାଳ ଜିଲାରେ ବିକାଶର ଧାରା ଜାରି ରହିଛି। ରାସ୍ତାଘାଟ ଉନ୍ନତୀକରଣ ହୋଇଛି। ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯିବ। ସମସ୍ତଙ୍କ ସହଯୋଗରେ ବିକାଶମୂଳକ କାର୍ଯ୍ୟ ଜାରି ରହିବ।

ଅନ୍ୟପଟେ ବିଧାୟକ ସୁଧୀର କୁମାର ସାମଲଙ୍କୁ ମନ୍ତ୍ରୀପଦ ମିଳିବା ନେଇ ଜିଲାରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। କେତେକ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶିତ ସମ୍ଭାବ୍ୟ ତାଲିକାରେ ତାଙ୍କ ନାମ ଦେଖି ସମର୍ଥକମାନେ ଉତ୍ସାହିତ ହୋଇପଡ଼ିଥିଲେ। ତେବେ ମନ୍ତ୍ରୀମଣ୍ଡଳରେ କେବଳ ପ୍ରଫୁଲ୍ଲଙ୍କୁ ସାମିଲ କରାଯିବା ପରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି।

## ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯିବ



# ମହୋଦଧିରେ ଶ୍ରୀଶ୍ରୀ ଦାଦାଙ୍କ ଚିତାଭସ୍ମ ବିସର୍ଜିତ

**ପୁରୀ ଅଫିସ,୫।୬**

ଶ୍ରୀକ୍ଷେତ୍ର ମହୋଦଧିରେ ରବିବାର ସତ୍‌ସଙ୍ଗର ପୂର୍ବତନ ଆଚାର୍ଯ୍ୟ ଶ୍ରୀଶ୍ରୀ ଦାଦା (ଅଶୋକ ଚକ୍ରବର୍ତ୍ତୀ)ଙ୍କ ଚିତାଭସ୍ମ ବିସର୍ଜନ କରାଯାଇଛି। ତାଙ୍କର କନିଷ୍ଠ ପୁତ୍ର ଅନିନ୍ଦ୍ୟଦ୍ୟୁତ ଚକ୍ରବର୍ତ୍ତୀ ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ଅସ୍ଥି ବିସର୍ଜନ କରିଛନ୍ତି। ଏହି ଅବସରରେ ପୁରୀସ୍ଥିତ ସତ୍‌ସଙ୍ଗ ଠାକୁରବାଡ଼ିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଶିଷ୍ୟ ଏବଂ ଅନୁଗାମୀ ସମବେତ ହୋଇଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଠାକୁରବାଡ଼ିରେ ଚିତାଭସ୍ମ କଳସକୁ ଶ୍ରାଦ୍ଧବେଦିରେ ରଖାଯାଇଥିଲା। ଏହାପରେ ଶ୍ରାଦ୍ଧର କ୍ରିୟାକର୍ମ ସମ୍ପାଦନ ହୋଇଥିଲା। ବିଙ୍କିଦା ଓ ଅରଣୀ ବାବୁ ଚିତାଭସ୍ମ କଳସକୁ ମହୋଦଧି ପର୍ଯ୍ୟନ୍ତ ନେଇଥିଲେ। ମହୋଦଧି କୂଳରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ଚିତାଭସ୍ମ ବିସର୍ଜନ କରାଯାଇଥିଲା। ସୂଚନା ଥାଉ କି, ଏହା ପୂର୍ବରୁ ବିଙ୍କିଦା ହରିଦ୍ୱାରର ବ୍ରହ୍ମକୁଣ୍ଡରେ, ନୈମାଷାରଣ୍ୟ ବ୍ୟାସଗାଦି-ସ୍ଥିତ ଗୋମତି ନଦୀ, ପ୍ରୟାଗରାଜସ୍ଥିତ ତ୍ରିବେଣୀ ସଙ୍ଗମରେ ମଧ ଶ୍ରୀଶ୍ରୀଦାଦାଙ୍କ ଚିତାଭସ୍ମ ବିସର୍ଜନ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସ୍ୱତନ୍ତ୍ର ବାର୍ତ୍ତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଚିତାଭସ୍ମ ବିସର୍ଜନ କାର୍ଯ୍ୟକ୍ରମରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ପୁରୀ ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଦେଓଘର ସତ୍‌ସଙ୍ଗ ଆଶ୍ରମର କର୍ମୀ ବିଶ୍ୱଜିତ ଚୌଧୁରୀ ଓ ଗୌରକୃଷ୍ଣ ନାୟକ ଏହି କାର୍ଯ୍ୟକ୍ରମ ସମ୍ପାଦନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ସତସଙ୍ଗର ସହସମ୍ପାଦକ ଡା. ବିନାୟକ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସ୍ରାଧିକ ଭକ୍ତ ଠାକୁରବାଡ଼ିରେ ପ୍ରସାଦ ସେବନ କରିଥିଲେ। ଆସନ୍ତା ୧୩ ତାରିଖରେ ଲେହଠାରେ ସିନ୍ଧୁ ନଦୀରେ, ୧୬ରେ ଗୌହାଟୀର ବ୍ରହ୍ମପୁତ୍ର ନଦୀରେ, ୧୮ରେ ବାଂଲାଦେଶର ପଦ୍ମା ନଦୀରେ ଓ ୨୧ ତାରିଖରେ ପଶ୍ଚିମବଙ୍ଗର ପାଣିହାଟଠାରେ ଶ୍ରୀଶ୍ରୀ ଦାଦାଙ୍କ ଚିତାଭସ୍ମ ବିସର୍ଜନ କରାଯାଇ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି।

## ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା କୋଟିଆ, ପୋଲାଭରମ ବିବାଦର ସମାଧାନ କରିପାରିବ: ଆନ୍ଧ୍ର ଉପ ମୁଖ୍ୟମନ୍ତ୍ରୀ

**ସୁନାବେଡା/ସେମିଳିଗୁଡା,୫।୬ (ସ୍ୱ.ପ୍ର.)**

ପିପୁଲ ଏଗେନେଷ୍ଟ ପୋଲାଭରମ ପ୍ରୋଜେକ୍ଟ ‘ପାପ’ ସଙ୍ଗଠନର ଜାତୀୟ କମିଟି ଅଧକ୍ଷ ପ୍ରଭାକର ହନ୍ତାଳ ଆନ୍ଧ୍ରପ୍ରଦେଶର ସାଲୁରଠାରେ ଶନିବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପିଡ଼ିକା ରାଜାନା ଦୋରାଙ୍କ ସହ ଆଲୋଚନା କରଛନ୍ତି। କୋଟିଆ ସୀମା ବିବାଦ ଓ ପୋଲାଭରମ ସମସ୍ୟାର ସମାଧାନ ସମ୍ପର୍କରେ ସେ ଆଲୋଚନା କରିଥିବା ଜଣାପଡିଛି। ଏହି ଅବସରରେ ଦୋରା କହିଥିଲେ ଯେ, ଓଡିଶା ମୁଖ୍ୟମନ୍ତ୍ରୀଙ୍କ ସହ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଉତ୍ତମ ସମ୍ପର୍କ ରହିଛି। ତେଣୁ ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା ମାଧ୍ୟମରେ କୋଟିଆ ସୀମା ବିବାଦ ଏବଂ ପୋଲାଭରମ ପ୍ରକଳ୍ପ ନେଇ ରହିଥିବା ସମସ୍ୟାର ସମାଧାନ ହୋଇପାରିବ। ସେ କହିଥିଲେ ଯେ, ଟାଟା କମ୍ପାନୀ ତଳ ଗଞ୍ଜେଇପଦର ଗ୍ରାମ ନିକଟରେ ଏକ ଜଳ ବିଦ୍ୟୁତ ଓ ସୌରଚାଳିତ ବିଦ୍ୟୁତ ପ୍ରକଳ୍ପ କରିବାକୁ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ଅନେକ ଶିକ୍ଷିତ ବେକାର ଯୁବତୀ ଯୁବକ କର୍ମନିଯୁକ୍ତି ପାଇପାରିବେ। ଉଭୟ ଆନ୍ଧ୍ର, ଓଡ଼ିଶା ପ୍ରଶାସନ ଏ ଦିଗରେ ସହଯୋଗ କଲେ ସେଠାକାର ଲୋକେ ଉପକୃତ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ଦୋରା ପ୍ରକାଶ କରିଥିଲେ। କୋଟିଆ ପ୍ରସଙ୍ଗ ଆଲୋଚନା ବେଳେ ‘ପାପ’ ଅଧକ୍ଷ ହନ୍ତାଳ ୧୯୪୫ରେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କୋରାପୁଟର ଏକ ମାନଚିତ୍ର ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ମାନଚିତ୍ରରେ କୋଟିଆ ସୀମା ବିବାଦ ଅର୍ନ୍ତଭୁକ୍ତ ଗ୍ରାମଗୁଡିକ କୋରାପୁଟ ଜିଲା ଅଧୀନରେ ରହିଛି। ରାଜସ୍ୱ ଡିଭିଜନରେ ସେହି ଗ୍ରାମଗୁଡିକ ଆନ୍ଧ୍ରପ୍ରଦେଶରେ ରହିଥିବା ଉପମୁଖ୍ୟମନ୍ତ୍ରୀ ଦୋରା କହିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୫।୬**

ଫ୍ୟାନ୍ ସୁଇଚ୍ ଲଗାଇବା ବେଳେ ଅଘଟଣ ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣଙ୍କ ହରିଶ୍ଚନ୍ଦ୍ର ପ୍ରଧାନଙ୍କ ପୁଅ ସୂର୍ଯ୍ୟନାରାୟଣ (୧୫)। ବ୍ରହ୍ମପୁର ସଦର ଥାନା ପୋଲିସ ଏମ୍‌କେସିଜି ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ନଂ. ୩୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଛେଦ ପାଇଁ ପଠାଇଛି।

ପ୍ରକାଶ ଯେ, ଦିଗପହଣ୍ଡି ଥାନା ଅନ୍ତର୍ଗତ ମୋହଡ଼ାର ସୂର୍ଯ୍ୟନାରାୟଣ ପାଠ ପଢ଼ିବା ପାଇଁ ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମରେ ରହୁଛନ୍ତି। ରବିବାର ସକାଳେ ସେ ବାଥ୍‌ରୁମ୍‌ରେ ଗାଧୋଇ ସାରିବା ପରେ ଫ୍ୟାନ୍ ସୁଇଚ୍ ଲଗାଇଥିଲେ। ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଛିଟିକି ପଡ଼ିଥିଲେ।

# ରୋଗ ଭଲ ପାଇଁ ଖାଉଛନ୍ତି ବାଲି

**ଗୋପାଳପୁର,୫।୬(ଡି.ଏନ.ଏ.)**

ଔଷଧ ଖାଇଲେ ରୋଗ ଭଲ ହୁଏ। କିନ୍ତୁ ଜଣେ ବ୍ୟକ୍ତି ତାଙ୍କ ଗୋଡ଼ହାତ ବିନ୍ଧାରୁ ଉପଶମ ପାଇବା ପାଇଁ ବାଲି ଖାଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କୀର୍ତ୍ତିପୁର ଗ୍ରାମରେ। ବାଲି ଖାଇଲେ ବି ତାଙ୍କର ହଜମ ହୋଇ ଯାଉଥିବା ଜଣାପଡ଼ିଛି।

ଉତ୍ତରପ୍ରଦେଶ ରାଜ୍ୟର କୌନୁଜ ଅଞ୍ଚଳର ମୂଳ ବାସିନ୍ଦା ହୀରାଲାଲ ବାଲିନା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କିର୍ତ୍ତିପୁର ଗ୍ରାମରେ ରୁହନ୍ତି। ସେ ବର୍ଷକୁ ୫ ମାସ କିର୍ତ୍ତିପୁର ଅଞ୍ଚଳରେ ରହି ଏକ ଅତର ଭାଟିରେ ଶ୍ରମିକ ଭାବେ କାମ କରନ୍ତି। ପ୍ରାୟ ୧୦ ବର୍ଷ ହେଲା ହୀରାଲାଲ୍ ଗଞ୍ଜାମ ଜିଲାକୁ ଆସୁଛନ୍ତି। ତାଙ୍କ କହିବା ଅନୁସାରେ ପିଲାବେଳେ ଥରେ ନଦୀକୁ ଗାଧୋଇ ଯାଇଥିବା ବେଳେ ଜଣେ ବୃଦ୍ଧଙ୍କୁ ଦେଖି ସ୍ୱାସ୍ଥ୍ୟ ସମସ୍ୟା ଜଣାଇଥିଲେ। ଅଧିକାଂଶ ସମୟ ଗୋଡ଼, ହାତ ବିନ୍ଧୁଛି, ଖାଦ୍ୟ ଠିକ୍ ଭାବେ ହଜମ ହୋଇପାରୁନାହିଁ ବୋଲି ହୀରାଲାଲ୍ କହିଥିଲେ। ପରେ ବୃଦ୍ଧ ଜଣକ ନଦୀବାଲି ଖାଇ ଗାଧୋଇଲେ ରୋଗ ଭଲ ହୋଇଯିବ ବୋଲି ତାଙ୍କୁ କହିଥିଲେ। ସେବେଠାରୁ ପ୍ରାୟ ୩୦ ବର୍ଷ ହେଲା ହୀରାଲାଲ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ବାଲି ଖାଉଛନ୍ତି ଏବଂ ତାହା ହଜମ ମଧ ହୋଇଯାଉଛି। ବିବାହ ପରେ ସ୍ତ୍ରୀଙ୍କୁ ମଧ ବାଲି ଖୁଆଉଥିଲେ ବୋଲି ସେ କହିଛନ୍ତି। ଇତିମଧ୍ୟରେ ସେ ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ହରାଇଛନ୍ତି।



ବାଲି ଖାଉଛନ୍ତି ହୀରାଲାଲ ବାଲିନା।

# ସନ୍ଦେହରେ ପୋଲିସ ଭୂମିକା

**ଯାଜପୁର ଅଫିସ,୫।୬**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରି ପଞ୍ଚାୟତର ରଗଡ଼ିଠାରୁ କୋରେଇଗଡ଼ିଆ ରାସ୍ତା କାର୍ଯ୍ୟରେ ମେଶିନ ଲଗାଯାଇ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏହି ମର୍ମରେ କୋରେଇଗଡ଼ିଆ ଗ୍ରାମର ପ୍ରକାଶ କୁମାର ପଣ୍ଡା, କାନ୍ତିଲତା ପଣ୍ଡା, ରାଜେନ୍ଦ୍ର ରାଉତ, ମନୋଜ କୁମାର ପଣ୍ଡା, ମାନସ ରାଉତ, ଲିପୁ ରାଉତ, ଲକ୍ଷ୍ମୀଧର ରାଉତ, ସୀତା ରାଉତ, ସୁଶାନ୍ତ ପଣ୍ଡା ପ୍ରମୁଖ ଲିଖିତ ଭାବେ ଯାଜପୁର ଜିଲାପାଳ, ବ୍ଲକ ଉନ୍ନୟନ ଅଧିକାରୀ ଏବଂ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ଧରିତ୍ରୀରେ ଗତ ୪ ତାରିଖରେ ‘ଶ୍ରମିକ ବଦଳରେ ମେଶିନ କରୁଛି କାମ’ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ଠିକାଦାର ଧରିତ୍ରୀର ରଗଡ଼ି ଖବରଦାତା ଚନ୍ଦ୍ରକାନ୍ତ ପତିଙ୍କୁ ଆକ୍ରମଣ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏନେଇ ଖବରଦାତା ପତି କୋରେଇ ଥାନାର ଦ୍ୱାରସ୍ଥ ହେବାରୁ ଆଇପିସି ଦଫା ୨୯୪, ୩୨୩, ୩୪୧, ୫୦୬ ଅନୁଯାୟୀ ୧୬୫/୨୦୨୨ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ହେଲେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସାହସ ଜୁଟାଇ ପାରୁନାହିଁ। ବରଂ ଅଭିଯୁକ୍ତ ତାପସ କୁମାର ଦାସଙ୍କ ଅଭିଯୋଗ ଆଧାରରେ ଓଲଟା ଖବରଦାତା ପତିଙ୍କ ନାମରେ ଆଇପିସି ଦଫା ୨୯୪, ୩୪୧, ୩୮୫,୫୦୬ ଅନୁଯାୟୀ ଅନ୍ୟ ଏକ ମାମଲା (୧୬୪/୨୦୨୨) ରୁଜୁ କରିଛି। ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭର ଭୂମିକା ନିର୍ବାହ କରୁଥିବା ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ଏଭଳି ଆଭିମୁଖ୍ୟ ପୋଲିସର କାର୍ଯ୍ୟ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜନୈତିକ ଚାପରେ ପୋଲିସ କାମ କରୁଥିବା ଏଠାରେ ଜଳଜଳ ହୋଇ ଦିଶୁଛି। ଗ୍ରାମବାସୀଙ୍କ ଅଭିଯୋଗରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ, ଉକ୍ତ ପ୍ରକଳ୍ପରେ ଶ୍ରମିକମାନଙ୍କୁ ନିୟୋଜିତ ନ କରାଯାଇ ରାତି ସମୟରେ ଜେସିବି ମେଶିନ ଯୋଗେ କାମ କରାଯାଉଛି। ଏନେଇ ଜିଲା ପ୍ରଶାସନ ଏଯାଏ କୌଣସି ପଦକ୍ଷେପ ନେଇନାହାନ୍ତି। ଏଭଳି ସ୍ଥିତିରେ ପୋଲିସ ମଧ ଠିକାଦାରଙ୍କୁ ପରୋକ୍ଷରେ ସହାୟତା କରି ଖବରଦାତାଙ୍କ ଉପରେ ମାମଲା ରୁଜୁ କରିଛି ବୋଲି ଗ୍ରାମବାସୀ ଆଲୋଚନା କରୁଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ଏସ୍‌ପି ରାହୁଲ ପି.ଆର.ଙ୍କୁ ପଚାରିବାରୁ ସେ କହିଛନ୍ତି, ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଉଭୟ ପକ୍ଷରୁ ମାମଲା ରୁଜୁ ହୋଇଛି। ଏଥିରେ ସାମ୍ବାଦିକ ଆହତ ହୋଇ ନ ଥିବା ସୂଚନା ମିଳିଛି। ତେବେ ସେ ନିଜେ ଏହି ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ଖବରଦାତାଙ୍କୁ ଆକ୍ରମଣ ମାମଲା
### ଅଭିଯୁକ୍ତଙ୍କୁ ପରୋକ୍ଷରେ ସହାୟତା ମିଳୁଛି

## ସଂକ୍ଷେପରେ

### କୋଭିଡ୍ ଅନାଥ ଟପ୍ପରଙ୍କୁ ଋଣ ପରିଶୋଧ ନୋଟିସ

**ଭୋପାଳ,୫।୬:** ମଧ୍ୟପ୍ରଦେଶ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୯.୮ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିବା ବନିଶା ପାଠକ ଗତବର୍ଷ ମେ'ରେ କୋଭିଡ୍‌ରେ ତାଙ୍କ ମାଆବାପାଙ୍କୁ ହରାଇଥିଲେ। ତାଙ୍କ ବାପା ଜିତେନ୍ଦ୍ର ପାଠକ ଜଣେ ଏଲ୍ଆଇସି ଏଜେଣ୍ଟ ଥିଲେ। ସେ ଏଲ୍ଆଇସିରୁ ଆଣିଥିବା ଋଣ ସୁଧ ସହ ମିଶାଇ ୨୯ ଲକ୍ଷ ଟଙ୍କା ଶୁଝିବା ଲାଗି ବନିଶାଙ୍କ ପାଖକୁ ଲିଗାଲ ନୋଟିସ୍ ଆସିଛି। ସେ ନାବାଳିକା ହୋଇଥିବାରୁ ଏଲ୍ଆଇସି ତାଙ୍କ ବାପାଙ୍କ ସମସ୍ତ ଜମାରାଶି ଏବଂ ସେ ପ୍ରତି ମାସରେ ପାଇବାକୁ ଥିବା କମିଶନକୁ ବନ୍ଦ କରିଦେଇଛି। ବନିଶାଙ୍କର ଜଣେ ଛୋଟ ଭାଇ ଅଛନ୍ତି। ସେ କିଛିଦିନ ସମୟ ମାଗି ଏକାଧିକ ଥର ପତ୍ର ଲେଖିଥିଲେ ହେଁ ଏଲ୍ଆଇସି କର୍ତ୍ତୃପକ୍ଷ ଶୁଣୁନାହାନ୍ତି।

### ଭୋଟକେନ୍ଦ୍ରକୁ ଯିବା ଲାଗି ୧୮ କି.ମି. ଟ୍ରେକିଂ କଲେ ସିଇସି

**ଡେରାଡୁନ୍,୫।୬:** ଉତ୍ତରାଖଣ୍ଡର ସୀମାନ୍ତ ଅଗମ୍ୟ ଅଞ୍ଚଳରେ ଥିବା ଏକ ଭୋଟକେନ୍ଦ୍ରରେ



ପହଞ୍ଚିବା ପାଇଁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଓ ଅନ୍ୟ କର୍ମଚାରୀମାନେ ୧୮ କିଲୋମିଟର ପାର୍ବତ୍ୟାଞ୍ଚଳ ରାସ୍ତାକୁ ବହୁ କଷ୍ଟରେ ଅତିକ୍ରମ କରିଛନ୍ତି। ଚାମୋଲି ଜିଲାର ଡୁମାକ ଗ୍ରାମରେ ଥିବା ଉକ୍ତ ଭୋଟ କେନ୍ଦ୍ର ଅଧୀନରେ ମୋଟ ୨୯୦ ଭୋଟର ରହିଛନ୍ତି। ସିଇସିଙ୍କ ହେଲିକପ୍ଟର ପିପାଲକୋଟିଠାରେ ଅବତରଣ କରିବା ପରେ ସେଠାରୁ କିମାନା ଗ୍ରାମ ପର୍ଯ୍ୟନ୍ତ ସେମାନେ କାର୍‌ରେ ଯାଇଥିଲେ। ସେଠାରୁ ୧୮ କିଲୋମିଟର ଚାଲି ଚାଲି ସିଇସି ଏବଂ ଅନ୍ୟ ପୋଲିଂ କର୍ମଚାରୀମାନେ ଶୁକ୍ରବାର ଏକ ସରକାରୀ ଇଣ୍ଟର କଲେଜ ବିଲ୍ଡିଂରେ ହୋଇଥିବା ଭୋଟ କେନ୍ଦ୍ରରେ ପହଞ୍ଚିଥିଲେ।

### ସିଡିଏସ୍ ପରୀକ୍ଷାରେ ଡ୍ରାଇଭରଙ୍କ ପୁଅ ଟପ୍ପର

**ନୈନିତାଲ,୫।୬:** ମିଳିତ ପ୍ରତିରକ୍ଷା ସେବା (ସିଡିଏସ୍) ପରୀକ୍ଷାରେ ଉତ୍ତରାଖଣ୍ଡର ହଲଦ୍ୱାନି ଅଞ୍ଚଳର ହିମାଂଶୁ ପାଣ୍ଡେ(୨୨) ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି।



କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ପରିଚାଳିତ ଏହି ପରୀକ୍ଷା ଫଳାଫଳ ଶୁକ୍ରବାର ପ୍ରକାଶ ପାଇଥିଲା। ଡେରାଡୁନ୍‌ସ୍ଥିତ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀ (ଆଇଏମ୍ଏ) ପାଇଁ ପାଣ୍ଡେଙ୍କୁ ଚୟନ କରାଯାଇଛି। ପିଲାଦିନୁ ସେ ଦେଶର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଚାହୁଁଥିଲେ ବୋଲି କହିଛନ୍ତି। ହିମାଂଶୁଙ୍କ ବାପା କମଳ ପାଣ୍ଡେ ଏକ ଘରୋଇ କମ୍ପାନୀରେ ଡ୍ରାଇଭର ଥିବାବେଳେ ମାଆ ଦୀପିକା ଜଣେ ଗୃହିଣୀ। ଦ୍ୱାରାହାଟ ଇଞ୍ଜିନିୟରିଂ କଲେଜରୁ ହିମାଂଶୁ ବି.ଟେକ୍ କରିଛନ୍ତି। ୨୦୧୭ରୁ ସେ ସିଡିଏସ୍ ପାଇଁ ପ୍ରସ୍ତୁତି ଚଳାଇ ତୃତୀୟ ଉଦ୍ୟମରେ ସଫଳ ହୋଇଛନ୍ତି।

### କୋର୍ଟରେ ହାଜର ହେଲେ ମୃତ ଘୋଷିତ ମହିଳା

**ମୁଜାଫରପୁର,୫।୬:** ସିବିଆଇ କିଛିଦିନ ପୂର୍ବରୁ ମୃତ ଘୋଷଣା କରିଥିବା ଜଣେ ସାକ୍ଷୀ ଅଦାଲତରେ ହାଜର ହୋଇଛନ୍ତି। ବିହାର ଖବରଦାତା ରାଜଦେବ ରଞ୍ଜନ ହତ୍ୟା ମାମଲାର ଶୁଣାଣି ଶନିବାର ସିଭିଲ୍ କୋର୍ଟରେ ଚାଲିଥିବାବେଳେ ସାକ୍ଷୀ ବାଦାମି ଦେବୀ ବିଚାରପତିଙ୍କ ନିକଟରେ ହାଜର ହୋଇ ସିବିଆଇ ତାଙ୍କୁ ମୃତ ଘୋଷଣା କରିଥିବା କହିଥିଲେ। ତାଙ୍କୁ ମୃତ ଘୋଷଣା କରାଯିବା ତଦନ୍ତକାରୀ ସଂସ୍ଥାର ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ବାଦାମି ଅଭିଯୋଗ କରିଥିଲେ। ପରିଚୟ ପ୍ରମାଣ ଭାବେ ସେ ତାଙ୍କ ଭୋଟର ପରିଚୟ ପତ୍ର ଓ ପାନ୍ କାର୍ଡ ଅଦାଲତଙ୍କୁ ଦେଖାଇଥିଲେ। ବାଦାମି ଦେବୀ ମାମଲାର ମୁଖ୍ୟ ସାକ୍ଷୀ। ମେ' ୨୪ରେ ସିବିଆଇ ଦାଖଲ କରିଥିବା ରିପୋର୍ଟରେ ତାଙ୍କୁ ମୃତ ଘୋଷଣା କରାଯାଇଥିବା ଓକିଲ ଶରଦ ସିହ୍ନା କୋର୍ଟଙ୍କୁ ଜଣାଇଥିଲେ। ଅବହେଳା ପାଇଁ ଅଦାଲତ ସିବିଆଇକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।



ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ରବିବାର ଆୟୋଜିତ ପ୍ରାଇଡ୍ ପରେଡ୍‌ରେ ଭାଗନେଇଥିବା ଏଲ୍‌ଜିବିଟିକ୍ୟୁ ସଦସ୍ୟ।

# ବୋରିସ୍‌ଙ୍କ ମୁଣ୍ଡରେ ଅନାସ୍ଥା ଖଣ୍ଡା

**ଲଣ୍ଡନ, ୫।୬**



ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ

କୋଭିଡ୍ ଲକ୍‌ଡାଉନବେଳେ କଟକଣା ଉଲ୍ଲଂଘନ କରି ସରକାରୀ କାର୍ଯ୍ୟାଳୟ ପରିସରରେ ପାର୍ଟି କରିବା ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ପାଇଁ ସମସ୍ୟା ବଢ଼ାଇଛି। 'ପାର୍ଟିଗେଟ୍' ପାଇଁ ବିରୋଧୀଙ୍କ ସମେତ ବୋରିସ୍‌ଙ୍କୁ ନିଜ ଦଳ କଞ୍ଜରଭେଟିଭ୍ ପାର୍ଟିର କେତେକ ସଦସ୍ୟ ମଧ୍ୟ ବିରୋଧ କରୁଛନ୍ତି। ଏପରି କି ଶାସକ ଦଳର କେତେଜଣ ନେତା ବୋରିସ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଅଫିସିଆଲ ଭାବେ ଚିଠି ଦାଖଲ କରିଥିବା ଜଣାଯାଇଛି। ତେଣୁ ଆସନ୍ତା ବୁଧବାର ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିପାରେ ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

ବିଧିବଦ୍ଧ ଭାବେ ବୋରିସ୍‌ଙ୍କ ବିରୋଧରେ ଅନାସ୍ଥା ଆଣିବା ପାଇଁ ୫୪ କଞ୍ଜରଭେଟିଭ୍ ସଦସ୍ୟ ଦଳର ୧୯୨୨ କମିଟି ଚେୟାରମ୍ୟାନ୍‌ଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ। ଅଦ୍ୟାବଧି ପତ୍ରକୁ ସାର୍ବଜନୀନ କରାଯାଇ ନ ଥିବାରୁ ଶାସକ ଦଳର କେତେ ସଦସ୍ୟ ଅନାସ୍ଥା ପ୍ରସ୍ତାବ ନିମନ୍ତେ କମିଟିକୁ ଲେଖିଛନ୍ତି ତାହା ଜଣାପଡ଼ିନାହିଁ। ପ୍ରାୟ ୨୫ କଞ୍ଜରଭେଟିଭ୍ ସଦସ୍ୟ ଖୋଲାଖୋଲି ବୋରିସ୍‌ଙ୍କୁ ହଟାଇବାକୁ ଦାବି କରୁଛନ୍ତି। ପାର୍ଲାମେଣ୍ଟରେ ପର୍ନୋଗ୍ରାଫି ଭିଡିଓ ଦେଖିବା ଏବଂ ଜଣେ ବାଳକଙ୍କୁ ଯୌନ ନିର୍ଯାତନା ଦେବା ମାମଲାରେ କଞ୍ଜରଭେଟିଭ୍ ପାର୍ଟିର ଦୁଇ ଏମ୍‌ପି ଇସ୍ତଫା ଦେଇଛନ୍ତି। ଏହି ଦୁଇ ଆସନ ପାଇଁ ଆସନ୍ତା ୨୩ ତାରିଖରେ ଉପନିର୍ବାଚନ ହେବାକୁ ଯାଉଛି। ଏହା ପୂର୍ବରୁ ଅନାସ୍ଥା ପ୍ରସ୍ତାବ ଆସିଲେ ବୋରିସ୍‌ଙ୍କ

#### କଞ୍ଜରଭେଟିଭ୍ ପାର୍ଟିର ୧୫% ଏମ୍‌ପି ଚାହିଁଲେ ଆସିବ ପ୍ରସ୍ତାବ

ପାଇଁ ସମସ୍ୟା ସୃଷ୍ଟି ହେବ। ସେହିପରି ଉପନିର୍ବାଚନରେ ଦଳ ପରାଜିତ ହେଲେ ଏବଂ ନିର୍ବାଚନ ପରେ ଅନାସ୍ଥା ପ୍ରସ୍ତାବ ଆସିଲେ ତାହା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ହେବ। ବୋରିସ୍ ଏବଂ ଡାଉନିଂଷ୍ଟ୍ରିଟ୍ ଅଧିକାରୀମାନେ କରୋନା କଟକଣାବେଳେ ଆଲ୍‌କହଲ ପାର୍ଟି କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରଠାରୁ ବ୍ରିଟେନ ପ୍ରଧାନମନ୍ତ୍ରୀ ଏକାଧିକ ଥର କ୍ଷମାପ୍ରାର୍ଥନା କରିଛନ୍ତି। ଘଟଣାର ଯାଞ୍ଚ ପରେ ପୋଲିସ ବୋରିସ୍‌ଙ୍କ ସମେତ ୮୩ ଜଣଙ୍କ ଉପରେ ଜରିମାନା ଲଗାଇଥିଲା। ଅନ୍ୟପକ୍ଷରେ ଦେଶ ଅନେକ କଠିନ ଚ୍ୟାଲେଞ୍ଜର ସାମ୍ନା କରୁଥିବାରୁ ଏଭଳି ସ୍ଥିତିରେ ଇସ୍ତଫା ଦେଇ ଚାଲିଯିବା ଦାୟିତ୍ୱହୀନ କାମ ହେବ ବୋଲି ବୋରିସ୍ କହିଛନ୍ତି।

## କାନପୁର ହିଂସା: ତଦନ୍ତ କରିବ ଏସ୍‌ଆଇଟି

**କାନପୁର, ୫।୬**

କାନପୁର ହିଂସା ଘଟଣାର ମାଷ୍ଟରମାଇଣ୍ଡ ମୌଲାନା ମହମ୍ମଦ ଅଲ୍ଲୀ (ଏମ୍ଏମ୍ଏ) ଜୌହର ଫ୍ୟାନ୍ସ ଆସୋସିଏଶନର ମୁଖ୍ୟ ହୟାତ୍ ଜାଫର ହାସ୍‌ମୀଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ରବିବାର ୧୪ ଦିନିଆ ରିମାଣ୍ଡରେ ନେଇଛି। ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଥିବା ପୋଲିସ କମିଶନର ବିଜୟ ସିଂ ମିନା ରବିବାର ସୂଚନା ଦେଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ ସହ ସେମାନଙ୍କ ନେଟ୍‌ୱର୍କ ଠାବ କରାଯିବ। ଢେଲାମାଡ଼ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ ପାଇଁ ସେମାନଙ୍କ ପୋଷ୍ଟର ଲଗାଯିବ। ଅଧିକ ପ୍ରମାଣ ପାଇଁ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ମଧ୍ୟ ଯାଞ୍ଚ କରାଯିବ। ତଦନ୍ତରେ ସହାୟତା ପାଇଁ ଆଉ ଏକ ଟିମ୍ ଗଠନ କରାଯାଇଥିବା ସେ କହିଛନ୍ତି। ଯାଞ୍ଚବେଳେ ପ୍ରମାଣ ନଷ୍ଟ, ଡିଭିଆର୍ ଫୁଟେଜ୍ ଡିଲିଟ୍ କରିବା ପାଇଁ ଅଭିଯୁକ୍ତମାନେ ଉଦ୍ୟମ କରିଥିବା ଜଣାପଡ଼ିଛି। ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍ଆଇ) ସହ ମାଷ୍ଟରମାଇଣ୍ଡ ହୟାତ୍ ଜାଫର ହାସ୍‌ମୀଙ୍କ ଲିଙ୍କ ଥିବା ସନ୍ଦେହ କରାଯାଉଛି। ଏ ଦିଗରେ ତଦନ୍ତ ଜାରିଥିବା ପୋଲିସ କହିଛି।

## ବିଏସ୍ଏଫ୍ ଯବାନଙ୍କୁ ଆକ୍ରମଣ, ଚୋରାବେପାରୀ ନିହତ

**କୋଲକାତା,୫।୬**

#### ଭାରତ-ବାଂଲା ସୀମାରେ ଏନ୍‌କାଉଣ୍ଟର

ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲା ଅନ୍ତର୍ଗତ ଭାରତ-ବାଂଲାଦେଶ ଅନ୍ତର୍ଜାତୀୟ ସୀମାରେ ରବିବାର ଭୋର ସମୟରେ କେତେଜଣ ଚୋରାବେପାରୀ ଜଣେ ବିଏସ୍ଏଫ୍ ଯବାନଙ୍କ ଉପରେ ଆକ୍ରମଣ କରିଥିଲେ। ସୈନ୍ୟଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ଜଣେ ଚୋରାବେପାରୀ ନିହତ ହୋଇଛନ୍ତି। ସ୍ମଗଲରମାନେ ଫେନ୍‌ସେଡାଇଲ୍ ଚୋରା କାରବାର କରୁଥିବା ଗୋଇନ୍ଦା ସୂଚନା ପାଇ ସାଗରପରା ସୀମାନ୍ତ ଆଉଟପୋଷ୍ଟଠାରେ ବିଏସ୍ଏଫ୍ ଯବାନ ସେମାନଙ୍କୁ ଅଟକାଇଥିଲେ। ଫଳରେ ୧୦ରୁ ୧୫ ଜଣ ଚୋରାବେପାରୀ ଯବାନଙ୍କୁ ଧାରୁଆ ଅସ୍ତ୍ର ଓ ପଥରରେ ଆକ୍ରମଣ କରିଥିଲେ। ବିଏସ୍ଏଫ୍ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିଲା। ଯବାନଙ୍କ ଗୁଳିରେ ଜଣେ ସ୍ମଗଲର ନିହତ ହେବା ପରେ ଅନ୍ଧାରର ସୁଯୋଗ ନେଇ ଅନ୍ୟମାନେ ଖସି ପଳାଇ ଯାଇଥିଲେ। ସେମାନଙ୍କଠାରୁ ୫୩୨ ବୋତଲ ଫେନ୍‌ସିଡାଇଲ ଜବତ ହୋଇଛି। ମୃତ ଚୋରାବେପାରୀ ମୁର୍ଶିଦାବାଦର ରୋହିଲ ମଣ୍ଡଳ ବୋଲି ଜଣାପଡ଼ିଛି।

## ବାଇଡେନ ଦମ୍ପତିଙ୍କୁ ସ୍ଥାନାନ୍ତର

**ରେହୋବୋଥ୍ ବିଚ୍,୫।୬**



#### ନିଷିଦ୍ଧାଞ୍ଚଳରେ ବିମାନ ପ୍ରବେଶ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଡେଲାୱେରସ୍ଥିତ ଅବକାଶ ବାସଭବନ ଅନ୍ତର୍ଗତ ନିଷିଦ୍ଧାଞ୍ଚଳ ମଧ୍ୟକୁ ଶନିବାର ଏକ କ୍ଷୁଦ୍ର ଘରୋଇ ବିମାନ ଭୁଲ୍‌ବଶତଃ ପ୍ରବେଶ କରିଥିଲା। ଫଳରେ ସୁରକ୍ଷା କର୍ମୀମାନେ ତୁରନ୍ତ ବାଇଡେନ୍ ଓ ଫାଷ୍ଟ ଲେଡ଼ି ଜିଲ୍ ବାଇଡେନ୍‌ଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ ବୋଲି ହ୍ୱାଇଟ୍ ହାଉସ୍ ଏବଂ ସିକ୍ରେଟ ସର୍ଭିସ ପକ୍ଷରୁ କୁହାଯାଇଛି। ବାଇଡେନ୍ ଓ ତାଙ୍କ ପରିବାର ପ୍ରତି ବିପଦ ନ ଥିଲେ ବି ସତର୍କତା ପଦକ୍ଷେପ ସ୍ୱରୂପ ଏହା କରାଯାଇଥିଲା। ସ୍ଥିତି ଅନୁଧ୍ୟାନ କରାଯିବା ପରେ ପୁନର୍ବାର ବାଇଡେନ୍ ଓ ତାଙ୍କ ପତ୍ନୀଙ୍କୁ ରେହୋବୋଥ ବିଚ୍ ହୋମ୍‌କୁ ଫେରାଇ ଅଣାଯାଇଥିଲା। ଭୁଲ୍‌ବଶତଃ ନିଷିଦ୍ଧାଞ୍ଚଳକୁ ପ୍ରବେଶ କରିଥିବା ବିମାନକୁ ସଙ୍ଗେ ସଙ୍ଗେ ପିଛା କରାଯାଇଥିଲା। ପାଇଲଟ ରେଡିଓ ଚ୍ୟାନେଲରେ ନ ଥିଲେ ଏବଂ ଗତ ସପ୍ତାହରେ ପ୍ରକାଶିତ ଉଡ଼ାଣ ମାର୍ଗଦର୍ଶିକା ସମ୍ପର୍କରେ ଜାଣି ନ ଥିବା ଜଣାପଡ଼ିଛି। ରାଷ୍ଟ୍ରପତି ୱାଶିଂଟନ ବାହାରକୁ ଗଲେ ସଂଘୀୟ ବିମାନଚଳାଚଳ ପ୍ରଶାସନ ପକ୍ଷରୁ ଉଡ଼ାଣ କଟକଣା ଘୋଷଣା କରାଯାଇଥାଏ। ରାଷ୍ଟ୍ରପତି ରହୁଥିବା ସ୍ଥାନର ୧୦ ମାଇଲ ପରିଧିକୁ ନୋ-ଫ୍ଲାଏ ଜୋନ୍ କରାଯିବା ସହ ୩୦ ମାଇଲ ପର୍ଯ୍ୟନ୍ତ କଟକଣା ଅଞ୍ଚଳ ଘୋଷିତ ହୋଇଥାଏ।

## ଦୁର୍ନୀତି ଅଭିଯୋଗରେ 'ଲେଡି ସିଙ୍ଘମ୍' ଗିରଫ

**ଗୁଆହାଟୀ,୫।୬**



#### ଭାବୀ ସ୍ୱାମୀଙ୍କୁ ଗିରଫ କରି ଚର୍ଚ୍ଚାକୁ ଆସିଥିଲେ

ଦୁର୍ନୀତି ଅଭିଯୋଗରେ ଆସାମ ପୋଲିସ ଅଫିସର ଜୁନମୋନି ରାଭାଙ୍କୁ ଗିରଫ କରାଯାଇଛି। ଗତ ମାସରେ ଜୁନମୋନି ତାଙ୍କ ଭାବିସ୍ୱାମୀଙ୍କୁ ଗିରଫ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ ତାଙ୍କୁ 'ଲେଡି ସଙ୍ଘମ' ଆଖ୍ୟା ଦିଆଯାଇଥିଲା। ଭାବିସ୍ୱାମୀଙ୍କ ସହ ଠକେଇ କାରବାରରେ ମହିଳା ପୋଲିସ ଅଫିସର ଲିପ୍ତ ଥିବା ତଦନ୍ତରୁ ଜଣାପଡ଼ିଛି। ଯାଞ୍ଚ ଅଧିକାରୀଙ୍କ ଦ୍ୱାରା ଲଗାତର ଦୁଇଦିନର ପଚରା ଉଚରା କରାଯାଇଥିଲା। ଗିରଫ ପରେ ଜୁନମୋନିଙ୍କୁ ମାଜୁଲି ଜିଲା କୋର୍ଟରେ ହାଜର କରାଯାଇଥିବାବେଳେ ସେଠାରୁ ତାଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତ୍‌କୁ ପଠାଇ ଦିଆଯାଇଛି। ନାଗାଓ ଜିଲା କାଲିଆବୋର ପୋଲିସ ଷ୍ଟେଶନ୍‌ରେ ସେ ସବ୍‌ଇନ୍‌ସ୍ପେକ୍ଟର ଭାବେ କାର୍ଯ୍ୟ କରୁଥିଲେ।

କେତେଜଣ ଲୋକଙ୍କୁ ଚାକିରି ଦେବା କହି ଜୁନମୋନିଙ୍କ ଭାବିସ୍ୱାମୀ ସେମାନଙ୍କଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗ ହେବା ପରେ ରାଣା ପୋଗାଗଙ୍କୁ ଗିରଫ କରାଯାଇଥିଲା। ମାମଲାର ତଦନ୍ତ ଜାରିଥିବାବେଳେ ଦୁଇଜଣ କଣ୍ଟ୍ରାକ୍ଟର ଜୁନମୋନି ରାଣାଙ୍କ ସହ ଟଙ୍କା ନେଣଦେଣ କାରବାରରେ ସମ୍ପୃକ୍ତି ଥିବା ଅଭିଯୋଗ କରିଥିଲେ। ରାଣା ଜୁନମୋନିଙ୍କ ଆଢୁଆଳରେ ରହି ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିବା ଦନ୍ତକାରୀ ଅଫିସର କହିଛନ୍ତି।

## ପରିବାରର ୫ ଜଣଙ୍କ ଆତ୍ମହତ୍ୟା

**ପାଟନା,୫।୬**


ବିହାର ସମଷ୍ଟିପୁର ବିଦ୍ୟାପତି ନଗରରେ ଥିବା ଏକ ପରିବାରର ୫ ଜଣ ଏକକାଳୀନ ଆତ୍ମହତ୍ୟା କରିଛନ୍ତି। ଘଟଣାର ସୂଚନା ପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଆତ୍ମହତ୍ୟା ପଛର କାରଣ ସ୍ପଷ୍ଟ ହୋଇ ନଥିବା ଡାଲସିଂସରାଇ ଡିଏସ୍‌ପି କହିଛନ୍ତି। ସେହିପରି ଉତ୍ତମ ନଗରରେ ଜଣେ ୪୧ ବର୍ଷୀୟ ବ୍ୟକ୍ତି ସିଲିଂ ଫ୍ୟାନ୍‌ରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବାବେଳେ ସ୍ତ୍ରୀଙ୍କ ସହ ଭଲ ସମ୍ପର୍କ ନ ଥିବା କାରଣରୁ ସେ ଆତ୍ମ ହତ୍ୟା କରିଥିବା ସୁଇସାଇଡ୍ ନୋଟ୍‌ରେ ଲେଖିଥିବା ପୋଲିସ କହିଛି।

## ରିସର୍ଟକୁ ଫେରିଲେ ୬ କଂଗ୍ରେସ ବିଧାୟକ

**ଜୟପୁର,୫।୬**

ରାଜ୍ୟ ସଭା ନିର୍ବାଚନ ଆସନ୍ତା ୧୦ ତାରିଖରେ ହେବାକୁ ଥିବାବେଳେ ଘୋଡ଼ାବେପାର ଆଶଙ୍କାରେ ରାଜସ୍ଥାନ କଂଗ୍ରେସ ଏହାର ବିଧାୟକମାନଙ୍କୁ ଉଦୟପୁରସ୍ଥିତ ତାଜ ଆରାବଳି ରିସର୍ଟରେ ରଖିଛି। ଗତ ଗୁରୁବାର ସେମାନେ ଏକ ବସ୍‌ରେ ଉଦୟପୁର ଯାଇଥିଲେ। ତେବେ ରିସର୍ଟ ଯାଇ ନ ଥିବା ୬ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଚେତାବନୀ ପରେ ସେମାନେ ରବିବାର ସେଠାକୁ ଫେରିଛନ୍ତି। ଭିନ୍ନ ମତ ରଖିଥିବା ଏହି ୬ ଜଣଙ୍କ ମଧ୍ୟରେ ଜଣେ ମନ୍ତ୍ରୀ ରହିଛନ୍ତି। ସେମାନେ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ଏକ ଘରୋଇ ବିମାନରେ ଉଦୟପୁର ଯାଇଥିଲେ। ରିସର୍ଟଠାରୁ ଦୂରେଇ ରହିଥିବା ଏହି ବିଧାୟକମାନେ କ୍ରସ୍‌ଭୋଟିଂ କରିବା ସମ୍ଭାବନା ଥିବାରୁ ସରକାରଙ୍କ ମୁଖ୍ୟ ହ୍ୱିପ୍ ତଥା କ୍ୟାବିନେଟ ମନ୍ତ୍ରୀ ମହେଶ ଜୋଷୀ ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି)କୁ ପତ୍ର ଲେଖି ଘୋଡ଼ାବେପାର ଉଦ୍ୟମ ଅଭିଯୋଗର ତଦନ୍ତ କରିବାକୁ ଅନୁରୋଧ କରିଥିଲେ। କ୍ରସ୍ ଭୋଟିଂ କରିବାକୁ ଚାହୁଁଥିବା କଂଗ୍ରେସ ଓ ସହଯୋଗୀ ଦଳର ବିଧାୟକମାନଙ୍କ ପାଇଁ ଏହା ଏକ ଚେତାବନୀ ବୋଲି ଦଳୀୟ ମହଲରେ କୁହାଯାଇଛି।

## ଶାହରୁଖ,କ୍ୟାଟ୍ରିନାଙ୍କୁ କରୋନା





**ମୁମ୍ବାଇ,୫।୬**

ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ କରୋନା। କୋଭିଡ୍‌ର ସାମାନ୍ୟ ଲକ୍ଷଣ ତାଙ୍କଠାରେ ଦେଖାଯାଇଥିବାବେଳେ ସେ ଏବେ ସଙ୍ଗରୋଧରେ ଥିବା କୁହାଯାଉଛି। ତେବେ ଶାହରୁଖଙ୍କ ବ୍ୟତୀତ ରବିବାର କ୍ୟାଟ୍ରିନା କୈଫ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏଥିପାଇଁ ଆବୁଧାବିରେ ହେଉଥିବା ବଲିଉଡ୍ ଆଇଫା ଆୱାର୍ଡ କାର୍ଯ୍ୟକ୍ରମରେ କ୍ୟାଟ୍ରିନା ସାମିଲ ହୋଇ ନାହାନ୍ତି। ନାୟିକା ଜଣଙ୍କ ଏବେ ସୁସ୍ଥ ହୋଇଥିବାବେଳେ କୋଭିଡ୍ ଟେଷ୍ଟ ପରେ ସେ ତାଙ୍କ ଆଗାମୀ ଫିଲ୍ମ 'ମେରି ଖ୍ରୀଷ୍ଟମାସ'ର ଶୁଟିଂରେ ଯୋଗ ଦେବା କଥା କୁହାଯାଉଛି। ଶନିବାର କାର୍ତ୍ତିକ ଆର୍ଯ୍ୟାନ ଏବଂ ଆଦିତ୍ୟ ରାଓ କପୁର କରୋନା ସଂକ୍ରମିତ ଥିବା ଜଣାପଡ଼ିଥିଲା।

## ହାଇଦ୍ରାବାଦ ଗଣବଳାତ୍କାର ମାମଲା: ଚତୁର୍ଥ ଅଭିଯୁକ୍ତ ଗିରଫ

**ହାଇଦ୍ରାବାଦ,୫।୬**



ହାଇଦ୍ରାବାଦର ଜୁବିଲି ହିଲ୍ସ ଅଞ୍ଚଳରେ ଘଟିଥିବା ନାବାଳିକା ଗଣବଳାତ୍କାର ମାମଲାରେ ତେଲଙ୍ଗାନା ପୋଲିସ ରବିବାର ଚତୁର୍ଥ ଅଭିଯୁକ୍ତଙ୍କୁ ଗିରଫ କରିଛି। ପଞ୍ଚମ ଅଭିଯୁକ୍ତ ଏବେ ବି ଫେରାର ଥିବା ପୋଲିସ କହିଛି। ଗିରଫ ୪ ଜଣଙ୍କ ମଧ୍ୟରୁ ୩ ନାବାଳକ। ସେମାନଙ୍କ ମଧ୍ୟରେ ଜଣେ ଟିଆର୍‌ଏସ୍ ନେତାଙ୍କ ପୁଅ ଅଛନ୍ତି। ଅପରାଧରେ ଯିଏ ସମ୍ପୃକ୍ତ ଥାଆନ୍ତୁ ନା କାହିଁକି କାର୍ଯ୍ୟାନୁଷ୍ଠାନରେ କୋହଳ କରାଯିବନି ବୋଲି ତେଲଙ୍ଗାନା ଗୃହମନ୍ତ୍ରୀ ମହମ୍ମଦ ମହମୁଦ୍ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୨୮ରେ ହାଇଦ୍ରାବାଦରେ ପବ୍ ପାର୍ଟିରୁ ଫେରୁଥିବା ୧୭ ବର୍ଷୀୟା ଛାତ୍ରୀଙ୍କୁ ମର୍ସିଡିଜ୍ କାର୍ ଭିତରେ ୫ ନାବାଳକ ଗଣବଳାତ୍କାର କରିଥିଲେ। ସେମାନଙ୍କ ମଧ୍ୟରେ ଜଣେ ବିଧାୟକଙ୍କ ପୁଅ ଥିବା ଅଭିଯୋଗ ହୋଇଥିଲା। ଛାତ୍ରମାନେ ତାଙ୍କୁ ଘରେ ଛାଡ଼ିଦେବାକୁ ପ୍ରତିଶ୍ରୁତି ଦେଇ ଜୁବିଲି ହିଲ୍ସରେ କାର୍ ଭିତରେ ଜଣେ ପରେ ଜଣେ ବଳାତ୍କାର କରିଥିଲେ। ଉକ୍ତ ମାମଲାର ସିବିଆଇ ତଦନ୍ତ ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ତେଲଙ୍ଗାନା ଭାଜପା ସଭାପତି ବନ୍ଦି ସଞ୍ଜୟ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ପତ୍ର ଲେଖିଛନ୍ତି।

### ଆଉ ଜଣେ ନାବାଳିକାଙ୍କୁ ଗଣବଳାତ୍କାର

ତେଲଙ୍ଗାନାର ହାଇଦ୍ରାବାଦସ୍ଥିତ ଜୁବିଲି ହିଲ୍ସ ଅଞ୍ଚଳରେ ୧୭ ବର୍ଷୀୟା ଛାତ୍ରୀ ଗଣବଳାତ୍କାର ଘଟଣାର ତଦନ୍ତ ଚାଲିଥିବାବେଳେ ରବିବାର ରାଜ୍ୟରେ ଅନ୍ୟ ଏକ ଅନୁରୂପ ଅପରାଧ ସାମ୍ନାକୁ ଆସିଛି। ଜଣେ ଟ୍ୟାକ୍ସି ଡ୍ରାଇଭର ଓ ତାଙ୍କ ବନ୍ଧୁ ଜଣେ ନାବାଳିକାଙ୍କୁ ଅପହରଣ କରିନେଇ ରାଙ୍ଗାରେଡ୍ଡୀ ଜିଲାର କୋନଦୁର୍ଗ ଗ୍ରାମରେ ଥିବା ମୁସଲମାନ କଲୋନିରେ ଗଣବଳାତ୍କାର କରିଛନ୍ତି। ଦୁଇ ଅଭିଯୁକ୍ତଙ୍କୁ ମୋଘଲପୁରା ପୋଲିସ ଗିରଫ କରିଛି। ମୋଘଲପୁରାରେ ସମ୍ପର୍କୀୟଙ୍କ ଘରେ ରହୁଥିବା ନାବାଳିକା ଗତ ୩୧ ତାରିଖରେ ପାହାଡ଼ିଶରିଫ୍‌ରେ ରହୁଥିବା ତାଙ୍କ ମାଆବାପାଙ୍କ ପାଖକୁ ଫେରୁଥିବାବେଳେ ଟ୍ୟାକ୍ସି ଡ୍ରାଇଭର କଲିମ ଅଲି ତାଙ୍କୁ ସେଠାରେ ଛାଡ଼ିଦେବାର ପ୍ରତିଶ୍ରୁତି ଦେଇ କାର୍‌ରେ ଉଠାଇ ନେଇଥିଲେ। ସେ ବାଟରେ ତାଙ୍କ ସାଙ୍ଗ ଲକ୍‌ମାନଙ୍କୁ ଉଠାଇଥିଲେ। ସମସ୍ତେ କୋନଦୁର୍ଗରେ ଥିବା ଲକ୍‌ମାନଙ୍କ ଘରେ ପହଞ୍ଚିବା ପରେ ଦୁଇ ସାଙ୍ଗ ନାବାଳିକାଙ୍କୁ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି। ପୀଡ଼ିତାଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କ ବିରୋଧରେ ବଳାତ୍କାର ଓ ପୋକ୍‌ସୋ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଜୁନ୍ ୬/୨୦୨୨ (୮+୮=୧୬ ପୃଷ୍ଠା)

Dhenkanal, Monday, June 6/2022





## ସଂକ୍ଷେପରେ

### ଦଣ୍ଡେଇବେରେଣୀ ସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର



ଢେଙ୍କାନାଳ ଅଫିସ,୫।୬
ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦଣ୍ଡେଇବେରେଣୀ ପ୍ରାଥମିକ ବିଦ୍ୟାଳୟକୁ ବିଶ୍ୱ ପରିବେଶ ଦିବସ ଅବସରରେ ଶୁକ୍ରବାର 'ପ୍ରକୃତି ମିତ୍ର ପୁରସ୍କାର' ପ୍ରଦାନ କରାଯାଇଛି। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଉତ୍ସବରେ ସହକାରୀ ମୁଖ୍ୟ ଶାସନ ସଚିବ ମୋନା ଶର୍ମାଙ୍କଠାରୁ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ଦାଶ ପୁରସ୍କାର ସ୍ୱରୂପ ୨୦ହଜାର ଟଙ୍କାର ଚେକ୍ ଏବଂ ମାନପତ୍ର ଗ୍ରହଣ କରିଥିଲେ। ବିଦ୍ୟାଳୟ ପରିବେଶକୁ ସବୁଜସୁନ୍ଦର କରିବା, ଫଳ ପନିପରିବା ବଗିଚା ସୃଷ୍ଟି କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ମିଳିଥିବା ପ୍ରଧାନ ଶିକ୍ଷକ ଦାଶ କହିଛନ୍ତି।

### ଡାକମଣ୍ଡଳ ପକ୍ଷରୁ ଚାରା ରୋପଣ



ଢେଙ୍କାନାଳ ଅଫିସ, ୫।୬: ଡାକମଣ୍ଡଳ ପକ୍ଷରୁ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ୭୮ ଏବଂ ଢେଙ୍କାନାଳରେ ୨୦ଟି ମୂଲ୍ୟବାନ ଚାରା ରୋପଣ କରାଯାଇଥିଲା। ଚାରାଗୁଡିକର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀମାନେ ସଂକଳ୍ପ ନେଇଥିଲେ।

### ହରପାର୍ବତୀଙ୍କ ବିବାହ

ପରଜଙ୍ଗ, ୫।୬(ଡି.ଏନ୍.ଏ.): ପରଜଙ୍ଗ ବଜାର ନିକଟ ହନୁମାନ ବାଟିକାରେ ଥିବା ରାମେଶ୍ୱର ମହାଦେବ ଏବଂ ମା' ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ପୂର୍ବାହ୍ନ ୯ଟାରେ ଦେବୀ ପାର୍ବତୀଙ୍କୁ ରାମେଶ୍ୱର ମନ୍ଦିରରୁ ବାଞ୍ଛେଶ୍ୱର ମନ୍ଦିରକୁ ଅଣାଯାଇଥିଲା। ସାଢ଼େ ୧୦ଟାରେ ମଙ୍ଗଳକୃତ୍ୟ ହୋଇଥିଲା। ସନ୍ଧ୍ୟାରେ



ମହାଦେବ ରୋଶଣିରେ ବାହାରି ବାଞ୍ଛେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ବାଜାବାଣ, ଘଣ୍ଟଘଣ୍ଟା, ବେଶଧାରୀ ଯୁବକଙ୍କ ପଟୁଆର ଆକର୍ଷଣ ସାଜିଥିଲା। ବିନ୍ଦୁବାଳା ଭଞ୍ଜ, ରଞ୍ଜନ ଦଳବେହେରା କନ୍ୟା ମାତାପିତା ଏବଂ ରେଣୁବାଳା ପରିଡ଼ା, ମହେଶ୍ୱର ପରିଡ଼ା ବର ମାତାପିତା ଦାୟିତ୍ୱ ନିର୍ବାହ କରିଥିଲେ। ରବିବାର ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ହରପାର୍ବତୀଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଏହାପରେ ଦେବଦମ୍ପତି ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରଞ୍ଜନ ଦଳବେହେରା, ସାରଦା ପ୍ରସନ୍ନ କବି, ଚତୁର୍ଭୁଜ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ପରିବେଶ ବିନା ତିଷ୍ଠିବା ଅସମ୍ଭବ

ଢେଙ୍କାନାଳ ଅଫିସ, ୫।୬: ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ଅନୁଷ୍ଠାନର ରାଜ୍ୟ ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶବିତ୍ ଉପେନ୍ଦ୍ର ରାଉତ କହିଲେ, ପରିବେଶ ବିନା ଜୀବଜଗତ ତିଷ୍ଠିବା ଅସମ୍ଭବ। ତେଣୁ ପରିବେଶର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ। ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ଅତ୍ୟାଧୁନିକ ହତିଆରର କୁପରିମାଣ ଏବଂ ଏହାକୁ ରୋକାଯିବା ଜରୁରୀ ବୋଲି କହିଥିଲେ। ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ, ସାମାଜିକ କର୍ମୀ ସରୋଜ ଶତପଥୀ, ଲଳିତ ବେହେରା, ପ୍ରଫେସର ଦିଲୀପ ନନ୍ଦ, ଡମ୍ବରୁଧର ପଣ୍ଡା, ଅକ୍ଷୟ ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




# ପରମ୍ପରା ବଞ୍ଚାଇବାକୁ ପ୍ରୟାସ

**୨ ବର୍ଷ ପରେ ଆଲତୁମା ରଜ ମହୋତ୍ସବ**

- ୧୪ରୁ ୩ ଦିନ ବ୍ୟାପୀ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ
- ପାରମ୍ପରିକ ଲୋକନୃତ୍ୟ ସାଜିବ ପ୍ରମୁଖ ଆକର୍ଷଣ





(ସୁଧୀର କୁମାର ପରିଡ଼ା)
କାମାକ୍ଷାନଗର, ୫।୬

ମହାମାରୀ କରୋନା ପାଇଁ ଅଟକି ଯାଇଥିଲା ମଣିଷ। ଜିଇବାକୁ ଚାଲିଥିବା ଯୁଦ୍ଧରେ ମଳିନ ପଡ଼ିଯାଇଥିଲା କଳାସଂସ୍କୃତି। କେବଳ ପରମ୍ପରା ବଞ୍ଚାଇ ରଖିବାକୁ କାମଚଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ରଙ୍ଗହୀନ ହୋଇପଡ଼ିଥିଲା ମେଳା, ମହୋତ୍ସବ, ଯାନିଯାତ୍ରା। ଏବେ ଭୂତାଣୁ ଭୟ କମିଛି। ସ୍ୱାଭାବିକ ହେବାରେ ଲାଗିଛି ଜୀବନଯାତ୍ରା। ଏଭଳି ସମୟରେ ଦୀର୍ଘ ୨ବର୍ଷ ପରେ ଆୟୋଜିତ ହେଉଥିବା ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଆଲତୁମାର ପ୍ରସିଦ୍ଧ 'ରଜ ମହୋତ୍ସବ'କୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ବିପୁଳ ଉତ୍ସାହ।

ଆଲତୁମା ଗ୍ରାମ ରାମିଆଳ ନଦୀ ତଟରେ ଥିବା ବିସ୍ତୀର୍ଣ୍ଣ ଆମ୍ବତୋଟାରେ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକମାନେ ପାରମ୍ପରିକ ଭାବେ ରଜଦୋଳି ବାନ୍ଧି ଓଡ଼ିଶାର ପ୍ରସିଦ୍ଧ ପର୍ବ ରଜ ପାଳନ କରୁଥିଲେ। ଅତି ସାଧାରଣ ମହୋତ୍ସବରୁ ଅପ୍ରତ୍ୟାଶିତ ଭାବେ ଏହାର କଳେବର ବଦଳିଛି। ୨୦୦୯ରୁ ଆରମ୍ଭ ହୋଇଥିବା ରଜ ମହୋତ୍ସବ ଏବେ ପରିଣତ ହୋଇଛି ରାଜ୍ୟସ୍ତରୀୟ ମହୋତ୍ସବରେ। ତେବେ ଇଚ୍ଛା ଥିଲେ ବି କରୋନା କାରଣରୁ ଗତ ୨ବର୍ଷ ହେଲା ବନ୍ଦ ହୋଇଯାଇଥିଲା ଏହି ପ୍ରସିଦ୍ଧ ଉତ୍ସବ। ସଂକ୍ରମଣ ହ୍ରାସ ପାଇବା ପରେ ୧୪ଶ ରଜ ମହୋତ୍ସବକୁ ଜାକ୍‌ଜମକରେ ପାଳନ କରିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି।

ରଜ ମହୋତ୍ସବ କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୧୪ରୁ ୧୬ ତାରିଖ ଯାଏ ରାମିଆଳ ନଦୀକୂଳ ଆମ୍ବତୋଟାରେ ମହୋତ୍ସବ ପାଳିତ ହେବ। ପାରମ୍ପରିକ ଦୋଳି ଝୁଲା ସହିତ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସକାଳ ୭ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ଏଥିପୂର୍ବରୁ କାମାକ୍ଷାନଗର କଲ୍ୟାଣ ମଣ୍ଡପରେ ପ୍ରତିଭାବାନ୍ କଳାକାରଙ୍କୁ ନେଇ ନୃତ୍ୟ, ସଙ୍ଗୀତ ଏବଂ ଏକକ ଅଭିନୟର ମେଗା ଅଡିଶନ ଶେଷ ହୋଇଛି। ବିଚାରକଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୪୬ ଜଣ ପ୍ରତିଯୋଗୀଙ୍କୁ ବଛାଯାଇଛି। ମହୋତ୍ସବର ପ୍ରଥମ ଦିନରେ ସେମାନେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିବେ। ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏଥିସହ ପୂର୍ବାହ୍ନରେ ରଜଗୀତ, ରଙ୍ଗୋଲି ସାଙ୍ଗକୁ ପାରମ୍ପରିକ ପିଠା ପ୍ରତିଯୋଗିତା ହେବ। ମନୋରଞ୍ଜନ ପାଇଁ ସମ୍ବଲପୁର ଅଞ୍ଚଳର ଲୋକନୃତ୍ୟ ପରିବେଷଣ କରାଯିବ। ଦ୍ୱିତୀୟ ଦିନରେ ରାଜ୍ୟସ୍ତରରୁ ଆସିଥିବା କଳାକାରମାନେ ଲୋକକଳା ପ୍ରଦର୍ଶନ କରିବେ। ପୂର୍ବାହ୍ନରେ ଶିଶୁ କଳାକାରଙ୍କ ଦ୍ୱାରା କୌତୁକ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅନ୍ତିମ ଦିବସରେ ରଜ ପ୍ରଶ୍ନମଞ୍ଚ ସହିତ ନୃତ୍ୟସଙ୍ଗୀତର କାର୍ଯ୍ୟକ୍ରମ ରହିଛି। ଏହିଦିନ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ଗ୍ରାମବାସୀ, ସ୍ଥାନୀୟ ରାଜନେତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଛନ୍ତି। ଏହି ରାଜ୍ୟସ୍ତରୀୟ ମହୋତ୍ସବରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ପୋଲିସ ପ୍ରଶାସନର ସହଯୋଗ ନିଆଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

**ଭାଇଚାରାର ପ୍ରତୀକ**



“ ଆଲତୁମା ରଜ ମହୋତ୍ସବ ଭାଇଚାରାର ପ୍ରତୀକ। କାର୍ଯ୍ୟକ୍ରମରେ ଗ୍ରାମବାସୀ, ବାହାରେ ରହୁଥିବା ସମ୍ପର୍କୀୟ ଏକାଠି ହେବାର ସୁଯୋଗ ପାଇଥାଆନ୍ତି। ୨ବର୍ଷ ପରେ ମହୋତ୍ସବ ହେଉଛି। ସମସ୍ତଙ୍କ ସହଯୋଗରେ ଏହାକୁ ସରସ ସୁନ୍ଦର କରିବା ପାଇଁ ଉଦ୍ୟମ ଜାରି ରହିଛି।

-ବାଳକୃଷ୍ଣ ନାୟକ, ରଜ ମହୋତ୍ସବ କମିଟି ସଭାପତି

**ଆଲତୁମାକୁ ମିଳିଛି ନୂଆ ପରିଚୟ**



“ ପ୍ରସିଦ୍ଧ ରଜ ମହୋତ୍ସବ ପାଇଁ ଆଲତୁମା ଗ୍ରାମ ନୂଆ ପରିଚୟ ପାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ କଳାକାର, ରାଜନୈତିକ ବ୍ୟକ୍ତି ଆମନ୍ତ୍ରିତ ହୋଇ ଆସୁଛନ୍ତି। ମହୋତ୍ସବ ଯେତେ ଉଚ୍ଚକୋଟୀର ହେବ, ଗାଁର ନାମ ସେତେ ପ୍ରଚାର ହେବ।

-ଧର୍ମାନନ୍ଦ ପରିଡ଼ା, କାମାକ୍ଷାନଗର ନଗରପାଳ

**କାର୍ଯ୍ୟକ୍ରମରେ ଭାଗନେବାକୁ ଉତ୍ସାହିତ**



“ କରୋନା କାରଣରୁ ଦୁଇବର୍ଷ ହେଲା ରଜ ମହୋତ୍ସବ ହୋଇପାରୁ ନ ଥିଲା। ତେଣୁ ଅଞ୍ଚଳର ବୋହୂ ହିସାବରେ ଏଭଳି ଏକ କାର୍ଯ୍ୟକ୍ରମରୁ ବଞ୍ଚିତ ହୋଇ ରହିଛି। ଚଳିତ ବର୍ଷ ଏଥିରେ ଭାଗ ନେବାକୁ ଏବେଠୁ ଉତ୍ସାହିତ ଅଛି।

-ତପି ସାମଲ, ଗୃହିଣୀ

**ସୁଯୋଗ ମିଳିଛି, ହାତଛଡ଼ା କରିବି ନାହିଁ**



“ କରୋନା ପାଇଁ ଦୁଇବର୍ଷ ପରେ ରଜ ମହୋତ୍ସବ ପାଳନ କରିବାର ସୁଯୋଗ ମିଳିଛି। କୌଣସି ପରିସ୍ଥିତିରେ ଏହାକୁ ହାତଛଡ଼ା କରିବି ନାହିଁ। ଜଣେ ଜନପ୍ରତିନିଧି ଭାବେ ଏହାକୁ ସରସ ସୁନ୍ଦର କରିବା ପାଇଁ ଯଥାସାଧ ଚେଷ୍ଟା କରିବି।

-ସୌମ୍ୟାଶ୍ରୀ ଜୀ, କାଉନ୍‌ସିଲର

**ମହୋତ୍ସବ ଉନ୍ନତ ହେଲେ ଅଞ୍ଚଳର ସୁନାମ ବଢ଼ିବ**



“ ପ୍ରସିଦ୍ଧ ଆଲତୁମା ରଜ ମହୋତ୍ସବ ବିଷୟରେ ସୂଚନା ଦେବାକୁ ସୋସିଆଲ ମିଡିଆରେ ପ୍ରଚାର କରାଯାଉଛି। ଫଳରେ ଅଧିକରୁ ଅଧିକ ଜନସାଧାରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପାଇପାରିବେ। ମହୋତ୍ସବ ଯେତେ ଉନ୍ନତଧରଣ ହେବ, ଅଞ୍ଚଳର ସେତିକି ସୁନାମ ବଢ଼ିବ।

-ଗଣେଶ ମହାକୁଡ଼, ଉତ୍ସାହୀ ଯୁବକ

### ଇଟାଭାଟିରୁ ୫ ନାବାଳିକା ଉଦ୍ଧାର

ଢେଙ୍କାନାଳ ଅଫିସ, ୫।୬

ପରଜଙ୍ଗ ଥାନା ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲ, ଇଟାଭାଟିରେ ଜିଲା ଶ୍ରମ ବିଭାଗ, ଶିଶୁ ସୁରକ୍ଷା ବିଭାଗ ଏବଂ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଏକ ପାଉଁଶ ଇଟା କାରଖାନାରୁ ୫ ଜଣ ନାବାଳିକାଙ୍କୁ ଉଦ୍ଧାର ହୋଇଛନ୍ତି। ସମସ୍ତଙ୍କ ବୟସ ୧୫ରୁ ୧୮ ବର୍ଷ ମଧ୍ୟରେ ହେବ। ଏ ସଂକ୍ରାନ୍ତରେ ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ କୁହନ୍ତି, ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ସମଗ୍ର ଜିଲାରେ ଚଢ଼ାଉ ଅଭିଯାନ ଆରମ୍ଭ ହୋଇଛି। ଉଦ୍ଧାର ନାବାଳିକାଙ୍କୁ ଢେଙ୍କାନାଳସ୍ଥିତ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରାଯାଇଛି।

### ବନୀକରଣ ପାଇଁ ଆହ୍ୱାନ

କାମାକ୍ଷାନଗର, ୫।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ମଠକରଗୋଳା ମହାବିଦ୍ୟାଳୟ ପଠନ କକ୍ଷରେ ରବିବାର ଯୁକ୍ତ୨ ବିଭାଗ ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଚିତ୍ତରଞ୍ଜନ ଦାସ ଅଧକ୍ଷତା କରି ପରିବେଶ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଦୀପ୍ତ କୁମାର ସାହୁ ଚଳିତବର୍ଷର ପରିବେଶ ଦିବସ ଥିମ୍ 'କେବଳ ଏକମାତ୍ର ପୃଥିବୀ' ବିଷୟରେ ଆଲୋଚନା କରିବା ସହ ବ୍ୟାପକ ବନୀକରଣ କରିବାକୁ ଆହ୍ୱାନ ଦେଇଥିଲେ। ଫକୀର ମୋହନ ଲେଙ୍କା ଧନ୍ୟବାଦ ଦେଇଥିଲେ।

# ସାପ୍ତାହିକ ହାଟକୁ ମାନ୍ୟତା ଦାବି



ବୈଠକରେ ଗତରେଇ ଗ୍ରାମବାସୀ।

ପରଜଙ୍ଗ, ୫।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ଘାଗରାମୁଣ୍ଡା ପଞ୍ଚାୟତ ଗତରେଇ ଗ୍ରାମରେ ବର୍ଷେ ହେଲା ବସୁଥିବା ଶନିବାର ସାପ୍ତାହିକ ହାଟକୁ ସ୍ଥାୟୀ ମାନ୍ୟତା ଦେବା ଦାବିରେ ଗ୍ରାମବାସୀ ଏକ ବୈଠକ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୂର୍ବରୁ ଉକ୍ତ ସାପ୍ତାହିକ ହାଟ ବିରୋବୋଲେଇ ଗ୍ରାମ ଆମ୍ବତୋଟା ପାଖରେ ବସୁଥିଲା। କରୋନା ସମୟରେ ଗତରେଇ ଗ୍ରାମର ୨-୩ଜଣ ବ୍ୟକ୍ତି ସଂକ୍ରମିତ ହୋଇଥିଲେ। ଏହାପରେ ହାଟକୁ ଆସୁଥିବା ଗତରେଇ ଗ୍ରାମର ଲୋକ, ବ୍ୟବସାୟୀଙ୍କୁ ବାସନ୍ଦ କରାଯିବା ସହ ସେମାନଙ୍କ ଉପରେ ଆକ୍ରମଣ କରାଯାଇଥିଲା। ସମସ୍ୟା ବଢ଼ିବାରୁ ଗତରେଇର ବ୍ୟବସାୟୀମାନେ ଗାଁ ମୁଣ୍ଡରେ ବ୍ୟବସାୟ କରିଆସୁଛନ୍ତି। ଏବେ ଉକ୍ତ ହାଟକୁ ବିରୋବୋଲେଇ ଅଞ୍ଚଳବାସୀ ବିରୋଧ କରୁଛନ୍ତି। ହାଟ ବନ୍ଦ କରିବାକୁ ସେମାନେ ବିଡିଓଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। ଅନ୍ୟପଟେ ସୁବିଧା ଦୃଷ୍ଟିରୁ ଗତରେଇରେ ହେଉଥିବା ଶନିବାର ସାପ୍ତାହିକ ହାଟ ଚାଲୁ ରଖିବାକୁ ବାଉରୀ ସାହୁ , ହୃଷୀକେଶ ବିଶ୍ୱାଳ, ବାଙ୍କନିଧି ବେହେରା, ପ୍ରମୋଦ ବେହେରା, କାହ୍ନୁଚରଣ ପ୍ରଧାନ, ମାୟା ସାହୁ, ନିରାକାର କବି ପ୍ରମୁଖ ବହୁ ଗ୍ରାମବାସୀ ଦାବି କରିଛନ୍ତି।

ଅନ୍ୟପଟେ ଦୁଇ ଗ୍ରାମ ମଧ୍ୟରେ ବିବାଦ ବଢୁଥିବାରୁ ଏହାର ସମାଧାନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଆସନ୍ତା ୯ ତାରିଖ ପୂର୍ବାହ୍ନ ୧୦ଟାରେ ବ୍ଲକ କାର୍ଯ୍ୟାଳୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ଏଥିରେ ସମାଧାନର ସୂତ୍ର ବାହାରିବ ବୋଲି ଆଶା ପ୍ରକାଶ ପାଇଛି।

# ବଡ଼ଝରାରେ ଗୋଷ୍ଠୀ ସଂଘର୍ଷ, ୩ ଗିରଫ

ପରଜଙ୍ଗ, ୫।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବଡ଼ଝରା ଗ୍ରାମରେ ଭାଜପା ଏବଂ ବିଜେଡି ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଉଗ୍ରରୂପ ନେଇଛି। ଶନିବାର ପୂର୍ବତନ ସରପଞ୍ଚ ତଥା ବିଜେଡି ସମର୍ଥକ ଦୁଃଖବନ୍ଧୁ ସାହୁ ଏବଂ ବର୍ତ୍ତମାନର ସରପଞ୍ଚଙ୍କ ସ୍ୱାମୀ ତଥା ଭାଜପା ସମର୍ଥକ ବିବସ୍ୱ ସାହୁ, ଦିଅର ଶ୍ରୀବସ୍ୱ ସାହୁଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଛି। ଏହି ଘଟଣାରେ ଉଭୟ ପକ୍ଷରୁ ଥାନାରେ ପୃଥକ୍ ଅଭିଯୋଗ ହୋଇଛି। ପୋଲିସ ଦୁଃଖବନ୍ଧୁ, ବିବସ୍ୱ ଏବଂ ଶ୍ରୀବସ୍ୱଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଚାଲିଥିବା ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦୁଃଖବନ୍ଧୁଙ୍କ ଢାବାରେ ବେଆଇନ ଭାବେ ମଦ କାରବାର କରାଯାଉଥିବା ଏବଂ ଢାବା ସମ୍ମୁଖ ଜାତୀୟ ରାଜପଥ ଉପରେ ଟ୍ରକ୍ ଛିଡ଼ା ହୋଇ ଟ୍ରାଫିକ୍ ସମସ୍ୟା ଉପୁଜୁଥିବା ନେଇ ବିବସ୍ୱ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ଚଢ଼ାଉ କରି ଢାବାରୁ ବିପୁଳ ପରିମାଣର ମଦ ଜବତ କରିଥିଲା। ଦୁଃଖବନ୍ଧୁଙ୍କ ଭାଇ ତଥା ପୂର୍ବତନ ସମିତିସଭ୍ୟ ଡିଲେଶ୍ୱର ସାହୁ ଗିରଫ ହୋଇଥିଲେ। ଏହି ଘଟଣା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି।

# ବିଜ୍ଞାନ ପ୍ରଦର୍ଶନୀ, କୁଇଜ୍ ପ୍ରତିଯୋଗିତା

ଢେଙ୍କାନାଳ ଅଫିସ, ୫।୬

ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ୨୭ତମ ପ୍ରତିଷ୍ଠା ଦିବସ ଏବଂ ବିଶ୍ୱ ପରିଷଦ ଦିବସ-୨୦୨୨ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଉଦ୍ୟାନରେ ଚାରାରୋପଣ କରାଯାଇଥିଲା। କୋଲକାତାସ୍ଥିତ କେନ୍ଦ୍ରୀୟ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପ୍ରୟୋଗଶାଳାର ସଂଗ୍ରାହଧ୍ୟକ୍ଷ ତାପସ କୁମାର ମହାରଣା ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରଦର୍ଶନୀ ଏବଂ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରକୃତି ସହ କିପରି ସମନ୍ୱୟ ରକ୍ଷା କରି ବଞ୍ଚିହେବ, ସେ ନେଇ ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ ଆଲୋକପାତ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ସଂଗ୍ରାହାଳୟ ଦିବସ-୨୨ରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ଜଣେ ଶିଶୁଙ୍କୁ ଟେଲିସ୍କୋପ୍‌ର ବ୍ୟବହାର ସମ୍ପର୍କରେ ଅବଗତ କରାଯାଉଛି।

# 'ସୁସ୍ଥ ପରିବେଶ ଗଢ଼ିବାକୁ ସଂକଳ୍ପ ନିଅ'



ସାଇକେଲ ରାଲିରେ ଏମ୍‌ପି, ଜନପ୍ରତିନିଧିଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୫।୬

ଢେଙ୍କାନାଳ ସଦର ବ୍ଲକ ବଳଦିଆବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ 'ପଞ୍ଚାୟତ ପ୍ରଗତି ପରିଷଦ' ପକ୍ଷରୁ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ସୁସ୍ଥ ପରିବେଶ ଗଢ଼ିବାକୁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ଭୂତଳ ଜଳକୁ ସୁରକ୍ଷା ଦେବାକୁ ହେଲେ ବାଡ଼ିବଗିଚାରେ ଚାରା ଲଗାଇବାକୁ ପଡ଼ିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ଜେନା, ସରପଞ୍ଚ ନିରୁପମା ହାତୀ, ଅରୁଣ ପରିଡ଼ା, ନାଏବ ସରପଞ୍ଚ ମଞ୍ଜୁବାଳା ସାମଲ, ଇଶୋ ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ସଭାପତି ଶଙ୍କର୍ଷଣ ଜେନାଙ୍କ ସଭାପତିତ୍ୱରେ ସମ୍ପାଦକ ସନ୍ତୋଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ, ପାଇକଦହିକୋରସ୍ଥିତ ଗ୍ରୀନ୍ ପାର୍କ ସମେତ ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟଠାରୁ ସାଇକେଲ ଶୋଭାଯାତ୍ରାରେ ବାହାରି ସଚେତନ ବାର୍ତ୍ତା ବାଣ୍ଟିଥିଲା। ସାମାଜିକ କର୍ମୀ ବିଜ୍ଞାନ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଦରମା ବ୍ୟବସ୍ଥାକୁ ବିରୋଧ



ବୈଠକରେ ଯୋଗଦେଇଥିବା କର୍ମଚାରୀମାନେ।

ଢେଙ୍କାନାଳ ଅଫିସ, ୫।୬

୪୮୮ ଓ ୬୬୨ ବର୍ଗ କଲେଜ କର୍ମଚାରୀଙ୍କ ପାଇଁ ୭ମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ଲାଗି ରାଜ୍ୟ ସରକାର କରିଥିବା ବ୍ୟବସ୍ଥାକୁ ବିରୋଧ କରିଛନ୍ତି ଢେଙ୍କାନାଳ ଜିଲାର କର୍ମଚାରୀ। ଏ ନେଇ ରବିବାର ହାଟରୋଡ୍‌ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ ବର୍ଗର ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଯୋଗଦେଇ ରାଜ୍ୟ ସରକାର କରିଥିବା ମାନଦଣ୍ଡକୁ ବିରୋଧ କରିଥିଲେ। ଏଥିସହ ରାଜ୍ୟ ନେତୃତ୍ୱଙ୍କ ଆହ୍ୱାନରେ ଆସନ୍ତା ୯ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ଯୋଗଦେବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ମୁରଲୀଧର ମହାରଣା ସଭାପତିତ୍ୱ କରିଥିଲେ। ନୃସିଂହ ଚରଣ ବେହେରା, କୃଷ୍ଣଚନ୍ଦ୍ର ମିଶ୍ର, ଅନ୍ତର୍ଯ୍ୟାମୀ ସ୍ୱାଇଁ, ଶ୍ରୀନିବାସ ଆଚାର୍ଯ୍ୟ, ବରୁଣ ଚନ୍ଦ୍ର ମାଝି, ନନ୍ଦକିଶୋର ଧୀର, ମନୋଜ ଗଡ଼ନାୟକ, ରମେଶ ବାରିକ, ସୁବାସ ପରିଡ଼ା, ମନୋଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମନମୋହିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

**ଡିପିଏସ୍ ସମର ଫେଷ୍ଟ-୨୨ ଉଦ୍‌ଯାପିତ**

ଢେଙ୍କାନାଳ ଅଫିସ, ୫।୬

ଢେଙ୍କାନାଳ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍) ପକ୍ଷରୁ ସମର ଫେଷ୍ଟ-୨୨ ଶୁକ୍ରବାର ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ସଙ୍ଗୀତ, ଗଳ୍ପ କଥନ, ନୃତ୍ୟ, ଟାଏକୋଣ୍ଡୋ, ଏରୋବିକ୍, ଯୋଗ, ନାଟକ ଆଦି ବିଭାଗରେ ଛାତ୍ରୀଛାତ୍ରମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଫେସ୍‌ବୁକ ଲାଇଭ୍ ମାଧ୍ୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା।

ଅନୁଷ୍ଠାନର ପ୍ରୋଭାଇସ୍ ଚେୟାରମ୍ୟାନ ବିନୋଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଦର ବ୍ଲକ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସିପାଲ ଅକ୍ଷୟ ମଲ୍ଲିକ, ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ଅଧକ୍ଷ ଅଭିଷେକ ହର୍ଷିତ, ଶିବାନୀ ଚାରିଟେବଲ ଟ୍ରଷ୍ଟ ଟ୍ରଷ୍ଟି ଅନିତା ପାଢ଼ୀ, ପ୍ରଭା ସାହୁ, ସରିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସାମିଲ ହୋଇଥିବା ପ୍ରଶିକ୍ଷକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଇଂଲିଶ ବିଭାଗ ମୁଖ୍ୟ ଓମିନା ହଂସରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



# ଧରିତ୍ରୀ
DHARITRI

ସୋମବାର, ଜୁନ୍ ୬/୨୦୨୨ | Monday, June 6/2022 | ପୃଷ୍ଠା-୧




**ବହିରେ ମନର ବେଦନା**

ଅଢ଼େଇ ବର୍ଷ କାଳ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଅଭିନେତ୍ରୀ କୁବ୍ରା ସେତ ତାଙ୍କ ବହି 'ଓପନ୍ ବୁକ୍'ରେ ଲେଖିଛନ୍ତି।

୦୫ | ୦୬

**ହେନି ଲାଇଟ୍‌ୱେଟ୍ ବକ୍ସିଂ ଚାମ୍ପିୟନ**

ଆମେରିକୀୟ ବକ୍ସର ଡେଭିନ୍ ହେନି ବିଶ୍ୱ ଲାଇଟ୍‌ୱେଟ୍ ବକ୍ସିଂ ଚାମ୍ପିୟନ ହୋଇଛନ୍ତି।





ବିଧାୟକ କ୍ୱାର୍ଟର୍ସ ନିର୍ମାଣ ପାଇଁ ଭୁବନେଶ୍ୱରସ୍ଥିତ ପୁରୁଣା ଏମ୍‌ଏଲ୍‌ଏ କଲୋନୀରେ ଗଛକୁ କଟାକୁ ବିରୋଧ କରି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଚାଲିଥିବା ଆନ୍ଦୋଳନସ୍ଥଳରେ ରବିବାର ବିଶ୍ୱ ପରିବେଶ ଦିବସରେ ନିଆରା ପ୍ରତିବାଦ ସ୍ୱରୂପ ଛାତ୍ରୀଛାତ୍ରଙ୍କୁ ମଞ୍ଜି ଗୋଲା ତିଆରି ପ୍ରଶିକ୍ଷଣ ଦିଆଯାଉଛି।

## ଆଜିଠୁ ସ୍କୁଲରେ ଗ୍ରୀଷ୍ମ ଛୁଟି

ଭୁବନେଶ୍ୱର, ୫।୬(ବ୍ୟୁରୋ)

ସୋମବାରଠାରୁ ସ୍କୁଲରେ ଗ୍ରୀଷ୍ମ ଛୁଟି ଆରମ୍ଭ ହେଉଛି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍କୁଲ୍ ଛୁଟି ରହିବ। ପ୍ରତିବର୍ଷ ଦେଢ଼ମାସରୁ ଊର୍ଦ୍ଧ୍ୱ ଗ୍ରୀଷ୍ମ ଛୁଟି ଦିଆଯାଉଥିବାବେଳେ ଏଥର ପ୍ରଥମଥର ପାଇଁ ସରକାର ଛୁଟିକୁ କାଟଛାଣ୍ଟ କରିଛନ୍ତି। କରୋନା ମହାମାରୀ ପାଇଁ ଗତ ଦୁଇବର୍ଷ ସ୍କୁଲ ବନ୍ଦ ଯୋଗୁ ପାଠପଢ଼ା ପ୍ରଭାବିତ ହୋଇଥିଲା। ଯଦିଓ ଅନ୍‌ଲାଇନ୍‌ରେ କ୍ଲାସ୍ ହେଉଥିଲା, କିନ୍ତୁ ଇଣ୍ଟରନେଟ୍ ସଂଯୋଗ ଓ ସ୍ମାର୍ଟ ଫୋନ୍ ଅଭାବ ଯୋଗୁ ୬୦ ପ୍ରତିଶତ ପିଲା ଏଥିରୁ ବଞ୍ଚିତ ହୋଇଥିଲେ। ତେଣୁ ସବୁ ପିଲା ପାଠ ପଢ଼ିବାର ସୁଯୋଗ ପାଇ ନ ଥିଲେ। କରୋନା ସ୍ଥିତି ସୁଧୁରିବା ପରେ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ସ୍କୁଲ ଖୋଲିଥିଲେ। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପାଠପଢ଼ା କ୍ଷତି ଭରଣା ପାଇଁ ଗ୍ରୀଷ୍ମ ଛୁଟିକୁ କମାଇ ଦିଆଯିବା ସହ ଶ୍ରେଣୀଗୃହ ପାଠପଢ଼ା ବା ଅଫ୍‌ଲାଇନ୍ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

# ଭାରତର କ୍ଷମା ଦାବିକଲା କାତାର

**ମନ୍ତବ୍ୟକୁ ଇସ୍‌ଲାମୀୟ ରାଷ୍ଟ୍ରର ବିରୋଧ**

- ଆରବୀୟ ଦେଶରେ ଭାରତୀୟ ସାମଗ୍ରୀ ବର୍ଜନ ଟ୍ରେଣ୍ଡ୍
- ଭାରତୀୟ ଦୂତାବାସକୁ କାତାର ସରକାରଙ୍କ ସମନ
- ମନ୍ତବ୍ୟ ଫେରାଇନେଲେ ନୂପୁର

**ଭାଜପାରୁ ନୂପୁର ଶର୍ମା ନିଲମ୍ବିତ, ନବୀନ ଜିନ୍ଦଲ ବହିଷ୍କୃତ**





ନୂଆଦିଲ୍ଲୀ, ୫।୬

କାନପୁର ହିଂସା ପରେ ଦେଶର ବିଭିନ୍ନ ସ୍ଥାନରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଫଳରେ ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଭାଜପା ମୁଖପାତ୍ର ନୂପୁର ଶର୍ମାଙ୍କୁ ଦଳ ଚାପରେ ପଡ଼ି ରବିବାର ନିଲମ୍ବନ କରିଛି। ସେହିପରି ସଂଖ୍ୟାଲଘୁ ସମ୍ପ୍ରଦାୟ ବିରୋଧରେ ବିବାଦୀୟ ଟୁଇଟ କରିଥିବା ଭାଜପାର ଦିଲ୍ଲୀ ମିଡିଆ ମୁଖ୍ୟ ନବୀନ କୁମାର ଜିନ୍ଦଲଙ୍କୁ ଦଳରୁ ବହିଷ୍କାର କରାଯାଇଛି। ନୂପୁରଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଇସ୍‌ଲାମୀୟ ରାଷ୍ଟ୍ରଗୁଡ଼ିକ ବିରୋଧ କରିଛନ୍ତି। କାତାର, କୁଏଟ୍, ସାଉଦି ଆରବ ଭଳି ଦେଶଗୁଡ଼ିକରେ ଭାରତୀୟ ସାମଗ୍ରୀ ଏବଂ ପ୍ରକଳ୍ପଗୁଡ଼ିକୁ ବର୍ଜନ କରିବା ଆହ୍ୱାନ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରିଛି। କାତାର ସରକାର ସେଠାରେ ଥିବା ଭାରତୀୟ ଦୂତାବାସକୁ ଏ ନେଇ ସମନ କରିଛନ୍ତି। କେବଳ ନୁପୂର ଓ ନବୀନଙ୍କୁ ଦଳରୁ ହଟାଇବା ଯଥେଷ୍ଟ ନୁହେଁ। ଭାରତ ସରକାର ଏଥିପାଇଁ ☞ପୃଷ୍ଠା-୪

# ସରପଞ୍ଚ, ପୂର୍ବତନ ସମିତିସଭ୍ୟଙ୍କୁ ଅପହରଣ

- ୪ ଘଣ୍ଟା ପରେ ମୁକୁଳିଲେ, ଜଣେ ଅଟକ
- ଘରେ ଅଟକ ରଖି ୫ ଲକ୍ଷ ଦାବି କରିଥିଲେ ଅଭିଯୁକ୍ତ
- ବନ୍ଧୁକ, ଜୀବନ୍ତ ଗୁଳି, ଖଣ୍ଡା ଓ ଭୁଜାଲି ଜବତ



ସରପଞ୍ଚ, ପୂର୍ବତନ ସମିତିସଭ୍ୟଙ୍କୁ ଅଟକ ରଖାଯାଇଥିବା ଘର ଆଗରେ ଲୋକଙ୍କ ଭିଡ଼ ଜମିଛି।

ଚଣ୍ଡିଖୋଲ,୫।୬(ଡି.ଏନ.ଏ.)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧୀମାନେ କାୟା ବିସ୍ତାର କରିଚାଲିଛନ୍ତି। ଉକ୍ତ ଥାନା ଅଞ୍ଚଳରେ କିଛିଦିନ ତଳେ ଜଣେ ସରକାରୀ କର୍ମଚାରୀଙ୍କୁ ଅପହରଣ କରାଯାଇଥିବାବେଳେ ଶନିବାର ରାତିରେ ଉକ୍ତ ଥାନା ଅଧୀନ ନଳିପୁର ସରପଞ୍ଚ ଓ ପ୍ରାକ୍ତନ ସମିତିସଭ୍ୟଙ୍କୁ ଅପହରଣ କରି ମୁଣ୍ଡ ଜାମିନ ରଖାଯାଇଥିଲା। ୫ଲକ୍ଷ ଟଙ୍କାଦେଲେ ସେମାନଙ୍କୁ ଛଡ଼ାଯିବ ବୋଲି ଅପହରଣକାରୀ ଦାବି କରିଥିଲେ। ତେବେ ୪ ଘଣ୍ଟା ପରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ସେମାନେ ମୁକୁଳିଛନ୍ତି। ଏହି ଘଟଣାରେ ପୋଲିସ ଅପହରଣକାରୀଙ୍କୁ ରବିବାର ଅଟକ ରଖିଛି। ତାଙ୍କ ନିକଟରୁ ଏକ ବନ୍ଧୁକ, ୬ଜୀବନ୍ତ ଗୁଳି, ଗୋଟିଏ ଖଣ୍ଡା ଓ ଦୁଇଟି ଭୁଜାଲି ଜବତ କରାଯାଇଛି।

ସୂଚନା ଅନୁସାରେ, ନଳିପୁର ସରପଞ୍ଚ ସେକ୍ ଅବଦୁଲ ଗନି ଓ ପୂର୍ବତନ ସମିତିସଭ୍ୟ ସେକ୍ ଅବଦୁଲ ମଜିଦ ଚାରିନେଙ୍ଗଳ ବଜାରରୁ ଘରକୁ ଫେରୁଥିବାବେଳେ କେନାଲ ବନ୍ଧ ନିକଟରେ ସେମାନଙ୍କୁ ସେକ୍ ମହେମୁଦ ନିଜ ଘରକୁ ଡାକିଥିଲେ। ତେବେ ପଞ୍ଚାୟତ ସମ୍ପର୍କରେ କୌଣସି ଆଲୋଚନା ପାଇଁ ଡାକିଥିବା ଆଶାକରି ଉଭୟ ତାଙ୍କ ଘରକୁ ଯାଇଥିଲେ। ମହେମୁଦ ସେମାନଙ୍କୁ ଘରେ ବସାଇବା ପରେ କବାଟ ବନ୍ଦ କରି ଦେଇଥିଲେ। ଏହାପରେ ବନ୍ଧୁକ ଦେଖାଇ ଭୟଭୀତ କରି ନିଘୁକ ମାଡ଼ ମାରିବା ସହ ସେମାନଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ଏପରି କି ୫ ଲକ୍ଷ ଟଙ୍କା ନ ଦେଲେ ତୁମକୁ ଛାଡ଼ିବି ନାହିଁ ବୋଲି ଧମକ ଦେଇଥିଲେ। ଏପଟେ ଘରକୁ ଫେରିବା ଡେରିହେବା ଦେଖି ଉଭୟଙ୍କ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ତେବେ ମହେମୁଦଙ୍କ ଘର ଆଗରେ ସେମାନଙ୍କ ମୋଟରସାଇକେଲ ଦେଖି ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇଥିଲେ। ମହେମୁଦ ଏହା ଦେଖି ଦୁହିଁଙ୍କୁ ଛାଡ଼ି ଦେଇଥିଲେ। ଏନେଇ ସେକ୍ ମଜିଦ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମହେମୁଦଙ୍କୁ ଚାରିନେଙ୍ଗଳରୁ କାବୁ କରିଛି। ତେବେ ପୋଲିସ ମହେମୁଦଙ୍କ ଜଣେ ସହଯୋଗୀ ଘରେ ଚଢ଼ାଉ କରିଥିଲେ ମଧ୍ୟ ସେ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ଏନେଇ ଥାନା ନଂ.୨୧୨/୨୨ରେ ଏକ ମାମଲା ରୁଜୁ ହୋଇଛି ବୋଲି ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ତେବେ ମହେମୁଦଙ୍କ ପୂର୍ବରୁ କୌଣସି ଆପରାଧିକ ପୃଷ୍ଠଭୂମି ରହିଛି କି ନାହିଁ ସେ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବାଲିଚନ୍ଦ୍ରପୁରରୁ ଦେଉଳି ଯାଇଥିବା ରାସ୍ତା କଡ଼ରେ ଏଭଳି ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏହି ରାସ୍ତାଟି ବ୍ୟସ୍ତବହୁଳ ହୋଇଥିବା ବେଳେ ରାସ୍ତାକଡ଼ରେ ଗୋଟିଏ ଘରେ ଦୁଇଜଣଙ୍କୁ ଅପହରଣ କରି ବନ୍ଧକ ରଖିବା ଘଟଣା ଭୟର ବାତାବରଣ ସୃଷ୍ଟି କରିଛି। ଦୈନିକ ବହୁ ସଂଖ୍ୟାରେ ବ୍ୟବସାୟୀ ଓ ଛାତ୍ରୀଛାତ୍ର ଏହି ରାସ୍ତାରେ ଯାତାୟାତ କରୁଥିବାରୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

# ନାଡାଲଙ୍କୁ ଫ୍ରେଞ୍ଚ୍ ଓପନ ଟାଇଟଲ୍

ପ୍ୟାରିସ, ୫।୬



ଫ୍ରେଞ୍ଚ ଓପନ୍ ଟ୍ରଫି ସହ ରାଫାଲ ନାଡାଲ।

କ୍ଲେ କୋର୍ଟର ରାଜା ଭାବେ ପରିଚିତ ସ୍ପେନ୍‌ର ରାଫାଲ ନାଡାଲ ରୋଲାଣ୍ଡ ଗାରୋସର ଲାଲ୍‌ମାଟିରେ ପୁଣିଥରେ ନିଜକୁ ଅପ୍ରତିଦ୍ୱନ୍ଦ୍ୱୀ ପ୍ରମାଣିତ କରିଛନ୍ତି। ରବିବାର ଅନୁଷ୍ଠିତ ଫ୍ରେଞ୍ଚ୍ ଓପନ ଟେନିସ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ନରୱେର କାସ୍ପର ରୁଡ୍‌ଙ୍କୁ ୬-୩, ୬-୩, ୬-୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ପ୍ରଥମ ଦୁଇ ସେଟ୍‌ରେ ରୁଡ୍ ସାମାନ୍ୟ ଚ୍ୟାଲେଞ୍ଜ ଦେବାକୁ ସକ୍ଷମ ହୋଇଥିଲେ ହେଁ ତୃତୀୟ ସେଟ୍‌କୁ ସହଜରେ ଜିତି ବିଜୟ ଧ୍ୱଜା ଉଡ଼ାଇଛନ୍ତି ଏହି ସ୍ପାନିଶ୍ ଟେନିସ୍ ତାରକା। ଏହା ହେଉଛି ନାଡାଲଙ୍କ କ୍ୟାରିୟରର ୧୪ତମ ଫ୍ରେଞ୍ଚ୍ ଓପନ ସିଙ୍ଗଲ୍ସ ଟାଇଟଲ। ଏଥିସହ ସେ ନିଜ ଗ୍ରାଣ୍ଡସ୍ଲାମ ଟାଇଟଲ ସଂଖ୍ୟାକୁ ୨୨ରେ ପହଞ୍ଚାଇଛନ୍ତି।

ଏକାଧିକ ଆହତ ସମସ୍ୟା ସହ ପ୍ୟାରିସ୍‌ରେ ପହଞ୍ଚିଥିଲେ ନାଡାଲ। ତେଣୁ ଫାଇନାଲ ପୂର୍ବରୁ ସେ ନୋଭାକ ଜୋକୋଭିଚ୍ କିମ୍ବା କାର୍ଲୋସ ଆଲ୍‌କାରାଜଙ୍କୁ ହରାଇବା ନେଇ ଅନେକ ସନ୍ଦେହ ପ୍ରକଟ କରିଥିଲେ। ମାତ୍ର ରୁଡ୍‌ଙ୍କୁ ହରାଇବା ପୂର୍ବରୁ ନାଡାଲ ସେମିଫାଇନାଲରେ ଆଲେକ୍‌ଜାଣ୍ଡର ଜେଭରେଭ(ଆହତ ସମସ୍ୟା ଯୋଗୁ ଅଧାରୁ ଓହରି ଯାଇଥିଲେ)ଙ୍କ ବିପକ୍ଷରେ ୱାକ୍‌ଓଭର ପାଇଥିବାବେଳେ କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍‌ଙ୍କୁ ହରାଇ ସମସ୍ତ ଆକଳନକୁ ଭୁଲ୍ ପ୍ରମାଣିତ କରିଥିଲେ। ଆଲ୍‌କାରାଜ କ୍ୱାର୍ଟର ଫାଇନାଲରେ ☞ପୃଷ୍ଠା-୪

# ନିଆଁ ଲାଗି ୪୯ ମୃତ, ୪୫୦ ଆହତ

**ବାଂଲାଦେଶ ରାସାୟନିକ କଣ୍ଟେନର ଡିପୋରେ ବିସ୍ଫୋରଣ**



ଚିଟାଗଙ୍ଗର କଦମରସୁଲ ଅଞ୍ଚଳରେ ଥିବା ବିଏମ୍ କଣ୍ଟେନର୍ ଡିପୋ ଜଳୁଛି।

ଢାକା,୫।୬

ବାଂଲାଦେଶର ଦକ୍ଷିଣପୂର୍ବାଞ୍ଚଳରେ ଥିବା ଏକ ଘରୋଇ ରାସାୟନିକ କଣ୍ଟେନର ଡିପୋରେ ବିସ୍ଫୋରଣ ଘଟି ଭୟାବହ ଅଗ୍ନିକାଣ୍ଡ ହୋଇଛି। ଏଥିରେ ୪୯ ଜଣଙ୍କ ମୃତ୍ୟୁ ଘଟିବା ସହ ୪୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ବିସ୍ଫୋରଣ ଘଟଣାରେ ଦୁଃଖପ୍ରକାଶ କରିବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।


ଚିଟାଗଙ୍ଗର ସୀତାକୁଣ୍ଡ ଉପଜିଲା ଅନ୍ତର୍ଗତ କଦମରସୁଲ ଅଞ୍ଚଳରେ ଥିବା ବିଏମ୍‌ଡିପୋରେ ଶନିବାର ବିଳମ୍ବିତ ରାତିରେ ରାସାୟନିକ ଭର୍ତ୍ତି ଏକ କଣ୍ଟେନରରେ ବିସ୍ଫୋରଣ ହୋଇଥିଲା। ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ଡିପୋକୁ ନିଆଁ ବ୍ୟାପିଯାଇଥିଲା। ସେଠାରେ ପ୍ରାୟ ୪,୦୦୦ କଣ୍ଟେନର ଥିବାବେଳେ ସେଥିରୁ ଅଧିକାଂଶରେ ରପ୍ତାନି ହେବା ଲାଗି ପୋଷାକ ଭର୍ତ୍ତି ହୋଇଥିଲା। ନିଆଁ ବ୍ୟାପିବା ସହ ରାସାୟନିକ ଭର୍ତ୍ତି ଅନ୍ୟ କଣ୍ଟେନରଗୁଡ଼ିକରେ ମଧ୍ୟ ବିସ୍ଫୋରଣ ହୋଇଥିଲା। ଫଳରେ ନିଆଁ ଲିଭାଇବାକୁ ଯାଇଥିବା କେତେଜଣ ଅଗ୍ନିଶମ କର୍ମଚାରୀ ଏବଂ ସାମ୍ବାଦିକ ଜଳିଯାଇଥିଲେ। ଭଗ୍ନାବଶେଷଗୁଡ଼ିକ ବହୁ ଦୂର ପର୍ଯ୍ୟନ୍ତ ଛିଟିକିପଡ଼ିବାରୁ ବହୁସଂଖ୍ୟାରେ ଲୋକେ ଆହତ ହୋଇଥିଲେ। ପ୍ରଚଣ୍ଡ ଶବ୍ଦରେ ବହୁ କିଲୋମିଟର ପର୍ଯ୍ୟନ୍ତ କୋଠାଗୁଡ଼ିକ ଦୋହଲିଯାଇଥିଲା। ପୋଡ଼ିଯାଇଥିବା ମୃତଦେହଗୁଡ଼ିକର ଡିଏନ୍‌ଏ ପ୍ରୋଫାଇଲିଂ ପରେ ପରିବାରକୁ ହସ୍ତାନ୍ତର କରାଯିବ।

# କାହିଁକି ମାନୁନାହାନ୍ତି

ଭୁବନେଶ୍ୱର,୫।୬(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଦୁଇଟି ସରକାରୀ ଚିଠି ନିକଟରେ ଧରିତ୍ରୀର ହସ୍ତଗତ ହୋଇଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଲେଖାଯାଇଥିବା ଏହି ଚିଠି ମାଧ୍ୟମରେ ଜନୈକ ଅଧିକାରୀଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ପ୍ରଥମ ଚିଠିଟି ଚଳିତ ବର୍ଷ ମାର୍ଚ୍ଚ ୧୫ରେ ଦିଆଯାଇଥିଲା। ଚିଠିର କୌଣସି ଉତ୍ତର ନ ଆସିବାରୁ ଏପ୍ରିଲ ୨୬ରେ ପୁଣିଥରେ ଏକ ଚିଠି ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀଙ୍କ ଦ୍ୱାରା କରାଯାଇଥିଲା, ଯାହାର ଉତ୍ତର ଏପ୍ରିଲ ୩୦ ସୁଦ୍ଧା ରଖିବାକୁ କୁହାଯାଇଥିଲା। ଖବର ଲେଖିବା ପର୍ଯ୍ୟନ୍ତ ଅର୍ଥାତ୍ ଜୁନ୍ ୫ ଯାଏଁ କୌଣସି ଉତ୍ତର ମିଳି ନ ଥିବା ବିଭାଗୀୟ କର୍ମଚାରୀଙ୍କଠାରୁ ଜଣାପଡ଼ିଛି। ଏହି ଦୁଇଟି ଚିଠିକୁ ଦେଖିଲେ ବୁଝାପଡୁଛି ଯେ, ବିଭାଗ ମଧ୍ୟରେ ଅନିୟମିତତା ଏବଂ ଅମାନ୍ୟ ବ୍ୟବହାର ବ୍ୟାପିବାରେ ଲାଗିଛି।

ମାର୍ଚ୍ଚ ୧୧ରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ କଳା ସଂସ୍କୃତି ସଂଘ(ଆରକେଏସ୍‌ଏସ୍), ଆର୍ଟିଷ୍ଟ ଫେଡେରେଶନ ସେଲ୍ (ଏଏଫ୍‌ସି)ର ଯୁଗ୍ମ ନିର୍ଦ୍ଦେଶକ, ଡେପୁଟି ସେକ୍ରେଟାରୀ, ଆସିଷ୍ଟାଣ୍ଟ ଡିରେକ୍ଟର, ରାଜ୍ୟ ପ୍ରକଳ୍ପ ସଂଯୋଜକ, ଉପସଭାପତି ଓ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ପରେ ମାର୍ଚ୍ଚ ୧୫ରେ ପ୍ରଥମ ଚିଠି ଦିଆଯାଇଥିଲା। ଏହି ଚିଠିରେ ୫ଟି ପଏଣ୍ଟରେ ବିଭାଗରେ ହୋଇଥିବା ଅନିୟମିତତା ବିଷୟରେ ଲେଖାଯାଇଛି। ଆର୍‌କେଏସ୍‌ଏସ୍ ଓ ଏଏଫ୍‌ସିର ଆରମ୍ଭ ଦିନରୁ କୌଣସି କ୍ୟାଶବୁକ୍ ଲିଖିତ ଆକାରରେ କରାଯାଇନାହିଁ। ୧୧ବର୍ଷ ଧରି ୟୁନିସେଫ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ ଆସୁଛି। ରାଜ୍ୟ ସରକାର ୨୦୧୧-୧୨ମସିହାରୁ ୨୦୧୬-୧୭ ମଧ୍ୟରେ ସୂଚନା, ଶିକ୍ଷା ଓ ଯୋଗାଯୋଗ(ଆଇଇସି) ସଂକ୍ରାନ୍ତ ପାଣ୍ଠି ଯୋଗାଇନଥିଲେ। କିନ୍ତୁ ଏହି ୫ବର୍ଷ ମଧ୍ୟରେ ସରକାର ସାଧାରଣ ବଜେଟ୍‌ରେ ବର୍ଷକୁ ୧କୋଟି ଲେଖାଏ ମଞ୍ଜୁରି ଦେଇ ଆସିଥିଲେ। ଏହା ସହିତ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଆଇଇସି ବାବଦରେ ୨କୋଟି ୨୭ଲକ୍ଷ ଟଙ୍କା ଅତିରିକ୍ତ ବଜେଟ ମଞ୍ଜୁର କରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ୧୧ବର୍ଷ ମଧ୍ୟରେ ଅର୍ଥ ଗ୍ରହଣ କରିବା ନେଇ କୌଣସି କ୍ୟାଶବୁକ୍ ଲିଖିତ ଆକାରରେ ନାହିଁ। ଏହି କ୍ୟାଶବୁକ୍ ମାର୍ଚ୍ଚ ୩୧ ସୁଦ୍ଧା ଲିଖିତ ଓ ଅପଡେଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଏଏଫ୍‌ସିର ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋଇ ୮ ଅକ୍ଟୋବର, ୨୦୧୫ଠାରୁ ୧୪ ଫେବୃୟାରୀ ୨୦୨୨ ମଧ୍ୟରେ ଅଗ୍ରିମ ୧କୋଟି ୪୦ଲକ୍ଷ ୩୮ହଜାର ୨୫୪ଟଙ୍କା ଉଠାଣ କରିଛନ୍ତି, ଯାହା ସଂସ୍କୃତି ନିର୍ଦ୍ଦେଶକଙ୍କ ନୋଟ ଶିଟ୍ ଆଧାରରେ ପ୍ରଦତ୍ତ ହୋଇଛି। ଏହାକୁ ଏକ ବିରାଟ ଆର୍ଥିକ ଅନିୟମିତତା ବୋଲି ପାଢ଼ୀ ଏହି ଚିଠିରେ ଉଲ୍ଲେଖ କରିଛନ୍ତି। ଅଗ୍ରିମ ଟଙ୍କା ନ ଫେରାଇବା ଯାଏଁ ତାଙ୍କୁ ପୁନଃ କୌଣସି ଅଗ୍ରିମ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପ ସଂଯୋଜକ ବିଶୋଇ ୟୁନିସେଫର ପିଏମ୍‌ୟୁରୁ ଜଣେ ଅଂଶ ଭାବରେ ସମସ୍ତ କାଗଜ କାମ କରୁଛନ୍ତି। କିନ୍ତୁ ତାଙ୍କ ଅବସ୍ଥାପିତ ନେଇ କୌଣସି ଚିଠି ପାଢ଼ୀଙ୍କୁ ମିଳି ନାହିଁ। ସେ କାମ କରୁଥିବା ସମସ୍ତ ଫାଇଲକୁ ଚିଠି ଜାରି ହେବାର ପ୍ରଥମ ସପ୍ତାହରେ ହିଁ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ)ଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପକ୍ଷେ ଏଏଫ୍‌ସିକୁ ସରକାରଙ୍କ ପକ୍ଷରୁ ୪କୋଟି ଟଙ୍କା କର୍ପସ ପାଣ୍ଠି ମିଳିଥିଲା। ଏଥିରୁ ଆୟ ସୁଧ କଳାକାର ଏବଂ ଫେଡେରେଶନ ସେଲର ଉନ୍ନତି ପାଇଁ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୪ଟି ଭିନ୍ନ ଭିନ୍ନ ଫିକ୍ସଡ ଡିପୋଜିଟ ଜରିଆରେ ୧କୋଟି ଲେଖାଏଁ ଟଙ୍କା ଜମା କରାଯାଇଥିଲା ଓ ଏଏଫ୍‌ସିକୁ ତ୍ରୈମାସିକ ସୁଧ ମିଳୁଛି ବୋଲି କୁହାଯାଇଥିଲା। ଯେତେବେଳେ ଏ ସମ୍ବନ୍ଧୀୟ କାଗଜ ଦେଖାଇବାକୁ କୁହାଗଲା ଏଏସ୍‌ଓ ଏବଂ ମାଲବିଶୋଇ କୌଣସି ପ୍ରମାଣ ଦେଇପାରି ନ ଥିଲେ। ଏହି ୪ଟି ଫିକ୍ସଡ ଡିପୋଜିଟକୁ ଗୋଟିଏ କରି ଜାତୀୟ ବ୍ୟାଙ୍କରେ ସର୍ବାଧିକ ଲାଭ ପାଇଁ ୩ରୁ ୫ବର୍ଷ ପର୍ଯ୍ୟନ୍ତ ରଖାଯିବ ବୋଲି ପାଢ଼ୀ ଲେଖିଛନ୍ତି। ଏପରି କି ମାଲବିଶୋଇ ନିଜେ ୯ଜଣଙ୍କୁ ଆଉଟ ସୋର୍ସିଂ ମାଧ୍ୟମରେ ନିଯୁକ୍ତି ଦେଇଥିବା କହିଛନ୍ତି। କିନ୍ତୁ ସେମାନଙ୍କୁ ନିଯୁକ୍ତି ଦେବା ସମ୍ବନ୍ଧୀୟ କୌଣସି ନଥିପତ୍ର ନାହିଁ। କେଉଁ ଆଧାରରେ ଏହି ନିଯୁକ୍ତି ହୋଇଛି, ଏହା ଅନୁମୋଦିତ କି ନୁହେଁ ଏବଂ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କ ଦରମା ବାବଦ ସମସ୍ତ କାଗଜପତ୍ର ଦେଖାଇବାକୁ ଏହି ନୋଟିସରେ କୁହାଯାଇଛି। ଇପିଏଫ୍ ଓ ଇଏସ୍‌ଆଇ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ତଦନ୍ତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ସଚିବ ପାଢ଼ୀ। ଉପରୋକ୍ତ ପଏଣ୍ଟ ଦର୍ଶାଉଛି ଯେ, ପ୍ରକଳ୍ପ ସଂଯୋଜକ ମାଲବିଶୋଇଙ୍କ ନିମନ୍ତେ ଏହି ଚିଠି ଉଦ୍ଦିଷ୍ଟ। ବିଶେଷ ସୂତ୍ରରୁ ଜଣାପଡ଼ିଛି, ଏହି ନୋଟିସ ପରେ ଅନ୍ୟ ୨ଟି ନୋଟିସ ଜାରି ହେଲା ପରେ ମଧ୍ୟ ପ୍ରକଳ୍ପ ସଂଯୋଜକ ମାଲବିଶୋଇ ଓ ତାଙ୍କ ସହଯୋଗୀ କୌଣସି ଉତ୍ତର ଏବଂ ସରକାରୀ କାଗଜ ପତ୍ର ଏଯାଏଁ ଦାଖଲ କରି ପାରି ନାହାନ୍ତି। ଏ ନେଇ ମାଲବିଶୋଇଙ୍କୁ ରବିବାର ସନ୍ଧ୍ୟା ୭ଟା ୨୭ରେ ୯୪୩୭୨୩୪୬୫୧ ନମ୍ବରରେ ଫୋନ କଲ ଏବଂ ପରେ ମେସେଜ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।



NOTE SHEET


ODIA LANGUAGE, LITERATURE & CULTURE DEPARTMENT

UOI No. 50 /ACSOLLC, Dt.15.03.2022

The undersigned reviewed functioning of the Rajya Kala Sanskruti Sangha(RKSS) and Artist Federation Cell in presence of Joint Director, Deputy Secretary, Assistant Director, State Project Co-Ordinator, Vice- President, RKSS and other officials in the conference hall of Sanskruti Bhawan on 11th March, 2022. The following items need urgent attention:-

1. The Cash book of RKSS and AFC has not been written since beginning. It has been receiving fund from State Govt. and UNICEF for program & manpower in last 11 years. It was informed that State Govt. did not give any IEC fund from 2011-12 to 2016-17. However, in last 5 years Govt. have sanctioned Rs. 1.00 Crore every year in the normal Budget. In addition, State Govt. has sanctioned Rs. 2.27 Crore in the Supplementary Budget in Financial Year 2021-22 under IEC head. It was shocking to note that neither cash book has been written nor any cash analysis or bank reconciliation been done in last 11 years of existence of RKSS and AFC.
[Action: The cash book may be written & made up to date by 31.03.2022.]

2. Advance has been taken by the State Project Co-ordinator of AFC, Mr. Basudev Malbisoyee amounting to Rs. 1,40,38,254/-(Rupees one crore forty lakhs thirty eight thousand two hundred fifty four) starting from 08.10.2015 till 14.02.2022. All these money has been taken as per note sheet Order of the Director, Culture. This advance is outstanding against the SPC. This is a grave financial irregularity which needs immediate action. Till all advance are recouped, no further advance is to be given to Sri Basudev Malbisoyee.
[Action: Vouchers & Bills against the advances taken by APC may be procured & adjusted so as to liquidate all advance by 31.03.2022.]



NOTE SHEET

REMINDER

ODIA LANGUAGE, LITERATURE & CULTURE DEPARTMENT

UOI No. 82 /ACSOLLC, Dt. 26.04.2022

This has reference to my earlier UOI No. 50/ACSOLLC, Dt. 15.03.2022. It was asked to take following actions by a week/ 31.03.2022 :-

1. Cash Book to be written and made up to date by 31.03.2022.
2. Vouchers & Bills against the advances taken by AFC be approved and adjusted by 31.03.2022.
3. SPC, Shri Malbisoyee should not open any file and all files in AFC should be handed over to the concerned ASO within a week.
4. Fixed Deposit certificates to be traced and all four FDs should be made to one FD and kept in a nationalised bank.
5. The details of outsourcing staff, remuneration of EPF/ESI deduction etc. to be informed to the undersigned within a week.
6. Lastly, engagement file of Shri Malbisoyee should be traced out & placed before the undersigned.

Neither status nor actions taken on the above 6 points have been intimated to the undersigned till date. It is, therefore, requested to report the status & action taken on all the above points by 30th April, 2022 positively to the undersigned.

(Madhu Sudan Padhi)
Addl. Chief Secretary to Govt.
Odia Language, Literature & Culture Department

Director, OLL&C

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୨ ମାର୍ଚ୍ଚ ୧୫ ଏବଂ ଏପ୍ରିଲ୍ ୨୬ରେ କରାଯାଇଥିବା ଚିଠିର ନକଲ।

# ହାଇପର ଭିଟାମିନୋସିସ୍


ଡା. ଆଶିଷ ବାନାର୍ଜୀ

"ବେଳେବେଳେ ଶରୀର ପ୍ରାକୃତିକ ଉତ୍ସରୁ ଭିଟାମିନ୍ ଗ୍ରହଣ କରିବା ପାଇଁ ଅସମର୍ଥ ହୁଏ । ଅନ୍ୟପକ୍ଷରେ ସନ୍ତୁଳିତ ଆହାର ନ ଖାଇବା କାରଣରୁ ଭିଟାମିନ୍ ଅଭାବ ଜନିତ ରୋଗ ହୋଇଥାଏ । ଏହାକୁ ସଦ୍ୟ ପୂରଣ ପାଇଁ କୃତ୍ରିମ ଭାବେ ଭିଟାମିନ୍ ଇଞ୍ଜେକ୍ସନ୍, ବଟିକା ସେବନ କରାଯାଏ। ମାତ୍ର ଏହା ଅତ୍ୟଧିକ ହେଲେ ଭିଟାମିନ୍ ଅଧିକ ଜନିତ ରୋଗ ହୋଇଥାଏ, ଯାହାକୁ 'ହାଇପର ଭିଟାମିନୋସିସ୍' ବୋଲି କୁହାଯାଏ।"



ଶରୀର ସୁସ୍ଥ, ନୀରୋଗ ଓ ଦୀର୍ଘାୟୁ ନିମନ୍ତେ ଭିଟାମିନ୍ ବା ଜୀବସାର ନିତାନ୍ତ ପ୍ରୟୋଜନ। ଏହା ଶରୀରର ମସ୍ତିଷ୍କ, ଅସ୍ଥି, ତ୍ୱଚା ଏବଂ ରକ୍ତକୁ ସୁସ୍ଥ ରଖିଥାଏ। ବ୍ୟାଧି ପ୍ରତିରୋଧକ କ୍ଷମତା ବଢ଼ାଇଥାଏ। ଏହା ଆମ ପ୍ରକୃତିରୁ ବିଭିନ୍ନ ଆହାର, ଔଷଧ, ଫଳ ଭରପୂର ମାତ୍ରାରେ ଥାଏ। ସୂର୍ଯ୍ୟ କିରଣରୁ ଭିଟାମିନ୍ 'ଡି' ପାଇଥାଉ। ଶରୀର ତା'ର ଆବଶ୍ୟକତା ମୁତାବକ ଗ୍ରହଣ କରେ। ବେଳେବେଳେ ଶରୀର ପ୍ରାକୃତିକ ଉତ୍ସରୁ ଭିଟାମିନ୍ ଗ୍ରହଣ କରିବା ପାଇଁ ଅସମର୍ଥ ହୁଏ। ଅନ୍ୟପକ୍ଷରେ ସନ୍ତୁଳିତ ଆହାର ନ ଖାଇବା କାରଣରୁ ଭିଟାମିନ୍ ଅଭାବ ଜନିତ ରୋଗ ହୋଇଥାଏ। ଏହାକୁ ସଦ୍ୟ ପୂରଣ ପାଇଁ କୃତ୍ରିମ ଭାବେ ଭିଟାମିନ୍ ଇଞ୍ଜେକ୍ସନ୍, ବଟିକା ସେବନ କରାଯାଏ। ମାତ୍ର ଏହା ଅତ୍ୟଧିକ ହେଲେ ଭିଟାମିନ୍ ଅଧିକ ଜନିତ ରୋଗ ହୋଇଥାଏ, ଯାହାକୁ 'ହାଇପର ଭିଟାମିନୋସିସ୍' ବୋଲି କୁହାଯାଏ।

ଏହି ଭିଟାମିନ୍‌ଗୁଡ଼ିକ ପ୍ରାୟତଃ ଦୁଇପ୍ରକାର ଦେଖାଯାଏ। ଗୋଟିଏ ପାଣିରେ ଘୋଳନଶୀଳ ଯଥା- ଭିଟାମିନ୍ ବି ଓ ସି। ଏହା ଅଧିକ ହେଲେ ପରିସ୍ରା ଦେଇ ବାହାରିଯାଏ। ଏବଂ ଅନ୍ୟଗୁଡ଼ିକ ଚର୍ବିରେ ଘୋଳନଶୀଳ ଯଥା- ଭିଟାମିନ୍ ଏ, ଡି, ଇ ଓ କେ। ଏହିଗୁଡ଼ିକ ତନ୍ତୁ ହୃଦୟ ଓ ଅନ୍ୟ ଅଙ୍ଗରେ ଜମା ହୋଇ ରହେ ଦରକାର ବେଳେ କାର୍ଯ୍ୟରେ ଆସେ।




**ଭିଟାମିନ୍ -ଏ :** ଏହା ଆଖିର ଦୃଷ୍ଟିଶକ୍ତିକୁ ଠିକ୍ ରଖେ। ଚର୍ମ, ଦାନ୍ତ, ହାଡ, ସୂକ୍ଷ୍ମ କୋଷିକା ଓ ଶ୍ଳେଷ୍ମକଳାକୁ ସୁସ୍ଥ ରଖେ। ଏହାର ମୁଖ୍ୟ ଉତ୍ସ କନ୍ଦମୂଳ, ଗାଜର, ଅମୃତଭଣ୍ଡା, କଳିଜା, ଅଣ୍ଡା, ଆମ୍ବ ଓ ପନିପରିବାରୁ ମିଳେ। ଏହା ଆମ ଶରୀର ପାଇଁ ଦୈନିକ ୯୦୦ଏମ.ସି.ଜି.ରୁ ୩୦୦୦ଏମ.ସି.ଜି. ଆବଶ୍ୟକ। ଏହା ଠାରୁ ଅଧିକ ଗ୍ରହଣ କଲେ ବାଳ ଝଡ଼ିବା, ଭ୍ରୂଲତା ଉପରେ ଲୋମ ଉଠିଯିବା, ତ୍ୱଚା ଶୁଷ୍କ, ରୁକ୍ଷ, ଲାଲ୍ ପଡ଼ିବା, ଫୁଲି ଚେକା ଚେକା ହେବା, ମସ୍ତିଷ୍କରେ ଚାପ ବଢ଼ିବା, ଆଖିକୁ ଦେଖା ନ ଯିବା, ବାନ୍ତି ଲାଗିବା, ମୁଣ୍ଡ ବ୍ୟଥା, ଚିଡ଼ଚିଡ଼୍ ଲାଗିବା ଓ ହାଡ଼ରେ ଯନ୍ତ୍ରଣା ହେବା। ଶେଷରେ ରୋଗୀ କୋମା ଅବସ୍ଥାକୁ ଚାଲିଯାଇପାରେ।

**ଭିଟାମିନ୍ 'ଡି' :** ଭିଟାମିନ୍ 'ଡି' କଅଁଳିଆ ସୂର୍ଯ୍ୟକିରଣ ଚର୍ମ ଉପରେ ପଡ଼ି ସଂଶ୍ଳେଷଣ ପ୍ରକିୟା ଦ୍ୱାରା ଶୋଷିତ ହୋଇଥାଏ। ଏହା କ୍ୟାଲ୍‌ସିୟମ ଶୋଷଣ କରେ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ମାସଂପେଶୀ ଓ ହୃଦୟ ସୁସ୍ଥ ରଖେ। ଏହାର ମୁଖ୍ୟ ଉତ୍ସ- କ୍ଷୀର, ସଲମନ ମାଛ, କଡ୍ ଲିଭର୍ ଅଏଲ, ଅଣ୍ଡା, ଛତୁ, ସୋୟାବିନ୍‌ରୁ ମିଳେ। ଶରୀର ପାଇଁ ଦୈନିକ ୧୫ରୁ ୨୦ଏମ.ସି.ଜି. ଆବଶ୍ୟକ। ଏହାଠାରୁ ଅଧିକ ହେଲେ ବୃକ୍କ ଅଶ୍ମରୀ, ବାନ୍ତି ଲାଗିବା, କୋଷ୍ଠବଦ୍ଧତା, ଅଧିକ ଶୋଷ ଲାଗିବା, ଅଧିକ ପରିସ୍ରା ହେବା ଓ ପତଳା ସ୍ୱାସ୍ଥ୍ୟ ହୋଇଥାଏ।

**ଭିଟାମିନ୍-ଇ :** ଏହା ଏକ ଅକ୍ସିଡାଣ୍ଟ, ଗର୍ଭସ୍ଥାପକ, ଦୃଷ୍ଟି, ରକ୍ତ ପୁଷ୍ଟିକାରକ, ମସ୍ତିଷ୍କ ଓ ଚର୍ମ ପାଇଁ ଉପକାରୀ। ମୁଖ୍ୟ ଉତ୍ସ- ସୂର୍ଯ୍ୟମୁଖୀ ତେଲ, ଆଲ୍‌ମଣ୍ଡ ବ୍ଲାକ୍‌ବେରୀ ତେଲ ଓ ପିଜୁଳିରୁ ମିଳେ। ଦୈନିକ ୧୫ମି.ଗ୍ରା. ଆବଶ୍ୟକ। ଏଥିରୁ ଅଧିକ ହେଲେ ପ୍ରୋଷ୍ଟେଟ୍ କ୍ୟାନ୍‌ସର, ଷ୍ଟ୍ରୋକ୍ ଏବଂ ରକ୍ତସ୍ରାବ ହେବା ଦେଖାଯାଏ।

**ଭିଟାମିନ୍ କେ :** ଏହା ରକ୍ତ ଜମାଟ ବାନ୍ଧିବା, ଅସ୍ଥିକୁ ସୁଦୃଢ଼ କରେ। ଏହାର ମୁଖ୍ୟ ଉତ୍ସ:- ସେଓ, ପନିପରିବା, ଅଣ୍ଡା, ବ୍ରୋକଲି, ଫୁଲକୋବି। ଏହା ଆମ ଶରୀର ପାଇଁ ଦୈନିକ ୦.୨ରୁ ୩.୨ଏନ୍.ଜି./ଏମ.ଏଲ୍. ଦରକାର। ଏହାଠାରୁ ଅଧିକ ହେଲେ ସଦ୍ୟଜାତ ଶିଶୁର କାମଳ, ହେମୋଲାଇଟିକ୍, ଏନିମିଆ(ରକ୍ତହୀନତା) ଦେଖାଯାଏ।

**ଭିଟାମିନ୍-ବି :** ଏହା ଭୋକ, ସ୍ୱାସ୍ଥ୍ୟ ଓ ଓଜନ ବଢ଼ାଏ। ଏହା ଅଭାବରୁ ବେରିବେରି, ହାତ ଓ ଗୋଡ଼ ମାଂସପେଶୀ ଦୃଢ଼ତା, ରକ୍ତହୀନତା, ଶ୍ୱାସକଷ୍ଟ, ଚର୍ମଛେତା ପଡ଼ିଯିବା, ଚାଲିବାରେ କଷ୍ଟ, ଜିହ୍ୱା ଫୁଲିବା, କାମଳ ଓ ପାଟି ଘା' ଆଦି ରୋଗ ହୋଇଥାଏ। ଅଧିକ ଗ୍ରହଣ କଲେ ଯକୃତ କାର୍ଯ୍ୟକ୍ଷମତା ହରାଏ।

**ଭିଟାମିନ୍ ବି-୬ :** ଏପରି ଭିଟାମିନ୍ ଅଧିକ ସେବନ କଲେ ସ୍ନାୟୁଗୁଡ଼ିକ ନଷ୍ଟ ହେବା, ଯକୃତ ଖରାପ ହେବା, ତ୍ୱଚା ସୂର୍ଯ୍ୟାଲୋକ ସହ୍ୟ କରିପାରେ ନାହିଁ। ବାନ୍ତି ଲାଗିବା, ଛାତି ଜଳାପୋଡ଼ା ହୋଇଥାଏ।

**ଭିଟାମିନ୍-ସି :** ଏହା କୋଷ, ଚର୍ମ, ରକ୍ତବାହିନୀ, ଅସ୍ଥି ଏବଂ ତରୁଣାସ୍ଥି, ଦାନ୍ତମାଢ଼ିକୁ ସୁସ୍ଥ ରଖେ। ଥଣ୍ଡାସର୍ଦ୍ଦିରୁ ରକ୍ଷା କରେ। ବ୍ୟାଧି ପ୍ରତିରୋଧକ ଶକ୍ତି ବଢ଼ାଏ। ଏହାର ଅଭାବରୁ ସ୍କର୍ବି ରୋଗ ହୋଇଥାଏ। ଏହାର ମୁଖ୍ୟ ଉତ୍ସ- ଅଁଳା, ଖଟାଜାତୀୟ ଫଳ, ଲେମ୍ବୁ, କମଳା, ଅଙ୍ଗୁର କୋଳି ଇତ୍ୟାଦି। ଦୈନିକ ୯୦ଏମ୍.ଜି. ଆବଶ୍ୟକ। ଏଥିରୁ ଅଧିକ ଦୈନିକ ନେଲେ ପେଟଜନିତ ରୋଗ, ପତଳା ଝାଡ଼ା, ଆମାଶୟ ମାଂସପେଶୀ ଆକୁଞ୍ଚନ, ବାନ୍ତି, ମୁଣ୍ଡବ୍ୟଥା ଇତ୍ୟାଦି ଲକ୍ଷଣ ଦେଖାଯାଏ।

ଏଣୁ ସନ୍ତୁଳିତ ଆହାର ସେବନ କରିବେ। ଜିହ୍ୱା ଓ ଲୋଭକୁ ସମ୍ବରଣ କରିବେ, ବିଭିନ୍ନ ଋତୁରେ ଉତ୍ପନ୍ନ ହେଉଥିବା ଫଳ, ପନିପରିବାକୁ ସେବନ କରିବେ। ସଜନାଶାଗ, ପିଜୁଳି, ଲଙ୍କା, ଅମୃତଭଣ୍ଡା, କଦଳୀ ଇତ୍ୟାଦି ଫଳ ଓ ପନିପରିବାକୁ ପ୍ରାଧାନ୍ୟ ଦେବେ। ଆମାଶୟ ଓ ଅନ୍ତ୍ରର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ସମୟ ବ୍ୟବଧାନ ରଖିବେ। ପାଣି ପିଇବେ। ଯୋଗାଭ୍ୟାସ କରିବେ। ଶରୀର ପାଇଁ ହିତକାରୀ ପ୍ରାକୃତିକ ଔଷଧ ଓ ଉପଚାରକୁ ପ୍ରାଧାନ୍ୟ ଦେବେ। ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଆହାର, ଭିଟାମିନ୍ ସେବନ କରିବେ।

-ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

# ସୁସ୍ଥ ଶରୀର ଅନ୍ତରାଳେ



ଆମ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଶକ୍ତ ରଖିବାରେ ଖାଦ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେଣୁ ଏଥିପାଇଁ ଆମକୁ ସୁଷମ ଖାଦ୍ୟ ଖାଇବାକୁ ପଡ଼ିବ। ଏଥିରୁ ମିଳୁଥିବା ଭିଟାମିନ୍ ପାଚନକ୍ରିୟା ସାହାଯ୍ୟରେ ରକ୍ତ ପାଖରେ ପହଞ୍ଚେ ଏବଂ ଶରୀରରେ ବିଶୁଦ୍ଧ ବାୟୁ ଚଳାଚଳ କରିବାରେ ସାହାଯ୍ୟ କରେ। ଏହା ସହ ଶରୀରରେ ହେଉଥିବା ରାସାୟନିକ ପ୍ରତିକ୍ରିୟାକୁ ମଧ୍ୟ ସନ୍ତୁଳିତ ରଖି ଶରୀରର ବିକାଶରେ ସାହାଯ୍ୟ କରେ। ସୁସ୍ଥ ସ୍ୱାସ୍ଥ୍ୟ ପାଇଁ କେବଳ ଭିଟାମିନ୍ ନୁହେଁ, ସୁଷମ ତଥା ସୁପାଚ୍ୟ ଖାଦ୍ୟ ଖାଇବା ନିହାତି ଦରକାର। ଅସ୍ଥି ଓ ମଜ୍ଜାଗୁଡ଼ିକୁ ମଜଭୁତ ରଖିବା ପାଇଁ ଅତି କମ୍‌ରେ ୩୦ ପ୍ରକାରର ଭିଟାମିନ୍, ଖଣିଜ ଲବଣ ଏବଂ ଡାଏଟାରି କମ୍ପୋନେଟ୍ ଦରକାର, ଯାହା ଅସ୍ଥି ଗଠନ କରିବା ସହିତ କ୍ଷତ ସ୍ଥାନ ପୂରଣ କରିଥାଏ। ତା'ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଏତଦ୍‌ବ୍ୟତୀତ ଉତ୍ତମ ଖାଦ୍ୟ ଖାଇବା ଦ୍ୱାରା ସ୍ମରଣ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ।

# ସକାରାତ୍ମକ ହେବ ବିଚାରଧାରା



ଯଦି ଆମର ବିଚାରଧାରା ସକାରାତ୍ମକ ରହେ ତେବେ ଆମେ ନିଜ କାମକୁ ସୁଚାରୁ ରୂପେ ତୁଲାଇ ପାରିବା। ତେଣୁ ଏ ନେଇ ମାନସିକତା ସକାରାତ୍ମକ ରହିବା ନିହାତି ଜରୁରୀ। ତେଣୁ ଖୁସିର ମାହୋଲ ଭିତରେ ରହିବା ସହ ଠିକ୍ ବାଟରେ ଜୀବନକୁ ଆଗେଇ ନେବା ପାଇଁ ଆମକୁ ନିଜ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ନେଇ ଚିନ୍ତିତ ହେଲେ ତାହା ବୋଝ ସଦୃଶ ହୋଇଥାଏ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ହେଲେ ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ନିଜର ଆଚାର, ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ। ଅନ୍ୟମାନଙ୍କ ସହ ଏପରି କଥା ହୁଅନ୍ତୁ ଯେମିତି ସେମାନେ ଆପଣଙ୍କୁ ପ୍ରଶଂସା କରିବେ। ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ସବୁ ନିଷ୍ପତ୍ତିକୁ ଠିକ୍ ଭାବେ ନେବାକୁ ସକ୍ଷମ ହୋଇଥାଏ। ଯେ କୌଣସି ଭୁଲ ପାଇଁ ନିଜକୁ ଦୋଷାରୋପ କରିବା ଅପେକ୍ଷା ସେହି ଦୋଷକୁ ସୁଧାରିବାକୁ ଚେଷ୍ଟା କରନ୍ତୁ।

# ମସ୍ତିଷ୍କ ବିକାଶରେ ସହାୟକ ହୋଇଥାଏ ହଳଦୀ



ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରିରହିଛି। ଏଥିରୁ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଖାଇଲେ ତାହା ମସ୍ତିଷ୍କ ବିକାଶରେ ସହାୟକ ହୋଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏଭଳି ବିଷୟକୁ ନେଇ ୱାଶିଂଟନ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ଗବେଷଣାରୁ ଏ କଥା ଜଣାପଡ଼ିଛି। ହଳଦୀରେ 'କୁର୍‌କୁମିନ୍' ନାମକ ତତ୍ତ୍ୱ ରହିଛି, ଯାହା ଆମ ଶରୀରରେ କୋଲାଜେନ୍ ନାମକ ଏକ ପ୍ରୋଟିନ ସୃଷ୍ଟି କରେ। ଏଥିଯୋଗୁ ଆମର ଅସ୍ଥି ଓ ମାଂସପେଶୀ ମଜଭୁତ ରହିଥାଏ। ଏହା ଶରୀରର ଥଣ୍ଡାକୁ କମାଇବାରେ ସାହାଯ୍ୟ କରିଥାଏ। ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହା ଦ୍ୱାରା ଆମେ ଏହି ରୋଗରୁ ଅନେକାଂଶରେ ରକ୍ଷା ପାଇଥାଉ। ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅନ୍ୟପକ୍ଷରେ ହଳଦୀ ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ହଳଦୀରେ ଥିବା କୁର୍‌କୁମିନ୍ ରକ୍ତ ଚାପକୁ କମାଇବା ସହ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରିଥାଏ। ଏହା ମଧ୍ୟ ସ୍ମରଣ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ହଳଦୀରେ ଆଣ୍ଟିଅକ୍ସିଡାଣ୍ଟ ପିଗ୍‌ମେଣ୍ଟ ରହିଛି, ଯାହା ଆମ ଚର୍ମ ଭିତରେ ଥିବା କୋଷଗୁଡ଼ିକୁ ଅତ୍ୟଧିକ ସୂର୍ଯ୍ୟକିରଣରୁ ରକ୍ଷା କରିଥାଏ।

# ଓଜନକୁ ପ୍ରଭାବିତ କରେ ମୃଦୁ ପାନୀୟ




ଆଜିକାଲି ମୃଦୁ ପାନୀୟର ଚାହିଦା କାହିଁରେ କେତେ। ବିଶେଷଭାବରେ ଯୁବପିଢ଼ିଙ୍କ ଦ୍ୱାରା ଏପରି ପାନୀୟ କେତେ ଆଦୃତ ତାହା କହିବା ଅନାବଶ୍ୟକ। ଏବେ ତ ବିବାହ, ଭୋଜି କିମ୍ବା କୌଣସି କାର୍ଯ୍ୟକ୍ରମରେ ମୃଦୁପାନୀୟ ପରିବେଷଣ ସାଧାରଣ କଥା ପାଲଟି ଗଲାଣି। ହେଲେ ଏହାକୁ ଯଦି ଜଣେ ନିୟମିତ ପିଅନ୍ତି ତେବେ ତାହା ପରବର୍ତ୍ତୀ ସମୟରେ ମେଦବହୁଳତା ପରି ସମସ୍ୟାର କାରଣ ସାଜିପାରେ ବୋଲି ୟୁନିଭର୍ସିଟି ଅଫ ଲଣ୍ଡନ ପୁଷ୍ଟିବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି। ନିୟମିତ ମୃଦୁପାନୀୟ ପିଉଥିବା କିଛି ବ୍ୟକ୍ତିଙ୍କର ଓଜନ ମାପି ତାହାକୁ ସାଧାରଣ ବ୍ୟକ୍ତିଙ୍କ ଓଜନ ସହ ତୁଳନା କରିବା ପରେ ସେମାନେ ଏକଥା ଜାଣିପାରିଥିଲେ। ବେଳେବେଳେ ମୃଦୁ ପାନୀୟରେ ମିଠାର ପରିମାଣ ଅଧିକ ହୋଇଗଲେ ଏହା ମସ୍ତିଷ୍କ ବୃଦ୍ଧିରେ ବାଧା ଉପୁଜାଏ। ରକ୍ତରେ ମଧ୍ୟ ଶର୍କରାର ମାତ୍ରା ଅଧିକ ହେଲେ, ଏହା ଶରୀରର ଓଜନ ବଢ଼ାଇବା ସହ ବିଭିନ୍ନ ରୋଗ ସୃଷ୍ଟି କରେ। ତେଣୁ ଏଥିପ୍ରତି ଆମେ ଯେତେ ସତର୍କ ହେବା ତାହା ଆମ ସ୍ୱାସ୍ଥ୍ୟ ପାଇଁ ସେତେ ଉପକାରୀ ସାବ୍ୟସ୍ତ ହେବ।

# ବିଳମ୍ବରେ ଉଠିବା ହୋଇପାରେ ଆଲଜିମର୍ସର କାରଣ



ଖାଦ୍ୟପେୟ ସହ ଆମକୁ ଆବଶ୍ୟକ ମୁତାବକ ବିଶ୍ରାମର ଆବଶ୍ୟକତା ରହିଛି। ତେଣୁ ଜଣେ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଦରକାର। ଏଥିରେ ଅନିୟମିତତା ଲାଗି ରହିଲେ ତାହା ନିଦ୍ରାଜନିତ ସମସ୍ୟା ସୃଷ୍ଟି କରିଥାଏ। ଏହାବ୍ୟତୀତ କେତେକ ବ୍ୟକ୍ତି ବିଳମ୍ବରେ ଶଯ୍ୟା ତ୍ୟାଗ କରିବାର ଅଭ୍ୟାସ ରହିଛି। ଏପରି ଅଭ୍ୟାସ ଦୀର୍ଘ ମାସ ଧରି ଲାଗି ରହିଲେ ତାହା ଆଲଜିମର୍ସ ରୋଗର କାରଣ ସାଜିପାରେ ବୋଲି ଜଣାପଡ଼ିଛି। ଏଭଳି ବିଷୟବସ୍ତୁ ଉପରେ ଜର୍ମାନୀର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଜଣେ ବ୍ୟକ୍ତି ଯଦି ସବୁବେଳେ ବିଳମ୍ବରେ ଉଠନ୍ତି ତେବେ ତାହାର ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ ଏବଂ ପରବର୍ତ୍ତୀ ସମୟରେ ପରୋକ୍ଷରେ ଆଲଜିମର୍ସର କାରଣ ସାଜିଥାଏ ବୋଲି ରିପୋର୍ଟରେ ଦର୍ଶାଯାଇଛି। ବିଳମ୍ବରେ ଉଠିଲେ ମସ୍ତିଷ୍କରେ 'ଆମଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧି ପାଇଥାଏ। ଏହାଦ୍ୱାରା ମସ୍ତିଷ୍କ ଏବଂ ଏହା ସହ ଯୋଡ଼ି ହୋଇ ରହିଥିବା ସ୍ନାୟୁଗୁଡ଼ିକ ଶରୀର ପାଇଁ ଆବଶ୍ୟକ ମାତ୍ରାର କାର୍ଯ୍ୟ କରିବା କ୍ଷମତା ବି ହରାଇ ବସନ୍ତି। ଏହା ସହ ସ୍ମରଣ ଶକ୍ତି ବି ଧୀରେ ଧୀରେ କମିଯିବାର ଯଥେଷ୍ଟ ଆଶଙ୍କା ରହିଛି।

# କିଡ୍‌ନୀ ସମସ୍ୟା ଥିଲେ...



ମନୁଷ୍ୟ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି କିଡ୍‌ନୀ। ଏହାର କାର୍ଯ୍ୟଧାରା ପ୍ରଭାବିତ ହେଲେ ତାହା ପରୋକ୍ଷରେ ଅନେକ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକି ଆଣିଥାଏ। କିଡ୍‌ନୀ କାର୍ଯ୍ୟରେ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବେଳେବେଳେ ବାନ୍ତି ହୁଏ। ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଇବା ଆବଶ୍ୟକ। କିଡ୍‌ନୀଜନିତ ସମସ୍ୟା ଦେଖାଗଲେ ଶରୀରରେ ୟୁରିକ୍ ଏସିଡ୍ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିରେ ପ୍ରୋଟିନ୍ ଅଧିକ ଥାଏ। ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରନ୍ତୁ। ଦୈନିକ ୫ଗ୍ରାମ୍ ଲୁଣ ମଧ୍ୟ ଖାଆନ୍ତୁ। ଯଦି ଧୂମପାନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ପରିତ୍ୟାଗ କରନ୍ତୁ, କାରଣ ଏହା ସ୍ୱାସ୍ଥ୍ୟ ତଥା କିଡ୍‌ନୀ ପାଇଁ ବେଶି କ୍ଷତିକାରକ। ଆପଣ ଯଦି କୌଣସି କିଡ୍‌ନୀଜନିତ ରୋଗର ଶିକାର ହୁଅନ୍ତି, ତେବେ ବିଳମ୍ବ ନକରି ଯେତେଶୀଘ୍ର ଅଭିଜ୍ଞ କିଡ୍‌ନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ସ୍ୱାସ୍ଥ୍ୟ ସୂଚନା

➢ଖାଇ ସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। କାରଣ ଏହା ଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଞ୍ଚାଳନ ଉପରେ ମଧ୍ୟ ପ୍ରଭାବ ପକାଇଥାଏ।

➢ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ପାଇଥାଏ।

➢ଦାନ୍ତକୁ ସଫା ରଖିବା ପାଇଁ ହେଲେ ପ୍ରତିଦିନ ସକାଳେ ଓ ରାତ୍ରି ଭୋଜନ ପରେ ଭଲରେ ବ୍ରସ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞ ସହ ପରାମର୍ଶ କରନ୍ତୁ।

➢ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ରକ୍ଷା କରିଥାଏ।

➢ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଆନ୍ତୁ।

➢ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖି ଖୁସିରେ ରହିବା ଭଲ। ଯାହା ସେମାନଙ୍କଠାରେ ସକାରାତ୍ମକ ଭାବନା ବଢ଼ାଇବାରେ ସାହାଯ୍ୟ କରିଥାଏ।



## ସଂକ୍ଷେପରେ

### ଗାଡ଼ି ଜବତ, ୨ ଗିରଫ

**କଣିହାଁ,୫।୬(ଡି.ଏନ୍.ଏ.):** ଚୋରା ବିଦ୍ୟୁତ୍ ଖୁଣ୍ଟ ପରିବହନ କରିଥିବା ଅଭିଯୋଗରେ କଣିହାଁ ବ୍ଲକ ରେଙ୍ଗାଳି ଥାନା ପୋଲିସ ଏକ ଗାଡ଼ି ଜବତ କରିବା ସହ ଏହାର ମାଲିକ ଓ ଚାଳକଙ୍କୁ ଗିରଫ କରିଛି। ପୋଲିସ କହିଛି, ଶୁଶୁବା ପଞ୍ଚାୟତ ଗେଙ୍ଗୁଟିଆଠାରେ ବିଦ୍ୟୁତ୍ ଉନ୍ନତୀକରଣ କାର୍ଯ୍ୟ କରୁଥିବା ଏକ ଠିକା ସଂସ୍ଥାର ୩ଟି ଇଲେକ୍ଟ୍ରି ଖୁଣ୍ଟ ଗତ ୧ ତାରିଖରେ ଚୋରି ହୋଇଥିଲା। ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ୯୮/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଚୋରି ବିଦ୍ୟୁତ୍ ଖୁଣ୍ଟ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଡି୧୯ଆର୍-୭୮୮୧)ରେ ପରିବହନ ହୋଇଥିବା ଜଣାପଡ଼ିବା ପରେ ଗାଡ଼ିକୁ ଜବତ କରାଯାଇଥିଲା। ଏଥିସହ ଏହାର ଚାଳକ ପୋଡ଼ାଗଡ଼ ଗ୍ରାମର ବିଷ୍ଣୁ ଦେହୁରୀ ଓ ମାଲିକ ଡେରେଙ୍ଗ ଗ୍ରାମର ସରୋଜ ସାହୁଙ୍କୁ ଗିରଫ କରାଯାଇଛି।

### ବିରୁ ଗ୍ରାମ ଉତ୍ସବମୁଖର



**କଣିହାଁ,୫।୬(ଡି.ଏନ୍.ଏ.):** କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶୀତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ ପାଳିତ ହୋଇଯାଇଛି। ବହୁ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିରୁ ଗ୍ରାମର ଉତ୍ସାହୀ ଯୁବକ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ତରଫରୁ ଉତ୍ସବ ପାଳନ କରାଯାଇଥିଲା। ଦେବଦମ୍ପତି ଶିବ ପାର୍ବତୀଙ୍କ ପ୍ରତିମାକୁ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରକୁ ଅଣାଯାଇଥିଲା। ଆଗାମୀ ଦିନରେ ଏହି ଉତ୍ସବକୁ ଧୁମ୍‌ଧାମରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ମନ୍ଦିର ପରିଚାଳନା କମିଟି ସଦସ୍ୟ ସଦାନନ୍ଦ ପ୍ରଧାନ, ବିଜୟ କୁମାର ମହାନ୍ତି, ଦେବାନନ୍ଦ ସାହୁ ସୂଚନା ଦେଇଛନ୍ତି।

### ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**କଣିହାଁ,୫।୬(ଡି.ଏନ୍.ଏ.):** ଅନୁଗୋଳ ଜିଲା ଏନ୍‌ଟିପିସି ଟାଉନ ଥାନା ପୋଲିସ ଲୁଟ ଓ ଆକ୍ରମଣ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ରବିବାର ସକାଳେ ରେଙ୍ଗାଳି ଥାନା ବଜ୍ରକୋଟ ଗ୍ରାମର ରଞ୍ଜନ ସାହୁ କାର୍ ସଜାଡ଼ିବାକୁ ଆସୁଥିବାବେଳେ ଭୀମକାଣ୍ଡଠାରେ ଆମ୍ବପାଳ ଗ୍ରାମର ସୁଶୀଲ ଦାସ ଓ ବିଜିଗୋଲ ଗ୍ରାମର ହାଡ଼ିବନ୍ଧୁ ବେହେରା ମୋଟରସାଇକେଲରେ ଆସି ରଞ୍ଜନଙ୍କୁ ଅଟକାଇଥିଲେ। ସେମାନେ ରଞ୍ଜନଙ୍କୁ ଏକ ଲୁହ ପାଇପରେ ଆକ୍ରମଣ କରି ଟଙ୍କା ମାଗିଥିଲେ। ପୋଲିସ କୌଣସି ସୂତ୍ରରୁ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ସୁଶୀଲ ଦାସଙ୍କୁ ଗିରଫ କରିଥିବା ବେଳେ ହାଡ଼ିବନ୍ଧୁ ବେହେରା ଫେରାର ହୋଇଯାଇଥିଲେ। ପୋଲିସ ରଞ୍ଜନଙ୍କ ଅଭିଯୋଗକୁ ଆଧାର କରି ନଂ. ୯୮/୨୦୨୨ରେ ମାମଲା ରୁଜୁ କରି ସୁଶୀଲ ଦାସଙ୍କୁ କୋର୍ଟ ଚାଲାଣ କରିଛି।

### ବଜ୍ରପାତରେ ଗାଈ, ବାଛୁରି ମୃତ

**ଛେଣ୍ଡିପଦା,୫।୬(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଡାହିବର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବଜ୍ରପାତ ହେବା ଫଳରେ ଗୋଟିଏ ଗାଈ ଓ ବାଛୁରିର ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ, ଡାହିବର ଗ୍ରାମର ସାରଙ୍ଗ ଭୂତିଆଙ୍କ ଗୁହାଳରେ ଗାଈ ଓ ବାଛୁରି ବନ୍ଧା ହୋଇଥିଲେ। ହଠାତ ରାତିରେ କାଳବୈଶାଖୀ ବେଳେ ବଜ୍ରପାତ ହୋଇଥିଲା। ସକାଳେ ସାରଙ୍ଗ ଗୁହାଳକୁ ଗଲାବେଳେ ତାଙ୍କର ଗୋଟିଏ ଗାଈ ଓ ବାଛୁରି ମରିପଡିଥିବା ଦେଖିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ସମ୍ପୂର୍ଣ୍ଣ ହେଉନି ପାଇପ୍ ସଂଯୋଗ

- ଆଠମଲ୍ଲିକ ଏନ୍‌ଏସିର ୨ ନମ୍ବର ୱାର୍ଡରେ ପାଣି ସମସ୍ୟା
- ୪ ବର୍ଷ ତଳୁ ବିଛାହେଉଛି ପାଇପ୍, ନିର୍ମାଣ ହେଉଛି ଷ୍ଟାଣ୍ଡପୋଷ୍ଟ
- ସମସ୍ୟା ସମାଧାନ ଦିଗରେ ଆଗ୍ରହ ଦେଖାଉନି ପ୍ରଶାସନ



**ବଇଣ୍ଡା,୫।୬(ଡି.ଏନ୍.ଏ.)**

୪ ବର୍ଷ ହେଲା ସାହିରେ ପାଇପ୍ ବିଛାଯିବା ସହ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି। ଏପରି କି ବହୁ ଘରକୁ ପାଇପ୍ ସଂଯୋଗ ଦିଆଯାଇଛି। ହେଲେ ପ୍ରଶାସନର ତଦାରଖ ଅଭାବରୁ କାମ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଫଳରେ ଦୀର୍ଘବର୍ଷ ହେଲା ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍‌ଏସିର ୨ ନମ୍ବର ୱାର୍ଡବାସୀ ପାଇପ୍ ପାଣିରୁ ବଞ୍ଚିତ ରହିଛନ୍ତି।

ଏହି ୱାର୍ଡରେ ଥିବା ହରିଡାନାଳି ଓ କାଠପେଣ୍ଠ ସାହିରେ ୨୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ପାନୀୟ ଜଳର ବ୍ୟବସ୍ଥା ପାଇଁ ଏଠାରେ ୬ଟି ନଳକୂଅ ଓ ଖୋଲା କୂଅ ରହିଛି। କିନ୍ତୁ ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଜଳସ୍ତର ହ୍ରାସ କାରଣରୁ ନଳକୂଅଗୁଡ଼ିକରୁ ଆବଶ୍ୟକ ମୁତାବକ ପାଣି ମିଳିପାରୁ ନାହିଁ। ରାଜ୍ୟ ସରକାର ପାଇପ୍ ପାଣି ଯୋଗାଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଏହି ୱାର୍ଡକୁ ପାଇପ୍ ସଂଯୋଗ କରିବାକୁ ୨୦୧୮ରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ବହୁ ସ୍ଥାନରେ ପାଇପ୍ ବିଛାଯାଇଥିବା ବେଳେ କେତେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଛି। ହେଲେ ୪ ବର୍ଷ ହେଲା କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଫଳରେ ନିକଟରେ ଥିବା ଅନ୍ୟ ୱାର୍ଡବାସୀ ପାଇପ୍ ପାଣିର ସୁବିଧା ପାଇପାରୁଥିବା ବେଳେ ୨ ନଂ. ୱାର୍ଡବାସୀ ନୂଳକୂଅ ଓ ଖୋଲା କୂଅ ଉପରେ ନିର୍ଭର କରୁଛନ୍ତି। ଏ ନେଇ ୱାର୍ଡବାସୀ ୧ ଫେବୃୟାରୀ ୨୦୨୧ ଓ ୫ ଏପ୍ରିଲ ୨୦୨୨ରେ ଆଠମଲ୍ଲିକ ଉପଜିଲାପାଳ, ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ହେଲେ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ସେପରି ଆଗ୍ରହ ପ୍ରକାଶ ପାଉ ନ ଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ୱାର୍ଡରେ ଥିବା ହରିଡାନାଳି ସାହି ଆଦିବାସୀ ବହୁଳ ଅଞ୍ଚଳ ହୋଇଥିଲେ ମଧ୍ୟ ପ୍ରଶାସନ ପାଇପ୍ ପାଣି ବ୍ୟବସ୍ଥା କରୁ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କାମ ସମ୍ପୂର୍ଣ୍ଣ ସହ ପାଣି ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

**ପିଇବା ପାଣି ପ୍ରତି ଗୁରୁତ୍ୱ ଦିଆଯାଉ**



"ଆଠମଲ୍ଲିକ ଏନ୍‌ଏସିର ୨ ନମ୍ବର ୱାର୍ଡରେ ଦୀର୍ଘଦିନ ହେବ ପାଣି ସମସ୍ୟା ଲାଗିରହିଛି। ହେଲେ ଉପଖଣ୍ଡ ପ୍ରଶାସନ କିମ୍ବା ଏନ୍‌ଏସି ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଫଳରେ ଲୋକେ ପାଇପ୍ ପାଣିରୁ ବଞ୍ଚିତ ହେଉଛନ୍ତି। ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଉ।

-ପରେଶ ଦେଓ, ଭାଜପା ନେତା

**ତୁରନ୍ତ ପଦକ୍ଷେପ ନିଆଯିବ**



"ହରିଡାନାଳି ଅଞ୍ଚଳରେ ସରକାରୀ ଜମି ଅଭାବରୁ ପାଇପ୍ ସମ୍ପୂର୍ଣ୍ଣ ବିଛା ହୋଇପାରୁନାହିଁ। କିଛି ଦିନ ତଳେ ସେଠାରେ ଏକ ନଳକୂଅ ଖୋଳାଯାଇଛି। ପାଣି ସମସ୍ୟା ସମ୍ପର୍କରେ ସେପରି ଅଭିଯୋଗ ନଜରକୁ ଆସିନାହିଁ। ତୁରନ୍ତ ପଦକ୍ଷେପ ନିଆଯିବ।

-କାଦମ୍ବିନୀ ଜେନା, ଏନ୍‌ଏସି ନିର୍ବାହୀ ଅଧିକାରୀ

**ନଳକୂଅ ପାଣି ପର୍ଯ୍ୟାପ୍ତ ହେଉନି**



"ଏନ୍‌ଏସି ପକ୍ଷରୁ ସବୁ ୱାର୍ଡକୁ ପାଣି ଯୋଗାଣ ପାଇଁ ଏକ ବଡ଼ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଇଛି। କିନ୍ତୁ ୨ନଂ. ୱାର୍ଡକୁ ଏଯାଏ ପାଇପ୍ ପାଣି ମିଳୁନାହିଁ। ନଳକୂଅ ପାଣି ପର୍ଯ୍ୟାପ୍ତ ହେଉ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ।

-ଶକୁନ୍ତଳା ମୁଣ୍ଡା, ୱାର୍ଡବାସୀ

**ଖୋଲା କୂଅ ଉପରେ ନିର୍ଭର କରୁଛୁ**



"ଘରକୁ ପାଣି ସଂଯୋଗ ପାଇଁ ୨୫୦୦ ଟଙ୍କା ଖର୍ଚ୍ଚ କରିଛୁ। ହେଲେ ପାଣି ମିଳୁନାହିଁ। ଖରାଦିନେ ପାଣି ପାଇଁ ବହୁ କଷ୍ଟ କରିବାକୁ ପଡୁଛି। ନଳକୂଅରୁ ପାଣି ନ ବାହାରିଲେ ଖୋଲା କୂଅ ଉପରେ ନିର୍ଭର କରିବାକୁ ପଡୁଛି। ଯଥାଶୀଘ୍ର ପାଇପ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ପାଣି ଯୋଗାଇ ଦିଆଯାଉ।

-ଅଜିତ ମୁଣ୍ଡା, ୱାର୍ଡବାସୀ

# ଚନ୍ଦ୍ରବିଲରେ କୃଷକ ସମାବେଶ

**କଣିହାଁ,୫।୬(ଡି.ଏନ୍.ଏ.)**

କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତର ଚନ୍ଦ୍ରବିଲଠାରେ ଭାଜପା ପକ୍ଷରୁ ଏକ ବିରାଟ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। କଣିହାଁ ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଭାଜପା ରାଜ୍ୟ ସମ୍ପାଦକ ତଥା ରାଜ୍ୟ କୃଷକ ମୋର୍ଚ୍ଚା ପ୍ରଭାରୀ କାଳନ୍ଦୀ ସାମଲ ଯୋଗଦେଇ ମୋଦି ସରକାରରେ କୃଷକମାନଙ୍କ ବହୁବିଧ ଉନ୍ନତି ହୋଇଥିବା ପ୍ରକାଶ କରିଥିଲେ। ଏଥିସହ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରେ ଅନୁଗୋଳ ଜିଲାର ସମସ୍ତ ପଞ୍ଚାୟତରେ ଅମୃତ ସରୋବର କରାଯାଉ ବୋଲି ଦାବି କରିଥିଲେ। ତାଳଚେରର ବିକାଶ ପାଇଁ କେନ୍ଦ୍ର ସରକାର ଭରପୂର ସହାୟତା ଦେଉଥିବା ବେଳେ ରାଜ୍ୟ ସରକାର ଏହି ବିକାଶ କାର୍ଯ୍ୟରେ ସହାୟକ ହୁଅନ୍ତୁ ବୋଲି ସାମଲ ପ୍ରକାଶ କରିଥିଲେ। ବରିଷ୍ଠ ନେତା ତଥା ଜିଲା ମିଡିଆସେଲ ଅଧ୍ୟକ୍ଷ ଓ କଣିହାଁ ମଣ୍ଡଳ ପ୍ରଭାରୀ ପର୍ଶୁରାମ ବାରିକ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନମଙ୍ଗଳକାରୀ ଯୋଜନାର ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଏହି ସମାବେଶରେ ଶତାଧିକ କୃଷକଙ୍କ ସମେତ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସୁଶାନ୍ତ ସାମଲ, ବରିଷ୍ଠ ନେତା ଲୋକନାଥ ସାହୁ, ଜିଲା କାର୍ଯ୍ୟ କାରିଣୀ ସଦସ୍ୟ ସଚ୍ଚିଦାନନ୍ଦ ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ କର୍ଣ୍ଣ ଭୂତିଆ, ସୁଲେନ୍ ଧର, ପୁଲିନ ବିହାରୀ ନାୟକ, ଯଶୋବନ୍ତ ଦାସ, ସହଦେବ ସାହୁ, ଅମୂଲ୍ୟ ପ୍ରଧାନ, କାଳନ୍ଦୀ ପ୍ରଧାନ, ନିରୋଜ ଦାସ, ପ୍ରଶାନ୍ତ ନନ୍ଦ, କୃଷ୍ଣଚନ୍ଦ୍ର ଦାସ, ସନ୍ତୋଷ ଭୂତିଆ, ଯୁଗଳ କିଶୋର ପ୍ରଧାନ, ଜରଡ଼ା ସମିତି ସଭ୍ୟଙ୍କ ପ୍ରତିନିଧି ରମେଶ ସାମଲ, ବିଏମ୍‌ଏସ୍ ନେତା ଅଭୟ ସାହୁଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।



କୃଷକ ସମାବେଶରେ ଭାଜପା ନେତା ଓ କୃଷକମାନେ।

# ନାଇଟ୍ କ୍ରିକେଟ: ତାଳମଳିହା ଚାମ୍ପିୟନ

**ବଇଣ୍ଡା,୫।୬(ଡି.ଏନ୍.ଏ.)**

ଆଠମଲ୍ଲିକ ବ୍ଲକ ତାଳମଳିହା ଗ୍ରାମ ଖେଳ ପଡିଆଠାରେ ଚାଲିଥିବା ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚରେ ସାନହୁଲାକୁ ହରାଇ ତାଳମଳିହା ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ତାଳମଳିହା ୧୫୨ ରନ ସଂଗ୍ରହ କରିଥିବାବେଳେ ସାନହୁଲା ୭୮ ରନ କରି ପରାଜିତ ହୋଇଥିଲା। ବିଜୟୀ ଦଳର ବାଦଲ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବାବେଳେ କାହ୍ନା ସେଠୀ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ଏହି ମ୍ୟାଚକୁ ଚନ୍ଦ୍ରମଣି ପ୍ରଧାନ, ଅନିଲ କୁମାର ସାହୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ତପନ କୁମାର ନାୟକ, ଅନ୍ୟତମ ଅତିଥି ଭାବେ ବିଜୟ କୁମାର ପ୍ରଧାନ, ଅଭିରାମ ନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ପିଣ୍ଟୁ ସାହୁ, ମାନସ ନାୟକ, ଅବଧୂତ ସେଠୀ, ଘାସିନାଥ ପ୍ରଧାନ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ତାଳମଳିହା ଦଳ।

# ଦଣ୍ଡ ନୃତ୍ୟରେ ଗୋପୀନାଥପୁର ବିଜୟୀ

**ବଣ୍ଡାରପାଳ,୫।୬(ଡି.ଏନ୍.ଏ.)**

ବଣ୍ଡାରପାଳ ବ୍ଲକ ରାଣୀଗୋଡାଠାରେ ନୀଳକଣ୍ଠେଶ୍ୱର ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ଉପଲକ୍ଷେ ଦଣ୍ଡନୃତ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଶନିବାର ପ୍ରଥମ ଦିନରେ ସାକୋସିଂହା ଓ ଗୋପୀନାଥପୁର ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ଦଳର କଳାକାରମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରକାଶ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିପିନି ପ୍ରଧାନ ଓ କୃଷ୍ଣ ବେହେରା ବିଚାରକ ଭବେ ଯୋଗଦେଇ କଳାକାରମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପ୍ରଥମ ଦିନରେ ଗୋପୀନାଥପୁର ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ରବିବାର କାଣ୍ଡସର ଓ ଭାଗବତପୁର ମଧ୍ୟରେ ପ୍ରତିଯୋଗିତା ହେବ।

# ସରକାରୀ ବିଜ୍ଞପ୍ତି ଦାବିରେ ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ତାଳଚେର,୫।୬(ଡି.ଏନ୍.ଏ.)**

ତାଳଚେର ମେଡିକାଲ କଲେଜ ସରକାରୀ ପରିଚାଳନା ନେଇ ବିଜ୍ଞପ୍ତି ପ୍ରକାଶ କରିବାରେ ସରକାରଙ୍କ ଟାଳଟୁଳ ନୀତି ପ୍ରତିବାଦରେ ରବିବାର ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବଡଯୋରଡା ଗ୍ରାମସ୍ଥିତ ହନୁମାନ ବାଟିକା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ବିଜ୍ଞପ୍ତି ପ୍ରକାଶ ନ ପାଇଲେ ଆସନ୍ତା ଜୁଲାଇ ୪ ତାରିଖଠାରୁ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ କରିବା ପାଇଁ କଳମଛୁଇଁ, କୁମୁଣ୍ଡା, ଗୋପାଳପ୍ରସାଦ, କର୍ଣ୍ଣପୁର, ଡଅଁରା, ବଡଯୋରଡା, ଗୋବରା ପଞ୍ଚାୟତର ଅନେକ ନେତୃବୃନ୍ଦଙ୍କୁ ନେଇ କମିଟିର ଆବାହକ ପଦ୍ମଚରଣ ସାମଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ଥିର କରାଯାଇଥିଲା। ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଆଗାମୀ ଦିନରେ ତାଳଚେର ବ୍ଲକର ସମସ୍ତ ପଞ୍ଚାୟତର ଜନସାଧାରଣଙ୍କୁ ଏକତ୍ରିତ କରି ଏଥିରେ ସାମିଲ୍ କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଧୂଳି ଧୂଆଁର ସହର ତାଳଚେର ପୌରାଞ୍ଚଳ ଓ ବ୍ଲକର ଅଧିବାସୀ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ପାଇପାରୁ ନାହାନ୍ତି। ମେଡିକାଲ କଲେଜ ସରକାରୀ ସ୍ତରରେ ପରିଚାଳନା ହେଲେ ଜିଲାବାସୀ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ। ଅବିଳମ୍ବେ ତାଳଚେର ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିବା ବଦଳରେ ଦିନକୁ ଦିନ ସରକାରଙ୍କ ବୈମାତୃକ ମନୋଭାବ ତାଳଚେରବାସୀଙ୍କୁ ହତୋତ୍ସାହ କରିଥିବା ବୈଠକରେ କୁହାଯାଇଥିଲା। ଏହି ବୈଠକରେ ବଡଯୋରଡା ସରପଞ୍ଚ ଜିତେନ ବେହେରା, ପୂର୍ବତନ ସରପଞ୍ଚ ବିଜୟ ବିଶ୍ୱାଳ ଓ ହିମାଂଶୁ ଶେଖର ସାହୁ, ସାର୍ତ୍ତୁକ ପ୍ରଧାନ, ତୀର୍ଥବାସୀ ସାହୁ, ଚିନ୍ତାମଣି ସାହୁ, ବିଦେଶୀ ଦେହୁରୀ, ସୁଦର୍ଶନ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡନାୟକ, ତାଳଚେର ଜନବିକାଶ କଲ୍ୟାଣ ସଂଘ ସଭାପତି ଭୂପେନ୍ ଅମ୍ବ, ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରହଲ୍ଲାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ସନ୍ନେର ବେହେରା, ସୁକାନ୍ତ ଦାଶ, ଅଭୟ ପାଣି, ଜିତେନ୍ଦ୍ର ମହାପାତ୍ର, ରାକେଶ ଦେହୁରୀ, ବଳରାମ ବେହେରା, ପ୍ରଶ୍ନ ପ୍ରଧାନ, ଦୁଷ୍ମନ୍ତ ସାହୁ, ସରୋଜ ରାଉତ, ଭଗବାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ତାଳଚେର ମେଡିକାଲ କଲେଜ ପ୍ରସଙ୍ଗ**

# ରଥରେ ବୁଲିଲେ ଦେବ ଦମ୍ପତି

**ଆଠମଲ୍ଲିକ,୫।୬(ଡି.ଏନ୍.ଏ.)**

କରୋନା କାରଣରୁ ଆଠମଲ୍ଲିକ ସହରସ୍ଥିତ ରାମେଶ୍ୱର ପାଟଣାର ରାମେଶ୍ୱର ମନ୍ଦିରରେ ଦୁଇବର୍ଷ ହେଲା ବନ୍ଦ ରହିଥିବା ଦେବ ବିବାହ କାର୍ଯ୍ୟକ୍ରମ ଚଳିତବର୍ଷ ଶୀତଳଷଷ୍ଠୀ ଅବସରରେ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ବରପିତା ଅନୁପ ବେହେରା, କନ୍ୟାପିତା ରୁଦ୍ର ପ୍ରସାଦ ମିଶ୍ର ବେଦିରେ ବସି ରୀତିନୀତି ଅନୁଯାୟୀ ଦେବ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବାବା ରାମେଶ୍ୱରଙ୍କୁ ବରପିତା ବେହେରା ସକାଳୁ ଘରକୁ ନେଇ ପୂଜାର୍ଚ୍ଚନା କରିବା ପରେ ମନ୍ଦିରକୁ ଆଣିଥିଲେ। ରାତିରେ ବିବାହ ସମ୍ପନ୍ନ ହେଲା ପରେ ବରଯାତ୍ରୀ ଓ କନ୍ୟା ଘରର ଲୋକେ ଭୋଜି ଖାଇ ଘରକୁ ଫେରିଥିଲେ। ପରଦିନ ସକାଳୁ ଏକ ସୁସଜିତ ରଥରେ ଦେବ ଦମ୍ପତିଙ୍କୁ ବସାଇ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଢୋଲ, ବାଣ ଓ ନାଚ ଗୀତରେ ସହର ଉତ୍ସବ ମୁଖର ହୋଇଯାଇଥିଲା। ପଣ୍ଡିତ ରାଧାମୋହନ ତ୍ରିପାଠୀ, ପଣ୍ଡିତ ଚିତ୍ତରଞ୍ଜନ ପାଣିଗ୍ରାହୀ, ପଣ୍ଡିତ ପ୍ରଫୁଲ୍ଲ ପାଣିଗ୍ରାହୀ ମିଳିତ ଭାବେ ପୂଜା ଦାୟିତ୍ୱ ତୁଲାଇଥିଲେ। ଶୀତଳ ଷଷ୍ଠୀ ପୂଜା କମିଟିର କୁଲୁ ପ୍ରଧାନ, ନିନ ରଣା, ଅମୀୟ ଦାସ, ତ୍ରିଯିବ ମିଶ୍ର, ପଞ୍ଚୁ ନାଏକ ଓ ଚାରିଘରିଆ ସାହି ଲକ୍ଷ୍ମୀପୂଜା କମିଟି ଓ ରାମେଶ୍ୱର ପାଟଣା ଯୁବକ ସଂଘ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଠାକୁରଙ୍କୁ ରଥରେ ସହର ପରିକ୍ରମା କରାଯାଉଛି।

# ନିଯୁକ୍ତି ଦାବିରେ ବିକ୍ଷୋଭ, ଦାବିପତ୍ର ପ୍ରଦାନ

**କଣିହାଁ,୫।୬(ଡି.ଏନ୍.ଏ.)**

କଣିହାଁ ବ୍ଲକ ଡେରେଙ୍ଗସ୍ଥିତ ଜେଆଇଟିପିଏଲ୍ କାରଖାନାରେ କ୍ଷତିଗ୍ରସ୍ତ ଯୁବତୀ ଯୁବକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ କ୍ଷତିଗ୍ରସ୍ତ ଯୁବ କମିଟି ପକ୍ଷରୁ ଶନିବାର ପୂର୍ବାହ୍ନରେ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କ୍ଷତିଗ୍ରସ୍ତମାନେ ଘଣ୍ଟିଆନାଳୀ ତାରିଣୀ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି କମ୍ପାନୀ ଗେଟ୍ ସମ୍ମୁଖରେ ପହଞ୍ଚିଥିଲେ। ଅବିଳମ୍ବେ ସ୍ଥାୟୀ ନିଯୁକ୍ତି ଦେବାକୁ ଏକ ଦାବିପତ୍ର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। କମିଟି ଆବାହକ ମଣ୍ଡଳୀ ସଦସ୍ୟ ରୋହିତ ନାଏକ, ବାବୁଲ ନାଏକ, ଟିକନ ପ୍ରଧାନ, ଲିଙ୍କନ ନାଏକ, ଜୟନ୍ତ ନାଏକ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। କମିଟିର ଅନ୍ୟତମ ଉପଦେଷ୍ଟା ତଥା ଅଲ ଇଣ୍ଡିଆ ଡିୱାଇଓ ଅନୁଗୋଳ ଜିଲା କମିଟି ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ଓ ଜିଲା ସଙ୍ଗଠକ କିଶୋର ବିଶ୍ୱାଳ ଏହି ଆନ୍ଦୋଳନରେ ଯୋଗଦେଇ କ୍ଷତିଗ୍ରସ୍ତ ଯୁବତୀଯୁବକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାୟୀ ନିଯୁକ୍ତି ଦେବାକୁ ଦୃଢ଼ ଦାବି କରିଥିଲେ।




କ୍ଷତିଗ୍ରସ୍ତ ଯୁବକମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# 'ତାପମାତ୍ରାକୁ ନେଇ ଜୀବଜଗତର ଚିନ୍ତା ବଢୁଛି'

**ବଇଣ୍ଡା,୫।୬(ଡି.ଏନ୍.ଏ.)**

ବୃକ୍ଷ ଛେଦନ ଯୋଗୁ ଜଳବାୟୁ ପରିବର୍ତ୍ତନ ଦେଖାଦେଉଛି। ଏପରିକି କିଛି ବର୍ଷ ହେବ ତାପମାତ୍ରରେ ବୃଦ୍ଧି ପରିଲକ୍ଷିତ ହେଉଥିବାରୁ ଏହାକୁ ନେଇ ଜୀବଜଗତର ଚିନ୍ତା ବଢ଼ିବାରେ ଲାଗିଛି ବୋଲି ରବିବାର କିଶୋରନଗର ବ୍ଲକ ଝରାବେରେଣୀ ହାଇସ୍କୁଲ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗଠନ କଳ୍ପତରୁ ଆନୁକୂଲ୍ୟରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସଙ୍ଗଠନ ସମ୍ପାଦକ କୀର୍ତ୍ତନ ବିହାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାମୁର ରେଞ୍ଜର ସରୋଜ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ପରିବେଶବିତ ସର୍ବେଶ୍ୱର ସାହୁ, ଅନ୍ୟତମ ଅତିଥି ଭାବେ ଡ. ଅଲେଖ ପ୍ରଧାନ, ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି, ଅଧ୍ୟାପକ ତରୁଣ କୁମାର ପ୍ରଧାନ, ସଭାପତି ସୁଧୀରଞ୍ଜନ ପ୍ରଧାନ ଯୋଗଦେଇ ବିଶ୍ୱ ପରିବେଶ ଦିବସ ଉପରେ ଅଞ୍ଚଳବାସୀଙ୍କୁ ସଚେତନ କରିଥିଲେ। ପ୍ରଧାନ ଶିକ୍ଷକ ରଣଜିତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଧାଂଶୁ ଶେଖର ରାଉଳ ଧନ୍ୟବାଦ ଦେଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଯୁକ୍ତ ୩ ଖୋଲପଦା ମହାବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରତିମା ବାଘଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ସରୋଜ ରଞ୍ଜନ ଦାସ, ତରୁଣ ପ୍ରଧାନ, କଲ୍ୟାଣୀ ରୂପା ମିଶ୍ର ପ୍ରମୁଖ ଯୋଗଦେଇ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ପାଇକସାହିଠାରେ ଧଣ୍ଡାତୋପା ବନ ବିଭାଗ ପକ୍ଷରୁ ପରିବେଶ ଦିବସ ପାଳିତ ହୋଇଯାଇଛି। ବନ ବିଭାଗ କର୍ମଚାରୀମାନେ ଯୋଗଦେଇ ଚାରା ରୋପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।



## ସଂକ୍ଷେପରେ

### ଜୁଆ ଆଡ୍ଡା ଉପରେ ଚଢ଼ାଉ, ୪ ଗିରଫ

**ଛେଣ୍ଡିପଦା,୫।୬(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପ ପଛ ପାଖ ଜଙ୍ଗଲରେ ଚଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିବା ସହିତ ୮ଟି ମୋଟରସାଇକେଲ ଓ ୭ ହଜାର ୫ଶହ ଟଙ୍କା ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅଞ୍ଚଳର ଭାସ୍କର ରାଉତ(୩୦), ଛେଣ୍ଡିପଦା ଥାନା ନୂଆପଡା ଅଞ୍ଚଳର ଅନିଲ ମହାପାତ୍ର(୩୧), ଛେଣ୍ଡିପଦା ଗ୍ରାମର ସୁବଳ ବେହେରା(୨୩) ଓ ରତିକାନ୍ତ ମାଝି (୨୩)। ପୋଲିସ କହିଛି, ନୂଆପଡା ଗ୍ରାମ ଜଙ୍ଗଲ ନିକଟ ଏକ ନିକାଞ୍ଚନ ସ୍ଥାନରେ ଜୁଆ ଖେଳ ଚାଲିଥିବା ଖବରପାଇ ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ନିର୍ଦ୍ଦେଶରେ ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାଶ ଓ କର୍ମଚାରୀମାନେ ଚଢାଉ କରିଥିଲେ। ପୋଲିସକୁ ଦେଖି କେତେଜଣ ଯୁବକ ଫେରାର ହୋଇଯାଇଥିବା ବେଳେ ଉପରୋକ୍ତ ୪ଜଣଙ୍କୁ ଗିରଫ କରାଯାଇଥିଲା। ନଂ. ୨୭୧/୨୨ରେ ଏକ ମାମଲା ରୁଜୁ କରାଯାଇ ଗିରଫ ବ୍ୟକ୍ତିମାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଚୋରି ଅଭିଯୁକ୍ତ କୋର୍ଟ ଚାଲାଣ

**ଅନୁଗୋଳ ଅଫିସ,୫।୬:** ଅନୁଗୋଳ ସହରରୁ ସାଇକେଲ ଚୋରି ଅଭିଯୋଗରେ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ରାଣୀଗୁଡାର ସୁଧୀର ବିଶ୍ୱାଳ(୨୫)। ପ୍ରକାଶ ଯେ, ଅଶୋକ କୁମାର ପ୍ରଧାନ ରବିବାର ସକାଳେ ପୁରୁଣା ସୂଚନାକେନ୍ଦ୍ର ଛକ ପୂର୍ବରୁ ଥିବା ତାଙ୍କ ସାଇକେଲ ଦୋକାନ ଖୋଲିଥିଲେ। ସାଇକେଲଗୁଡିକ ସେ ଦୋକାନରୁ ବାହାର କରି ସଜାଉଥିବା ସମୟରେ ସୁଧୀର ଏକ ସାଇକେଲ ଚୋରି କରି ଚମ୍ପଟ ମାରୁଥିଲେ। ଦୋକାନୀ ଜଣକ ପାଟି କରିବାରୁ ସ୍ଥାନୀୟ ଲୋକମାନେ ସୁଧୀରଙ୍କୁ କାବୁ କରିଥିଲେ। ଅଶୋକଙ୍କ ଅଭିଯୋଗକ୍ରମେ ପୋଲିସ ସୁଧୀରଙ୍କୁ ଗିରଫ କରିଛି।

# ଦୁର୍ଘଟଣାରେ ଜଣେ ମୃତ, ୪ ଘଣ୍ଟା ରାସ୍ତା ଅବରୋଧ

**ଅନୁଗୋଳ ଅଫିସ,୫।୬**

ଅନୁଗୋଳ ଜିଲା ମହୀଧରପୁର ଫାଣ୍ଡି ଫୁଲପଡା ପାୱାର ଗ୍ରୀଡ୍ କମାର ସାହି ନିକଟରେ ରବିବାର ସକାଳେ ଏକ ପରିବା ବୋଝେଇ ଟାଟା ଏସିଇ ଓ ବାଇକ୍ ମଧ୍ୟରେ ଧକ୍କା ଲାଗିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ୨ ଜଣ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ମହୀଧରପୁର-ଅନୁଗୋଳ ମୁଖ୍ୟ ରାସ୍ତାକୁ ୪ ଘଣ୍ଟା ଧରି ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, ତଳମୂଳ ଚନ୍ଦନପୁର ଗ୍ରାମର ରଞ୍ଜିତ ଦାସ (୩୮) ବାଇକ୍ (ନଂ. ଓଡି୧୯ଏଲ୍ -୨୧୬୦) ଯୋଗେ ଅନୁଗୋଳ ଯାଉଥିଲେ। ଏହି ସମୟରେ ଅନୁଗୋଳରୁ ଆଠଗଡ ଯାଉଥିବା ଏକ ଟାଟା ଏସିଇ (ନଂ. ଓଡି୦୫ପି-୮୫୯୬) ରଞ୍ଜିତଙ୍କ ସହ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରଞ୍ଜିତଙ୍କ ମୃତ୍ୟୁ ହୋଇଯାଇଥିଲା। ଟାଟା ଏସିଇ ଚାଳକ ଓ ସେଥିରେ ବସିଥିବା ଅନ୍ୟ ଜଣେ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଦୁହିଁଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ବିଦ୍ୟୁତ୍ ଯୋଗାଣ ଦାବିରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ୨୦ ହଜାର ଟଙ୍କା ପ୍ରଦାନ ସହ ବୀମା ଟଙ୍କା ମିଳିବ ବୋଲି କହିବା ପରେ ରାସ୍ତା ଅବରୋଧ ହଟିଥିଲା। ବଁଅରପାଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଫାଣ୍ଡି ପୋଲିସ ଜବତ କରିଛି।



ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ସମିତି ନିର୍ବାଚନ ନେଇ ରାଜନୀତି ସରଗରମ

## ୬୭ ଆଶାୟୀ ନେଇଛନ୍ତି ଫର୍ମ

**ବଅଁରପାଳ,୫।୬(ଡି.ଏନ.ଏ.)**

ବଅଁରପାଳ ବ୍ଲକ ନାଲ୍କୋ କର୍ମଚାରୀ ବହୁମୁଖୀ ସମବାୟ ସମିତ ଅଧୀନରେ ଥିବା ୧୫ଟି ଜୋନ୍‌ରେ ନିର୍ଦ୍ଦେଶକ ପଦବୀ ପାଇଁ ଆସନ୍ତା ୨୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନାଲ୍କୋ ଅଞ୍ଚଳରେ ରାଜନୀତି ସରଗରମ ହୋଇପଡିଛି। ଏହା ଏକ ଲାଭଦାୟକ ସଂସ୍ଥା ହୋଇଥିବାରୁ ନିର୍ଦ୍ଦେଶକ ପଦବୀ ହାତେଇବା ପାଇଁ ବହୁ ଆଶାୟୀ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଚାହିଁ ବସିଛନ୍ତି। ଏହି ୧୫ଟି ଜୋନ୍ ନିର୍ଦ୍ଦେଶକ ପଦବୀ ମଧ୍ୟରୁ ୨ଟି ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ୨ଟି ପଦବୀ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ, ୧ଟି ପଛୁଆ ବର୍ଗ, ୨ଟି ମହିଳା ଓ ୮ଟି ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଇତିମଧ୍ୟରେ ୬୭ ଜଣ ଆଶାୟୀ ସମିତିରୁ ଫର୍ମ ନେଇଛନ୍ତି। ସୋମବାର ଅପରାହ୍ଣ ୨ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ ହେବ। ନାମାଙ୍କନ ପ୍ରତ୍ୟାହାର ପାଇଁ ୧୨ ତାରିଖକୁ ଧାର୍ଯ୍ୟ କରାଯାଇଥିବା ବେଳେ ୨୬ ତାରିଖରେ ନାଲ୍କୋ ଏସ୍‌ଭିଏମ୍ ପ୍ରାଥମିକ-୧ରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ପାଇଁ ସରିତା ସେଠୀ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ସେହିପରି ସମିତି ସଭାପତି ପଦବୀ ହାତେଇବା ପାଇଁ କେତେଜଣ ଯୁବ ଶ୍ରମିକ ନେତା ଆଶାୟୀ ଅଛନ୍ତି।

# ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା

**ଅନୁଗୋଳ ଅଫିସ,୫।୬**

ଅନୁଗୋଳ ଜିଲାରେ ବାଲ୍ୟ ବିବାହ ତଥା କିଶୋରୀ ମାତୃତ୍ୱ ସ୍ଥିତିକୁ ଦୃଷ୍ଟିରେ ରଖି ଆକ୍ସନ ଏଡ୍, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ସମାଜ ମଙ୍ଗଳ ବିଭାଗ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଶନିବାର ଜିଲା କୋର୍ଟରୁମସ୍ଥିତ ସଭାଘରଠାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ୫୦ରୁ ଅଧିକ କିଶୋରୀ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କୁ ବାଲ୍ୟ ବିବାହର କାରଣ, କୁପରିଣାମ, ଆଇନଗତ ଦଣ୍ଡ ବ୍ୟବସ୍ଥା, ପ୍ରତିକାର ପାଇଁ ପଦକ୍ଷେପ ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅନୁଗୋଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଆକ୍ସନ ଏଡ୍ ଜିଲା ସଂଯୋଜକ ସନ୍ତୋଷ କୁମାର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବାରୁଆ, ଲିଗାଲ ଅଫିସର ପ୍ରଦୀପ ନାଏକ, ଚାଇଲ୍ଡ ଲାଇନ ଅନୁଗୋଳ କାର୍ଯ୍ୟକର୍ତ୍ତା, ବିଭିନ୍ନ ବ୍ଲକର ସିଡିପିଓ ଏବଂ ସୁପରଭାଇଜରମାନେ ଯୋଗଦେଇ କିଶୋରୀମାନଙ୍କୁ ସଚେତନ କରିଥିଲେ। ଏହାପରେ ଜିଲାସ୍ତରରେ କିଶୋରୀମାନଙ୍କ ବିଭିନ୍ନ ସମସ୍ୟାକୁ ଉପସ୍ଥାପନ କରି ସମାଧାନ ଦିଗରେ ଏକ ଜିଲାସ୍ତରୀୟ କିଶୋରୀ ଫୋରମ ଗଠନ କରାଯାଇଥିଲା। ଏଥିରେ ବାଲ୍ୟବିବାହ ଆଇନ-୨୦୦୬ ଓ ପୋକ୍‌ସୋ ଆଇନରେ ଥିବା ବିଭିନ୍ନ ଦିଗ ବିଷୟରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଲିଗାଲ ଅଫିସର ମୁକ୍ତ ଭାବେ କିଶୋରୀମାନଙ୍କ ସହ ଆଲୋଚନା କରିଥିଲେ। ବାଲ୍ୟ ବିବାହ ସମ୍ପର୍କିତ ସୂଚନା ଯଥେଷ୍ଟ ଆଗରୁ ମିଳିଲେ ବିବାହ ରୋକିବାରେ ଏହା ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା। କିଶୋରୀମାନେ ନିଜ ନିଜ ଅଞ୍ଚଳର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ପ୍ରତି ଶନିବାରରେ ହେଉଥିବା ଆଦ୍ରିକା କାର୍ଯ୍ୟକ୍ରମକୁ ନିୟମିତ କରାଇ ସେମାନଙ୍କ ଅଧିକାର ବିଷୟରେ ସଚେତନ କରାଇବା ତଥା ମହିଳା ସ୍ୱୟଂ ସହାୟକ ଦଳଗୁଡ଼ିକ ମାଧମରେ ମା'ମାନଙ୍କୁ ବାଲ୍ୟ ବିବାହର କୁପରିଣାମ ବିଷୟରେ ସଚେତନ କରାଇଲେ ଗ୍ରାମାଞ୍ଚଳରେ ବାଲ୍ୟ ବିବାହକୁ ରୋକାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା।



ବୈଠକରେ ପ୍ରଶାସନିକ ଅଧିକାରୀମାନଙ୍କ ସହ ଅନ୍ୟମାନେ।


## GOVERNMENT OF ODISHA
## FOOD SUPPLIES & CONSUMER WELFARE DEPARTMENT
### REQUEST FOR PROPOSAL (RFP)

**for Selection of agency for 'Operation & Maintenance and Other Services of e-PoS Devices installed at Fair Price Shops in all 30 Districts of Odisha State'**

**Advt.No.8024/FSCW/Date:03.06.2022**

**No.H-58:**Request for Proposals are invited from interested bidders being registered under Indian Companies Act-1956/2013 (i.e. in operation since last 5 years as on date of submission of bid), having valid registration certificates and eligibility as per the criteria in the RFP published in the official website http://www.foododisha.in, for selection of agency for 'Operation & Maintenance and Other Services of e-PoS Devices installed at Fair Price Shops in all 30 Districts of Odisha State'.

The details of timeline of the RFP are as under:

| | |
|---|---|
| Last date (deadline) for submission of bids | Date 24/06/2022 |
| Opening of Technical-cum-Pre Qualification Bid & Technical Bid Presentation by the Bidders | Date **27/06/2022 at 1600 Hours** at Conference Hall of OSCSC Ltd. |
| Time and Date of opening of Financial proposals (Tentative). | Date **30/06/2022 at 1600 Hours** at Conference Hall of OSCSC Ltd. Communication (i.e. for change in date schedule if any) shall be issued by mail to those bidders who qualify in the Technical bid process. |

The proposals shall be submitted through Speed Post/Registered Post only addressed to 'Additional Secretary to Government (NFSA), Food Supplies & Consumer Welfare Department, Lokaseva Bhawan, Odisha Secretariat, Sachivalaya Marg, Bhubaneswar-751001, Odisha'. The authority reserves the right to cancel any or the entire selection process without assigning any reason thereof.

**Sd./- Additional Secretary to Govt.**
**OIPR-07001/11/0004/2223**

See Career Appointment on every Wednesday & Saturday

## DIRECTORATE OF MEDICAL EDUCATION & TRAINING, ODISHA
### NOTICE FOR ADMISSION TO BASIC BSC NURSING COURSE

**No 6587//** **Dt 03.06.2022**

**No.E-193:**It is for the information of all concerned that the admission to the Basic B.Sc Nursing course shall be done through a common entrance test as per the syllabus of Indian Nursing Council, New Delhi. It is also stipulated that the NEET(UG) entrance test shall be used for such selection of candidates.

It is hereby informed that, from the academic session 2023-24, the admission to Basic B.Sc Nursing course in all Nursing institutions in this state shall be through the NEET(UG).

Hence all the candidates desirous of taking admission in Basic B.Sc Nursing course shall participate in NEET(UG) Examination conducted by National Testing Agency(NTA). No candidates will be admitted to Basic B.Sc Nursing course without qualifying the NEET(UG) from the academic session 2023-24. The candidates are requested to check the website https://nta.ac.in time to time.

**Sd./- Convener**
**State Nursing Selection Committee, Odisha**
**OIPR-10016/11/0008/2223**

## OFFICE OF THE DISTRICT JUDGE, SONEPUR
**AT/P.O.-SONEPUR, DIST. SUBARNAPUR, ODISHA-767017**
**e-Mail ID: dj.sonepur-od@gov.in**

### CORRIGENDUM TO INVITATION FOR BIDS
### DETAILED CORRIGENDUM NO. 01 DATED 04.06.2022
**Reference to RFP Identification No. 01 (RFP) OF 2022-23 Dated 27.05.2022**

The dates of bidding as given in the bidding document are modified and accordingly the critical date sheet as given in RFP document is modified and be read as follows:

**Critical Date Sheet:**

| Sl. No. | | Earlier Date as per RFP No.01 of 2022-23 | Revised Date |
|---|---|---|---|
| 1. | RFP Issue Date | 27.05.2022 (17.00 Hours) | 27.05.2022 (17.00 Hours) |
| 2. | Last Date and Time for Submission of Pre-Bid queries through e-Mail | 03.06.2022 (17.00 Hours) | 03.06.2022 (17.00 Hours) |
| 3. | Pre-Bid Meeting Date and Time | 06.06.2022 (10.00 Hours) | 06.06.2022 (10.00 Hours) |
| 4. | Upload of Pre-Bid Clarification Date and Time | 13.06.2022 (17.00 Hours) | 06.06.2022 (17.00 Hours) |
| 5. | Bid Due Date and Time | 27.06.2022 (17.00 Hours) | 08.06.2022 (17.00 Hours) |
| 6. | Technical Bid Opening Date and Time | 28.06.2022 (16.00 Hours) | 09.06.2022 (10.00 Hours) |
| 7. | Financial Bid Opening Date and Time | 04.07.2022 (16.00 Hours) | 09.06.2022 (14.00 Hours) |

The modified dates in the revised critical date sheet be read as corrected dates as above where ever appear. For further details please visit to Our website https://districts.ecourts.gov.in/india/odisha/subarnapur/tender.

**Sd./- District Judge, Sonepur (I/c)**


# ଯୋଜନାର ସୁଫଳ ନେବାକୁ ଆହ୍ୱାନ

**ଅନୁଗୋଳ ଅଫିସ,୫।୬**

ଅନୁଗୋଳ ବ୍ଲକ ବନ୍ତଲା ୪ ନମ୍ବର ଜୋନ୍ ତଳଗଡଠାରେ ରବିବାର ଅନୁଗୋଳ ଭାଜପା ତରଫରୁ କୃଷକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ପଞ୍ଚାୟତର ବହୁ କୃଷକ ଯୋଗଦେଇଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି କୃଷକମାନଙ୍କୁ ଏହି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇବା ସହ ଯୋଜନାର ସୁଫଳ ନେବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅମୀୟ ପ୍ରଧାନ, ଜଗନ୍ନାଥ ଗଡନାୟକ ସିଂହ, ସରୋଜ ଗଡନାୟକ, ହରେକୃଷ୍ଣ ପ୍ରଧାନ, ପପୁ ଦାସ, ଯଶୋବନ୍ତୀ ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ସଞ୍ଜୁକ୍ତା ପ୍ରଧାନ ଓ ଶୈଳବାଳା ପ୍ରଧାନଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ

### ଭାରତର କ୍ଷମା...

ସାଧାରଣରେ କ୍ଷମା ମାଗନ୍ତୁ ବୋଲି କାତାର ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସୁଲ୍‌ତାନ୍ ବିନ୍ ସାଦ୍ ଅଲ୍-ମୁରାଇଖି ଦାବି କରିଛନ୍ତି। ଚାରିଆଡୁ ସମାଲୋଚିତ ଓ ନିନ୍ଦିତ ହେବା ପରେ କେନ୍ଦ୍ରର ଭାଜପା ସରକାରଙ୍କ ମୁଣ୍ଡବ୍ୟଥା ବଢ଼ିଛି।

ଜ୍ଞାନବ୍ୟାପି ମସ୍‌ଜିଦ ବିବାଦ ଘନେଇବାରେ ଲାଗିଥିବାବେଳେ ମେ ୨୬ରେ ଏକ ଟିଭି ବିତର୍କ କାର୍ଯ୍ୟକ୍ରମରେ ଭାଗନେଇ ନୁପୂର ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ମୁସଲମାନ ଧର୍ମଗ୍ରନ୍ଥ କୋରାନର କେତେକ ଉକ୍ତିକୁ ନେଇ ଲୋକେ ଉପହାସ କରିପାରନ୍ତି ବୋଲି ସେ କହିଥିଲେ। ଏହାକୁ ନେଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତାଙ୍କ ମନ୍ତବ୍ୟକୁ ବିରୋଧ କରି ଉତ୍ତରପ୍ରଦେଶର କାନପୁରରେ ଏକ ମୁସଲମାନ ସଂଗଠନ ଶୁକ୍ରବାର ପରେଡ୍ ମାର୍କେଟ ବନ୍ଦ ଡାକରା ଦେଇଥିଲା। ଏହାକୁ ନେଇ ପରେଡ୍ ଚୌକରେ ଉତ୍ତେଜନା ପ୍ରକାଶ ପାଇ ଗୋଷ୍ଠୀସଂଘର୍ଷ ହୋଇଥିଲା। ଢେଲାମାଡ଼ରେ ୧୩ ପୋଲିସ କର୍ମଚାରୀ ଏବଂ ଦୁଇ ଗୋଷ୍ଠୀର ୩୦ ଜଣ ଆହତ ହୋଇଥିଲେ। ଘଟଣାରେ ପୋଲିସ ୧୫ଶହରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା ରୁଜୁ ସହ ମୁଖ୍ୟ ଅଭିଯୁକ୍ତ ତଥା ମୌଲାନା ମହମ୍ମଦ ଅଲ୍ଲୀ (ଏମ୍‌ଏମ୍‌ଏ) ଜୌହର ଫ୍ୟାନ୍ସ ଆସୋସିଏଶନର ଅଧ୍ୟକ୍ଷ ହୟାତ୍ ଜାଫର ହାସ୍‌ମୀଙ୍କ ସମେତ ୨୯ ଜଣଙ୍କୁ ଗିରଫ କରିଛି।

ଆରବୀୟ ଦେଶଗୁଡ଼ିକରେ ନୁପୂର ଓ ନବୀନ ଜିନ୍ଦଲଙ୍କ ମନ୍ତବ୍ୟକୁ ଘୋର ବିରୋଧ କରାଯାଇଛି। ଭାରତୀୟ ସାମଗ୍ରୀଗୁଡ଼ିକୁ ବର୍ଜନ କରିବା ପାଇଁ ସେଠାକାର ସାଧାରଣ ନାଗରିକ ଆହ୍ୱାନ ଦେଇଛନ୍ତି। ସେହିପରି ଓମାନର ଗ୍ରାଣ୍ଡ୍ ମୁଫ୍‌ତି ତଥା ଇସ୍‌ଲାମ ଧର୍ମର କ୍ଷେତ୍ରୀୟ ମୁଖ୍ୟ ଶେଖ୍ ଅଲ୍ ଖଲିଲି ମଧ୍ୟ ଏକ ଟୁଇଟ୍ କରିଛନ୍ତି। ଏଥିରେ ସେ ଭାରତରୁ ସାମଗ୍ରୀ ଆମଦାନୀ ବନ୍ଦ କରିବା ପାଇଁ ସରକାରଙ୍କୁ ଆହ୍ୱାନ ଦେଇ ବଏକଟ୍ ହାଶ୍‌ଟ୍ୟାଗ୍ ବ୍ୟବହାର କରିଛନ୍ତି। ଇତିମଧ୍ୟରେ ଭାରତୀୟ ଦୂତାବାସ କାତାର ସରକାରଙ୍କ ସମନର ଉତ୍ତର ରଖିଛି। ଟୁଇଟ୍ କିମ୍ବା ଧର୍ମୀୟ ପ୍ରସଙ୍ଗରେ କୌଣସି ମନ୍ତବ୍ୟ ଭାରତ ସରକାରଙ୍କ ମତ ଓ ବିଚାରଧାରାକୁ ପ୍ରତିଫଳିତ କରେନାହିଁ ବୋଲି ଭାରତୀୟ ଦୂତାବାସ ଏକ ବିବୃତିରେ କହିଛି। ଅନ୍ୟପକ୍ଷରେ ମୁମ୍ବାଇ, ହାଇଦ୍ରାବାଦ, ପୁଣେ ଆଦି ବିଭିନ୍ନ ଥାନାରେ ଧର୍ମୀୟ ଭାବାବେଗକୁ କୁଠାରଘାତ କରିବା ଭଳି ମନ୍ତବ୍ୟ ପାଇଁ ନୁପୂରଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ ହୋଇଛି। ନୂପୁର ରବିବାର ଟୁଇଟରରେ ସଫେଇ ଦେଇଛନ୍ତ ଯେ, ସେ କିଛିଦିନ ହେଲା ଟିଭି ବିତର୍କରେ ଭାଗ ନେଉଥିବାବେଳେ ବାରମ୍ବାର ମହାଦେବଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ରଖାଯାଉଥିଲା। ଶିବଲିଙ୍ଗକୁ 'ଫାଉଣ୍ଟେନ' ବୋଲି କୁହାଯାଇଥିଲା। ଏହାର ପ୍ରତିକ୍ରିୟାରେ ସେ ଏଭଳି ମନ୍ତବ୍ୟ ଦେଇଥିଲେ। କିନ୍ତୁ କାହାର ଧର୍ମୀୟ ଭାବନାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ଯଦି ତାଙ୍କ କଥା କାହାକୁ ଆଘାତ ଦେଇଛି ତେବେ ସେ ନିଃସର୍ତ୍ତରେ ନିଜ ମନ୍ତବ୍ୟକୁ ଫେରାଇନେଉଥିବା ଟୁଇଟ୍ କରିଛନ୍ତି। ସେହିପରି ନୂପୁରଙ୍କ ବୟାନ ଦଳର ଆଭିମୁଖ୍ୟ ଓ ଆଦର୍ଶ ବିରୋଧୀ ହୋଇଥିବାରୁ ତାଙ୍କ ଉପରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଭାଜପା କେନ୍ଦ୍ରୀୟ ଅନୁଶାସନ କମିଟି ସଚିବ ଓମ୍ ପାଠକ କହିଛନ୍ତି। ଏପରି ଚିନ୍ତାଧାରା କିମ୍ବା ବ୍ୟକ୍ତିଙ୍କୁ ଭାଜପା ପ୍ରୋତ୍ସାହନ ଦିଏ ନାହିଁ ବୋଲି ଦଳର ସାଧାରଣ ସମ୍ପାଦକ ଅରୁଣ ସିଂ କହିଛନ୍ତି।

### ନାଡାଲଙ୍କୁ...

ଫାଇନାଲରେ ଜୋକୋଭିଚ୍‌ଙ୍କୁ ହରାଇ ସମସ୍ତ ଆକଳନକୁଭୁଲ୍‌ପ୍ରମାଣିତକରିଥିଲେ। ଆଲ୍‌କାରାଜ କ୍ୱାର୍ଟର ଫାଇନାଲରେ ଆଲେକ୍‌ଜାଣ୍ଡର ଜେଭରେଭଙ୍କଠାରୁ ହାରିଯାଇଥିବାରୁ ନାଡାଲଙ୍କୁ ଭେଟିବା ସୁଯୋଗ ପାଇ ନ ଥିଲେ। ପୂର୍ବରୁ ନାଡାଲ ୨୦୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦, ୨୦୧୧, ୨୦୧୨, ୨୦୧୩, ୨୦୧୪, ୨୦୧୭, ୨୦୧୮, ୨୦୧୯ ଓ ୨୦୨୦ରେ ଫ୍ରେଞ୍ଚ୍ ଓପନ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ୩୬ ବର୍ଷୀୟ ନାଡାଲ ସବୁଠାରୁ ବୟସ୍କ ଖେଳାଳି ଭାବେ ଫ୍ରେଞ୍ଚ୍ ଓପନ ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ଆନ୍ଦ୍ରେସ ଜିମେନୋ ବୟସ୍କ ଖେଳାଳି ଭାବେ ଫ୍ରେଞ୍ଚ୍ ଓପନ ଜିତିବାର ରେକର୍ଡ ରଖିଥିଲେ। ସେ ୩୪ ବର୍ଷ ୧୦ ମାସର ହୋଇଥିବାବେଳେ ରୋଲାଣ୍ଡ ଗାରୋସରେ ଟାଇଟଲ ଜିତିଥିଲେ।


## OFFICE OF THE EXECUTIVE ENGINEER
## MEGALIFT PROJECTS DIVISION, TITILAGARH
**At/ PO.-Bhatipada, Dist: Balangir-767042, E-Mail ID: eemegalifttig@gmail.com**

### Quotation Call Notice No.:- 03/2022-23. Dt.03.06.2022

**No.A-298:**Sealed Quotation in plain papers are Invited by the Executive Engineer, Megalift Project Division, Titilagarh on behalf of the Governor of Odisha from the registered Firms/ Authorized Dealers/ Distributor/ Manufactures having valid GSTIN Certificate, PAN Card, Service Tax registration for the following work as detailed in the table so as to reach the office of the undersigned on or before dt.10.06.2022 up to 1.30 P.M. (on all working days). The quotation will be opened on the same day i.e. on Dt.10.06.2022 at 3.00 P.M. in presence of the quotationers or their authorized representative of they so desired in the office of the undersigned. If the office happens to be closed on the scheduled date of opening, then the quotation will be opened on the next working day at the same time and venue. The undersigned reserves the right to reject any or all quotations without assigning any reason thereof.

**Name of Work.- "Procurement of Office Furniture for office of the Executive Engineer, Megalift Projects Division, Titilagarh.**

| SL. No. | Particulars of Items | Unit | Quantity (Nos.) | Quoted Rate of Items Including all taxes (In Rs.) | |
|---|---|---|---|---|---|
| | | | | Figure | Words |
| 1 | Executive Table | Nos | 1 | | |
| 2 | Revolving Chair | Nos | 1 | | |
| 3 | Visitor Chair | Nos | 8 | | |
| 4 | Almirah-Godrej | Nos | 1 | | |
| 5 | Side Table | Nos | 1 | | |
| 6 | Computer Table | Nos | 1 | | |
| | | | Total | | |

**Terms &Conditions:-**
1.Period of delivery/ work:- Within 07 (Seven) days.
2.Place of Delivery:- O/o Executive Engineer, Megalift Project Division, Titilagarh.
3.Payment will be made after completion of delivery/ work, submission of bill in duplicate and after verification thereof.
4.GSTIN, PAN Card etc. should be attached with quotations. 5.Taxes as admissible will be deducted from the bill.

**Sd./- Executive Engineer, Megalift Project Division, Titilagarh**

## OFFICE OF THE EXECUTIVE ENGINEER
## MEGALIFT PROJECTS DIVISION, TITILAGARH
**At/ PO.-Bhatipada, Dist: Balangir-767042, E-Mail ID: eemegalifttig@gmail.com**

### Quotation Call Notice No.;-02/2022-23. Dt.03.06.2022

Sealed Quotation in plain papers are invited by the Executive Engineer, Megalift Project Division, Tililagarh on behalf of the Governor of Odisha from the registered Firms/ Authorized Dealers/ Distributor/ Manufactures having valid GSTIN Certificate, PAN Card, Service Tax registration for the following work as detailed in the table so as to reach the office of the undersigned on or before dt.10.06.2022 up to 1.30 P.M. (on all working days). The quotation will be opened on the same day i.e. on dt.10.06.2022 at 3.00 P.M. in presence of the quotationers or their authorized representative of they so desired in office of the undersigned. If the office happens to be closed on the scheduled date of opening, then the quotation will be opened on the next working day at the same time & venue.

The undersigned reserves the right to reject any or all quotations without assigning any reason thereof.

**Name of Work:- "Procurement & Installation of Air conditioner, Inverter, Fan & other electrical items for office of the Executive Engineer, Megalift Projects Division, Titilagarh"**

| SL. No. | Particulars of Items | Unit | Quantity (Nos.) | Quoted Rate of Items Including all taxes (In Rs.) | |
|---|---|---|---|---|---|
| | | | | Figure | Words |
| 1 | LG Inverter AC 1.5 Ton | Nos | 02 | | |
| 2 | V-Guard Stabilizer | Nos | 02 | | |
| 3 | UPS-Microtek 1225 | Nos | 01 | | |
| 4 | Exide Battery 150AH | Nos | 01 | | |
| 5 | Bajaj 400mm Wall Fan | Nos | 05 | | |
| 6 | Symphony Air Cooler | Nos | 02 | | |
| 7 | AC Fittings Labour | I.S | 02 | | |
| Grand Total | | | | | |

**Terms & Conditions:-**
1. Period of delivery/ work:- Within 07 [Seven] days.
2. Place of Delivery:-O/o. Executive Engineer, Megalift Project Division, Titilagarh.
3. Payment will he made after completion of delivery/ work, submission of bill in duplicate and after verification thereof.
4. GSTIN, PAN Card etc. should be attached with quotations.
5. Taxes as admissible will be deducted from the bill.

**Sd./- Executive Engineer, Megalift Project Division, Titilagarh**
**OIPR-32301/11/0007/2223**

## OFFICE OF THE PRINCIPAL
## UTKAL SANGEET MAHAVIDYALAYA
**Lok Seva Marg, Unit-IV, Bhubaneswar-751001**
**Email ID: principalusm@gmail.com. Website:www.usmbbsr.in**
**Phone-0674-2503956**

**No.-1097/USM.,** **Dated.04/06/2022**

### ADVERTISEMENT FOR EMPANELMENT OF GUEST FACULTIES. 2022-23

**No.RR-7:**Applications are invited from the eligible fresh candidates **for Empanelment of the Guest Faculties (Guest Lecturers & Guest Asst. Lecturers),2022-23** in respect of the existing following vacant posts of Utkal Sangeet Mahavidyalaya, Bhubaneswar, functioning under the Odia Language, Literature & Culture Deptt., Govt. of Odisha. The Interviews will be conducted by abiding all the protocols of COVID-19, issued by the Government at present.

**Guest Lecturer Posts :-**
(1) Odissi Vocal-01 (2)Hindustani Vocal-01,(3) Chhow Dance-01, (4) Drama (Stage Craft)-01, (5) Drama(Direction)-01,(6) English-01,(7) M.I.L(Odia)-01 & (8) M.I.L(Sanskrit)-01

**Guest Asst. Lecturer Posts :-**
(1) Odissi Vocal-01, (2) Odissi Pakhwaj-01 & (3) Tabla-03

**Qualification:-**
**Guest Lecturer :-** Master's Degree(M.Mus./ M.P.A / M.A) in the relevant discipline/subject with secured of at least 55% of marks in the aggregate, from the recognised University/Educational Institution.
**Guest Asst. Lecturer:** Bachelor's Degree (B.Mus./B.P.A) in the relevant discipline/subject from the recognised University/ Educational Institution.

Interested candidates are advised to see the notice from the Mahavidyalaya's Office Notice Board or may visit the Mahavidyalaya's Official Website i.e. **www.usmbbsr.in** for more details and shall submit by hand or send through speed post in the plain application along with requisite documents latest by **Dt.18/06/2022(4.30 P.M.)** positively to the Office of the Principal, Utkal Sangeet Mahavidyalaya, Lok Seva Marg, Unit-IV, Bhubaneswar-751001. The application received after due date shall not be taken into consideration.

The remuneration shall be paid to the Guest Faculties as per the approved rates in the Government in Odia Language, Literature & Culture Deptt.,Odisha(Rs.500/- per class & Rs.400/- per class for Guest Lecturer and Guest Asst. Lecturer respectively with a maximum monthly consolidated remuneration of Rs.20,000/- & Rs.16,000/- per month respectively).

The undersigned has reserved every right to reject any or all applications without assigning any reason thereof. The selection of the Screening Committee is final.

**Sd./- (Dr. Bijaya Kumar Jena)**
**Principal**
**Utkal Sangeet Mahavidyalaya, Bhubaneswar**
**OIPR-03011/11/0009/2223**

## ଆଜିଠାରୁ ନୂଆ ଦର ଲାଗୁ

**ଭୁବନେଶ୍ୱର:** ଉତ୍କଳ ମିଷ୍ଟାନ୍ନ ବ୍ୟବସାୟୀ ସମିତି ପକ୍ଷରୁ ନିକଟରେ ସ୍ଥାନୀୟ ଏକ ହୋଟେଲ ପରିସରରେ ସମିତିର ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ବିମ୍ବାଧର ବେହେରା, ରାଜ୍ୟ ଆବାହକ ପ୍ରଶାନ୍ତ କୁମାର କର, ଖୋର୍ଦ୍ଧା ଜିଲା ସଭାପତି ଶିଶିର କୁମାର ମିଶ୍ର, ପ୍ରମୋଦ କୁମାର ପୃଷ୍ଟି ଏବଂ କ୍ରିଷ୍ଣା ଭାଇଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ମିଷ୍ଟାନ ବ୍ୟବସାୟୀ ସଦସ୍ୟ ଯୋଗ ଦେଇଥିଲେ। ଉକ୍ତ ବୈଠକର ନିଷ୍ପତ୍ତି ଅନୁସାରେ ରାଜ୍ୟର ସମସ୍ତ ମିଷ୍ଟାନ ବ୍ୟବସାୟୀ ୬ ଜୁନ୍‌ଠାରୁ ନୂତନ ଦର ଲାଗୁ କରିବାକୁ ସଂଘ ପକ୍ଷରୁ କୁହାଯାଇଛି। ଯେହେତୁ ସରକାର ଦୁଗ୍ଧ କ୍ରୟର ଦାମ୍ ଲିଟର ପିଛା ୨ଟଙ୍କା ବୃଦ୍ଧି କରିଛନ୍ତି, ଏହାକୁ ନଜରରେ ରଖି ଛେନା କିଲୋ ପ୍ରତି ୧୦ଟଙ୍କା ଏବଂ ପନିର କିଲୋ ପ୍ରତି ୧୫ ଟଙ୍କା ବୃଦ୍ଧି କରାଯାଇଛି।

# ଏଚ୍‌ଡିଏଫ୍‌ସିର ପରିବର୍ତ୍ତନ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୫।୬**

ସାରା ବିଶ୍ୱ ବର୍ତ୍ତମାନ ପରିବେଶର ପରିବର୍ତ୍ତନକୁ ନେଇ ଚିନ୍ତିତ ରହିଛି। ଏହି ପରିପ୍ରେକ୍ଷୀରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମ 'ବିଶ୍ୱ ପରିବେଶ ଦିବସ' ଅବସରରେ କରାଯାଇଛି। ଏପରିକି ବ୍ୟାଙ୍କ ପକ୍ଷରୁ ମଧ ପରିବର୍ତ୍ତନ ନାମରେ ଏକ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ଏଜି ଛକ, ଟ୍ରାଫିକ୍ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସ ଉପଲକ୍ଷେ ଚଳିତ ବର୍ଷ ଥିମ୍ 'ଟ୍ରାଫିକ୍ ଛକରେ ଇଞ୍ଜିନ ଅଫ୍' ରହିଥିଲା। ଏହି ଅବସରରେ ଟ୍ରାଫିକ୍ ଡିସିପି ଠାକୁର ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ଲଷ୍ଟର ହେଡ୍ ଅନିମେଶ ବିଶ୍ୱାଳ କହିଛନ୍ତି, ପରିବେଶ ଦିବସ ପାଇଁ ପରିବର୍ତ୍ତନ ମାଧ୍ୟମରେ ସାରା ଦେଶର ୪୦ ସହର ଏବଂ ୧୨୦ ଟ୍ରାଫିକ୍ ପୋଷ୍ଟରେ ବ୍ୟାଙ୍କ ପକ୍ଷରୁ ଏଭଳି ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ପ୍ରତି ଟ୍ରାଫିକ୍ ଛକରେ ଗାଡ଼ି ଅଟକିବା କ୍ଷଣି ଇଞ୍ଜିନ ବନ୍ଦ ରଖିବାକୁ ପ୍ରତ୍ୟେକ ଗାଡ଼ି ଚାଳକଙ୍କୁ ଆହ୍ୱାନ କରାଯାଇଛି। ଏପରିକି ଅଧିକ ଗାଡ଼ି ବ୍ୟବହାର ନକରି ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବହାର କରିବାକୁ ବ୍ୟାଙ୍କ ପକ୍ଷରୁ ଲୋକଙ୍କୁ ବୁଝାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡା ଏବଂ ଆଇଆଇସି ଦେବେନ୍ଦ୍ର କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱରର ଏଜି ଛକ, କମିଶନରେଟ୍ ଅଫିସ୍ ଏବଂ ନାଲକୋ ଛକ ଭଳି ସହରର ପ୍ରମୁଖ ଛକରେ ଏକ ଷ୍ଟ୍ରିଟ୍ ପ୍ଲେ ମାଧ୍ୟମରେ ଗାଡ଼ି ଚାଳକଙ୍କୁ ସଚେତନ କରାଯାଇଛି।


# ପିଏନ୍‌ବି ଇଡିଙ୍କ ଦ୍ୱାରା ବ୍ୟବସାୟ ସମୀକ୍ଷା

**ଭୁବନେଶ୍ୱର,୫।୬**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) କଲ୍ୟାଣ କୁମାର ଦିନିକିଆ ଗସ୍ତରେ ଭୁବନେଶ୍ୱର ଆସି ବ୍ୟାଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ଓ ଏହାର ୫ ଗୋଟି ମଣ୍ଡଳ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗକୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧି ଓ ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରି ନିଜ ପାଖରେ ରଖିବା ସହ ବିଭିନ୍ନ କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ ଏବଂ ବ୍ୟାଙ୍କର ପଦାଧିକାରୀମାନେ ନିଜକୁ ଖାପଖୁଆଇ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବା ପାଇଁ ସେ ଆହ୍ୱାନ କରିଥିଲେ। ସେହିପରି ଯୋଗ୍ୟ ଋଣଗ୍ରହୀତାମାନଙ୍କ ସହ ଏକକାଳୀନ ଋଣ ଫଇସଲା କରି ବ୍ୟାଙ୍କର ଏନପିଏ ହ୍ରାସ କରିବା ସପକ୍ଷରେ କୁମାର ମତବ୍ୟକ୍ତ କରିଥିଲେ। ପିଏନବିର ଡିଜିଟାଲ ପ୍ଲାଟଫର୍ମ 'ପିଏନବି ୱାନ' ବିଷୟରେ ମଧ ଗ୍ରାହକମାନଙ୍କୁ ଅବଗତ କରାଇ ଡିଜିଟାଲ କାରବାରକୁ ବୃଦ୍ଧି କରାଇବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ୟାଙ୍କର ସ୍ଥାନୀୟ ଶାଖା, ମଣ୍ଡଳ କାର୍ଯ୍ୟାଳୟ, ସଂପୃକ୍ତ କାର୍ଯ୍ୟାଳୟ ଓ ଆଞ୍ଚଳିକ କାର୍ଯ୍ୟାଳୟ ଗୁଡିକର ପଦାଧିକାରୀମାନଙ୍କୁ ସେ ଉଦବୋଧନ ଦେଇ ରାଜ୍ୟରେ ବ୍ୟାଙ୍କର ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଏ ୟୁ ବି ରେଡ୍ଡି ଏବଂ ଅଞ୍ଚଳ ଶସ୍ତ୍ର ମୁଖ୍ୟ ଜେ. ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧ୍ୟବସାୟରୁ ବ୍ୟବସାୟିକ ସଫଳତା

**ବାଣିଜ୍ୟ ଛାତ୍ର ହୋଇଥିବାରୁ ବ୍ୟବସାୟ ପ୍ରତି ମନ ବଳାଇଥିଲେ। ଉଚ୍ଚଶିକ୍ଷା ପରେ ଦେଶର କିଛି ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନରେ ଯୋଗଦେବା ସହ ସେ ୧୯୯୧-୯୨ରେ ସୁପ୍ରିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସହ ଯୋଡ଼ିହୋଇଥିଲେ। ଦୀର୍ଘ ବର୍ଷର ଅଭିଜ୍ଞତା ଥିବାରୁ କମ୍ପାନୀ ତାଙ୍କୁ ଅଧିକାରୀ ରୂପେ ନିଯୁକ୍ତି ଦେଇ ପୂର୍ବଭାରତର ବ୍ୟବସାୟ ତାଙ୍କ ଉପରେ ନ୍ୟସ୍ତ କରିଛି। ଅଧ୍ୟବସାୟରୁ ହିଁ ବ୍ୟବସାୟିକ ସଫଳତା ମିଳିଥାଏ ବୋଲି ନିକଟରେ କଟକ ଆସିଥିବା କମ୍ପାନୀ ଫର୍ନିଚର ଡିଭିଜନ ବରିଷ୍ଠ ମହାପ୍ରବନ୍ଧକ ମୁକେଶ କୁମାର କୌଲ ଧରିତ୍ରୀକୁ ସ୍ୱତନ୍ତ୍ର ସାକ୍ଷାତ୍‌କାର ବେଳେ କହିଛନ୍ତି।**


ମୁକେଶ କୁମାର କୌଲ

**➡ପ୍ଲାଷ୍ଟିକ ଶିଳ୍ପର ଭବିଷ୍ୟତ ସମ୍ପର୍କରେ କ'ଣ କହିବେ?**
ଭାରତ ବଜାରରେ ପ୍ଲାଷ୍ଟିକ କମ୍ପାନୀଗୁଡ଼ିକର ପ୍ରଦର୍ଶନ ଭଲ ରହିଛି। ବିଶେଷକରି ଘରେ ବ୍ୟବହୃତ ହୋଇପାରୁଥିବା ସାମଗ୍ରୀର ପ୍ରସ୍ତୁତକର୍ତ୍ତାଙ୍କ ପାଇଁ ଏହି ଶିଳ୍ପରେ ପର୍ଯ୍ୟାପ୍ତ ସୁଯୋଗ ରହିଛି।

**➡ମହାମାରୀରେ ପ୍ଲାଷ୍ଟିକ ଶିଳ୍ପ କିଭଳି ପ୍ରଭାବିତ ହୋଇଥିଲା ଏବଂ ବର୍ତ୍ତମାନ ଏହାର ସ୍ଥିତି କିଭଳି ରହିଛି?**
କୋଭିଡ୍ ମହାମାରୀ ଯୋଗୁ ପ୍ଲାଷ୍ଟିକ ବ୍ୟବସାୟ ପ୍ରାୟ ୩୦ରୁ ୪୦% ହ୍ରାସ ପାଇଥିଲା। ହେଲେ ସରକାରଙ୍କ ସହଯୋଗ ଓ ଗ୍ରାହକଙ୍କ ଚାହିଦା ଯୋଗୁ ପ୍ରାୟ ୩ ରୁ ୪ ମାସର ଉତ୍ପାଦନ ପରେ ସବୁ କିଛି ଠିକ୍ ହୋଇଯାଇଥିଲା। ପ୍ରଥମ ଲହରରେ ଏହି ଶିଳ୍ପ କିଛି ପରିମାଣରେ କ୍ଷତିଗ୍ରସ୍ତ ହୋଇଥିଲା।

**➡ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାରରେ କିଭଳି ପରିବର୍ତ୍ତନ ଆସିଛି?**
ବର୍ତ୍ତମାନ ଗ୍ରାହକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଘଟିଛି। ବିଶେଷକରି କୋଭିଡ୍ ପରଠାରୁ ଲୋକଙ୍କ ଜୀବନଶୈଳୀ ମଧ ବଦଳିଯାଇଛି। ଫଳରେ ଗ୍ରାହକ ନିମ୍ନମାନର ଉତ୍ପାଦ ପରିବର୍ତ୍ତେ ଗୁଣାତ୍ମକ ଓ ପ୍ରିମିୟମ ଉତ୍ପାଦ କିଣିବାକୁ ପସନ୍ଦ କରୁଛନ୍ତି।

**➡ଓଡ଼ିଶାରେ ପ୍ଲାଷ୍ଟିକ ବ୍ୟବସାୟର ଭବିଷ୍ୟତକୁ କିଭଳି ଦେଖୁଛନ୍ତି?**
ଓଡ଼ିଶାରେ ପ୍ଲାଷ୍ଟିକ ଫର୍ନିଚର ବ୍ୟବସାୟ ଅନ୍ୟ ରାଜ୍ୟ ତୁଳନାରେ ବହୁତ ଭଲ ଏବଂ ଏଠାରେ ମଧ ଅନେକ ସମ୍ଭାବନା ରହିଛି। ପ୍ରତିବର୍ଷ କମ୍ପାନୀ ପ୍ରିମିୟମ ବର୍ଗରେ ୮ରୁ ୧୦ଟି ନୂଆ ଉତ୍ପାଦ ବଜାରକୁ ଛାଡୁଛି। ବିଶେଷକରି ମୋଲଡେଡ୍ ଫର୍ନିଚରର ଭବିଷ୍ୟତକୁ ନେଇ ଆମେ ଆଶାବାଦୀ।

**➡ଦେଶର ଅନ୍ୟ ବଜାର ତୁଳନାରେ ଓଡ଼ିଶା ବଜାରକୁ ଆପଣ କିପରି ଦେଖୁଛନ୍ତି?**
କମ୍ପାନୀ ପୂର୍ବ ଭାରତରେ ୧ନମ୍ବର ତଥା ବଜାର ଲିଡର ଭାବେ ପରିଚିତ। ପ୍ରତିବର୍ଷ ଆମେ ୧୨ରୁ ୧୫% ଅଭିବୃଦ୍ଧି ହାସଲ ଆଶା ରଖିଛୁ। ଓଡ଼ିଶାର ଗ୍ରାହକଙ୍କ ମଧ୍ୟରେ ଆମ ଉତ୍ପାଦ ବେଶ୍ ଆଦୃତି ଲାଭ କରିଛି।

**➡ସୁପ୍ରିମର ଉତ୍ପାଦଗୁଡ଼ିକ ଅନ୍ୟ ବ୍ରାଣ୍ଡଠାରୁ କିଭଳି ସ୍ୱତନ୍ତ୍ର?**
କମ୍ପାନୀ ୧୦୦% ଭର୍ଜିନ ମାଟେରିଆଲ ବ୍ୟବହାର କରୁଛି। ଆମେ ଶସ୍ତା ଜିନିଷ ଉତ୍ପାଦନ ଓ ବ୍ୟବହାରଠାରୁ ଦୂରରେ ରହିଥାଉ। ଅନ୍ୟ କମ୍ପାନୀଗୁଡ଼ିକ ସାଧାରଣ ଉତ୍ପାଦ ଉପରେ ଧ୍ୟାନ ଦେଉଥିବାବେଳେ ଆମେ ପ୍ରିମିୟମ ଉତ୍ପାଦ ଉପରେ ଅଧିକ ଫୋକସ୍ କରୁଛୁ। ପ୍ରତି ବର୍ଷ ଆମ ପୋର୍ଟଫୋଲିଓରେ ୮ରୁ ୧୦ ନୂଆ ପ୍ରଡକ୍ଟ ଯୋଗକରୁଥିବା ବେଳେ ବର୍ତ୍ତମାନ ଆମର ୧୫୦ରୁ ୧୬୦ ସୁପ୍ରିମ ପ୍ରଡକ୍ଟ ରେଞ୍ଜ ରହିଛି।

**➡ମୋଲଡେଡ୍ ପ୍ଲାଷ୍ଟିକ ଶିଳ୍ପରେ ବଜାର ଟ୍ରେଣ୍ଡ କିଭଳି ରହିଛି?**
ବର୍ତ୍ତମାନ ଏହି ଶିଳ୍ପରେ ଏକ ପ୍ରକାରର ବିପ୍ଳବ ଆସିଛି। ପୂର୍ବରୁ ଶସ୍ତା, କମ୍ ରେଞ୍ଜ ଏବଂ କମନ ଚେୟାର ବିକ୍ରି ହେଉଥିଲା। ଲୋକଙ୍କ ମୁଣ୍ଡପିଛା ଆୟ ଏବଂ ଜୀବନ ଧାରଣ ମାନରେ ମଧ ଉନ୍ନତି ଆସିବା ଯୋଗୁ ଏବେ ପ୍ରିମିୟମ ଚେୟାର ବିକ୍ରି ବଢ଼ିଛି। ନନ୍ ପେଣ୍ଟେଡ ପ୍ରିମିୟମ ସେଟ୍ ଆମର ସବୁଠାରୁ ଷ୍ଟ୍ରଙ୍ଗ ପଏଣ୍ଟ ହୋଇଥିବା ବେଳେ ଆମର ଡାଇନିଂ ଟେବୁଲ ଏବଂ ଚେୟାର ସେଟ୍‌ର ଲୋକପ୍ରିୟତା ସହ ବଜାର ଲିଡର ରହିଆସୁଛୁ।

**➡ଓଡ଼ିଶା ବଜାର ସମ୍ପର୍କରେ କ'ଣ କହିବେ?**
ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ତ୍ତମାନ ବିକାଶ ଧାରା ସହ ତାଳ ଦେଇ ଆଗକୁ ବଢୁଛନ୍ତି। ଆଗାମୀ ଦିନରେ ଓଡ଼ିଶା ପୂର୍ବାଞ୍ଚଳର ଏକ ନମ୍ବର ରାଜ୍ୟ ହେବାର କ୍ଷମତା ରଖିଛି। ଏପରିକି ଓଡିଶାର ଶିଳ୍ପ ନୀତି କିମ୍ୱା ଶିଳ୍ପକୁ ପ୍ରୋତ୍ସାହନ ଦେବା ଭଳି ବିଭିନ୍ନ କାମ ରାଜ୍ୟ ସରକାର କରୁଛନ୍ତି। ପୂର୍ବାଞ୍ଚଳ ରାଜ୍ୟଗୁଡିକରେ କୌଣସି ପ୍ରତିଷ୍ଠାନ ଶିଳ୍ପ ପ୍ରତିଷ୍ଠା କରିବାକୁ ଚାହିଁଥିଲେ ଓଡ଼ିଶାକୁ ହିଁ ପ୍ରାଥମିକତା ଦେଉଛନ୍ତି। ଓଡିଶାର ବଜାର ବ୍ୟବସ୍ଥା ଓ ବ୍ୟବସାୟ ପାଣିପାଗ ଅନ୍ୟ ରାଜ୍ୟମାନଙ୍କ ଠାରୁ ବହୁତ ଭଲ ରହିଛି।

**➡ଓଡ଼ିଶା ବଜାରରେ ସୁପ୍ରିମର ଉପସ୍ଥିତି କିଭଳି ରହିଛି?**
ଓଡିଶା ଆମ ପାଇଁ ସବୁ ବେଳେ ଏକ ଭଲ ବଜାର ହୋଇ ରହିଆସିଛି। ବର୍ତ୍ତମାନ ଆମେ ୧୫ରୁ ୨୦% ଅଭିବୃଦ୍ଧି ସହ ଆଗକୁ ବଢୁଛୁ। ଆଗାମୀ କିଛି ବର୍ଷରେ ଆମେ ପ୍ରାୟ ୨୫ରୁ ୩୦% ଅଭିବୃଦ୍ଧି କରିବୁ ବୋଲି ଆଶା ରହିଛି। ସେହିଭଳି କଟକରେ ଆଗାମୀ ୩ ମାସ ମଧ୍ୟରେ ଆମର ଏକ ପାଇପ ଫ୍ୟାକ୍ଟ୍ରି କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଯଦି ସବୁ କିଛି ଠିକ୍ ରୁହେ ତା' ହେଲେ ଉକ୍ତ ଫ୍ୟାକ୍ଟ୍ରିରୁ ଫର୍ନିଚରର ଏକ ୟୁନିଟ କରାଯିବା ନେଇ ମଧ ବିଚାର ଚାଲିଛି।

**➡ମହାମାରୀ ଫଳରେ କିଭଳି ପ୍ରଭାବିତ ହୋଇଛନ୍ତି ?**
କୋଭିଡ୍ ମହାମାରୀ ଯୋଗୁ ଗତ ୨ବର୍ଷ ହେବ କମ୍ପାନୀର କାରବାର କେତେକାଂଶରେ ପ୍ରଭାବିତ ହୋଇଥିଲା। ସେହିପରି ସରକାରଙ୍କ କରୋନା କଟକଣା ଯୋଗୁ ଫ୍ୟାକ୍ଟ୍ରିଗୁଡିକରେ କାମ ବନ୍ଦ ହୋଇଯାଇଥିଲା। ଫଳରେ ଏହି ସମୟରେ ଆମେ ଅନେକ କ୍ଷତି ସହିଛୁ ହେଲେ ଚଳିତ ବର୍ଷ କାରବାର ଟ୍ରାକକୁ ଫେରିବା ସହ ପୂର୍ବ ବର୍ଷର କ୍ଷତିକୁ ଭରଣା ପାଇଁ ପ୍ରୟାସ କରିବୁ ବୋଲି ଆଶା ରହିଛି।

**➡ଓଡ଼ିଶା ବଜାର ପାଇଁ କମ୍ପାନୀର ଆଗାମୀ ଯୋଜନା କ'ଣ ରହିଛି?**
କୋଭିଡ୍ ଯୋଗୁ ମାନ୍ଦା ରହିଥିବା କାର୍ଯ୍ୟକ୍ରମକୁ ଆରମ୍ଭ ସହ ଓଡ଼ିଶା ବଜାରରେ ସୁପ୍ରିମର ଅନେକଗୁଡ଼ିଏ ଏକ୍ସକ୍ଲୁସିଭ ଷ୍ଟୋର ଖୋଲାଯିବା ନେଇ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ କଟକରେ ୨ଟି ଲକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରିଛୁ। ସେହିଭଳି ଆମର ୨.୦ କନ୍‌ସେପ୍ଟକୁ ମଧ ଅଗ୍ରଗତି କରାଉଛୁ। ଯେଉଁଠାରେ କମ୍ପାନୀର ପ୍ରଡକ୍ଟଗୁଡିକର ବିସ୍ତୃତ ଶୃଙ୍ଖଳାକୁ ଗୋଟିଏ ଛାତ ତଳେ ପ୍ରଦର୍ଶନ କରାଯାଉଛି। ସେହିଭଳି ପ୍ରାୟ ୧୪ ଏକ୍ସକ୍ଲୁସିଭ ଷ୍ଟୋର ପୂର୍ବାଞ୍ଚଳରେ ଖୋଲାଯାଇଥିବା ବେଳେ ଚଳିତବର୍ଷ ଶେଷ ସୁଦ୍ଧା ଆଉ ୧୦୦ ଏଭଳି ଷ୍ଟୋରର ଶୁଭାରମ୍ଭ କରିବା ନେଇ ଲକ୍ଷ୍ୟ ରଖାଯାଇଛି।

**➡ଅବସର ସମୟରେ କ'ଣ କରିବାକୁ ପସନ୍ଦ କରିଥାନ୍ତି?**
ବ୍ୟସ୍ତବହୁଳ ଜୀବନ ଯାତ୍ରାରେ ଅବସରର ଶବ୍ଦ ନ ଥାଏ, ହେଲେ ବିନା ଅବସରରେ ଅବସାଦ ପୂରଣ ହୋଇ ନ ଥାଏ। ସେଥିପାଇଁ ଅବସର ସମୟରେ ଘରେ ଥିଲେ ଖବରକାଗଜ, ଟିଭି ଓ ପରିବାରଜନଙ୍କ ସହ ସମୟ ଅତିବାହିତ କରିଥାଏ। ଯେ ହେତୁ ମୁଁ ବହୁ ସମୟ ବାହାରେ ରୁହେ ସେଥିପାଇଁ ପରିଭ୍ରମଣ ସହ ମନୋରଞ୍ଜନ ଏବଂ କ୍ରୀଡା ଓ ପଶୁପ୍ରେମରେ ସମୟ ଅତିବାହିତ କରିଥାଏ।

## ଫୁର୍‌ସତ୍

# ଶିକ୍ଷା, ସ୍ୱାସ୍ଥ୍ୟରେ ସୁଧାର ଆଣିବ 'ମେଟାଭର୍ସ'

**ନୂଆଦିଲ୍ଲୀ:** ଟେକ୍‌ନୋଲୋଜିର ପ୍ରୟୋଗକ୍ରମେ ଅନେକ ପ୍ରକାର ନୂଆ ଜିନିଷ ଆବିଷ୍କାର କରାଯାଉଛି। ଦୀର୍ଘ ଦିନ ଧରି ମଣିଷ ଯାହାକୁ କେବଳକ କଳ୍ପନା କରି ଆସୁଥିଲା ତାହା ଏବେ ସତରେ ଘଟିବାକୁ ଯାଉଛି। 'ମେଟାଭର୍ସ' ଜରିଆରେ ଏସବୁ ସମ୍ଭବ ହେବ। ଭିଜୁଆଲ ରିଆଲିଟି ହେଡ୍‌ସେଟ୍ ଏଥିପାଇଁ ଲୋଡ଼ା। ମେଟାଭର୍ସ ତଥା ଆଭାସୀ ବାସ୍ତବିକତାକୁ ଇଣ୍ଟରନେଟର ଉନ୍ନତ ରୂପ ବୋଲି କୁହାଯାଇପାରିବ। ନେଟ୍ ଜରିଆରେ ଆମେ ଅନେକ ଲୋକଙ୍କ ସମ୍ପର୍କରେ ଆସୁଥିବାବେଳେ ମେଟାଭର୍ସ କରିଆରେ ଆମେ କାହାରି ପାଖକୁ ନ ଯାଇ ମଧ ସେମାନଙ୍କୁ ଦେଖିପାରିବା ଏବଂ କଥା ହୋଇପାରିବା। ତେବେ ଏହି ଆଭାସୀ ବାସ୍ତବିକତା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜଳବାୟୁ କ୍ଷେତ୍ରରେ ସୁଧାର ଆଣିବ ବୋଲି ଗବେଷକମାନେ ଦାବି କରିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମେଟାଭର୍ସ ସାହାଯ୍ୟକାରୀ ସାବ୍ୟସ୍ତ ହେବ। ଟେଲି ହେଲ୍‌ଥ, ରିମୋଟ ଥେରାପି ତଥା ରିମୋଟ ଟ୍ରିଟ୍‌ମେଣ୍ଟ ଜରିଆରେ



ରୋଗୀ ଅତିକମ୍ ସମୟରେ ସୁସ୍ଥ ହୋଇପାରିବେ। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଏକ ବିରାଟ ସମସ୍ୟା ହୋଇ ଛିଡ଼ା ହୋଇଥିବାବେଳେ ଏଥିରେ କିପରି ଭାବେ ସୁଧାର ଅଣାଯାଇପାରିବ ସେ ନେଇ ମେଟାଭର୍ସ ଉପଯୋଗୀ ସାବ୍ୟସ୍ତ ହେବ। ସେହିପରି ଡିଜିଟାଲ ଟୁଇନ୍ସ ଜରିଆରେ ବିଲ୍ଡିଂ, ସହର ଏବଂ ପୃଥିବୀର ପ୍ରତିକୃତି ଦେଖିହେବ। ସଫ୍ଟୱେର୍ କମ୍ପାନୀ ଏନ୍‌ଭିଡିୟା ଏକ ପୃଥିବୀର ଡିଜିଟାଲ ଟୁଇନ୍ସ ତିଆରି କରିବା ନେଇ ଘୋଷଣା କରିସାରିଛି। ଶିକ୍ଷା କ୍ଷେତ୍ରରେ ମଧ ଏହା ଅତ୍ୟନ୍ତ ସହାୟକ ହେବ। ଯେଉଁସବୁ ସ୍ଥାନରେ ଉଚ୍ଚଶିକ୍ଷାର ସୁବିଧା ନାହିଁ କିମ୍ବା ଆଗ୍ରହୀ ଛାତ୍ରୀଛାତ୍ର ବିଦେଶର କୌଣସି ପ୍ରଫେସରଙ୍କଠାରୁ ଶିକ୍ଷା ଗ୍ରହଣ କରିବାକୁ ଚାହୁଁଛନ୍ତି ତେବେ ମେଟାଭର୍ସ ଜରିଆରେ ତାହା ସମ୍ଭବ ହୋଇପାରିବ।

ଗତ ୬ ମାସ ଏବଂ ଏହାଠାରୁ ଅଧିକ ସମୟ ଧରି ମେଟାଭର୍ସ ବାବଦରେ ବ୍ୟବସାୟିକ, ବୈଜ୍ଞାନିକ ଆଲୋଚନା ଜାରି ରହିଛି। ମେଟାଭର୍ସକୁ ସୁଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହା ସହିତ ଗଠିତ କମ୍ପାନୀମାନେ ନିଜ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ମେଟାଭର୍ସର ସମ୍ଭାବ୍ୟ ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ମୋରଗାନ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ଲଜ୍ ତିଆରି କରାଯାଇଛି। ଏପର୍ଯ୍ୟନ୍ତ ମେଟାଭର୍ସ ଲୋକଙ୍କ ପାଖରେ ପହଞ୍ଚିପାରି ନ ଥିବାବେଳେ ହୁଏତ ଆସନ୍ତା କିଛି ବର୍ଷପରେ ଏହାକୁ ଲୋକେ ବ୍ୟବହାର କରିବା ଆରମ୍ଭ କରିବେ।

# ବହିରେ ମନର ବେଦନା


କୁବ୍ରା ସେତ

**ମୁମ୍ବାଇ:** ୱେବ୍ ସିରିଜ୍ ସକ୍ରେଡ୍ ଗେମ୍ସ ଅଭିନେତ୍ରୀ କୁବ୍ରା ସେତ ନିଜ ମନର ବେଦନାକୁ ତାଙ୍କ ବହି 'ଓପନ୍ ବୁକ୍'ରେ ସ୍ଥାନ ଦେଇଛନ୍ତି। ମାସେ କି ଦୁଇ ମାସ ନୁହେଁ ଦୀର୍ଘ ଅଢେଇ ମାସ କାଳ କୁବ୍ରାଙ୍କୁ ତାଙ୍କର ଜଣେ ପାରିବାରିକ ବନ୍ଧୁ ଶରୀରିକ ଶୋଷଣ କରୁଥିବା ସେଥିରେ ଲେଖାଯାଇଛି। ବହିରେ ସେ ବ୍ୟକ୍ତିଙ୍କ ନାମ ଏକ୍ସ ବୋଲି କହିଛନ୍ତି। କୁବ୍ରାଙ୍କୁ ସେତେବେଳେ ମାତ୍ର ୧୭ ବର୍ଷ ହୋଇଥିଲା ଯେତେବେଳେ ସେ ତାଙ୍କ କୁମାରୀତ୍ୱକୁ ହରାଇଥିଲେ। କୁବ୍ରାଙ୍କ ପରିବାର ଆର୍ଥାଭାବ ଦେଇ ଗତି କରୁଥିବାବେଳେ ଟଙ୍କାର ଆବଶ୍ୟକତା ପଡ଼ିଲେ ସେମାନେ ଏକ୍ସଙ୍କଠାରୁ ଟଙ୍କାର ସହାୟତା ଆଣନ୍ତି। ସେ ବ୍ୟକ୍ତିଙ୍କର ଏକ ରେସ୍ତୋରାଁ ଥିବାବେଳେ କେବେ କେମିତି କୁବ୍ରାଙ୍କ ପରିବାର ସେଠାକୁ ବୁଲିବାକୁ ଯାନ୍ତି। ଏକ୍ସଙ୍କ ପତି କୁବ୍ରାଙ୍କ ପରିବାରର ସମ୍ମାନ ଓ ଭଲପାଇବା କୁବ୍ରା ଘରେ ଏ କଥା କହିବାର ସାହସ କରିପାରୁ ନ ଥିଲେ।

# ସମୁଦ୍ରରେ ପ୍ରସବ

**ମାନାଗୁଆ:** ସମୁଦ୍ରରେ ଜଣେ ମହିଳା ପ୍ରସବ କରିଥିବା ଘଟଣା ଏବେ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଛି। ଜୋଶୀ ପେଉକର୍ଟ (୩୭) ନିଜ ଇନ୍‌ଷ୍ଟାଗ୍ରାମରେ ସମୁଦ୍ରରେ ପ୍ରସବ ବେଳର ଭିଡିଓ ଶେୟାର କରିଛନ୍ତି। ନିକାରାଗୁଆରେ ଥିବା ପ୍ଲାୟା ମାଜାଗୁଆଲ ସମୁଦ୍ର କୂଳର ଏହି ଭିଡିଓ। ବିନା ଡାକ୍ତରଙ୍କ ସହାୟତାରେ ଜୋଶୀ ଏକାକୀ ସମୁଦ୍ରରେ ପୁତ୍ର ସନ୍ତାନ ପ୍ରସବ କରୁଥିବାର ଭିଡିଓରେ ଦେଖିବାକୁ ମିଳିଛି। ସମୁଦ୍ରରେ ପ୍ରସବ କରିବା ନେଇ ହୋଶୀ ଚାହିଁଥିବାବେଳେ ଡାକ୍ତର ଦେଇଥିବା ପ୍ରସବ ତାରିଖରେ



ସେ ହସ୍ପିଟାଲ ନ ଯାଇ ବିଚ୍‌କୁ ଯାଇଥିବା ଗଣମାଧ୍ୟମରେ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି। ଦୁଇ ପିଲାଙ୍କୁ ବନ୍ଧୁଙ୍କ ଘରେ ଛାଡ଼ିଦେଇ ଜୋଶୀ ତାଙ୍କ ସ୍ୱାମୀଙ୍କ ସହ ବାର୍ଥିଙ୍ଗ୍ ଟୁଲ୍ କିଟ୍ ଧରି ପ୍ରସବ ପାଇଁ ବିଚ୍ ଯାଇଥିଲେ। ପୁଅ ବୋଢିଙ୍କୁ ଜନ୍ମ ଦେବା ପରେ ଜୋଶୀ ପୁଣି ଥରେ ସମୁଦ୍ର ମଧ୍ୟକୁ ଯାଇ ଫ୍ରେସ୍ ହୋଇ ଆସିଥିବାବେଳେ ସେଠାରୁ ସେମାନେ ସିଧା ଘରକୁ ଫେରିଥିଲେ। ପ୍ରସବ ପରେ ତାଙ୍କ ଶରୀରରେ କୌଣସି ପ୍ରକାର ଯନ୍ତ୍ରଣା ହୋଇ ନ ଥିବା ସେ କହିଛନ୍ତି। ଜୋଶୀଙ୍କ ପ୍ରଥମ ପିଲା ଡାକ୍ତରଖାନାରେ ଏବଂ ଦ୍ୱିତୀୟ ସନ୍ତାନ ଘରେ ଜନ୍ମ ହୋଇଥିବାବେଳେ ତୃତୀୟ ସନ୍ତାନକୁ ସେ ସମୁଦ୍ର ମଧ୍ୟରେ ଜନ୍ମ କରିବାକୁ ଚାହୁଁଥିବା କହିଛନ୍ତି। ତେବେ ସୋସିଆଲ ମିଡିଆ ୟୁଜର୍ସ ଜୋଶୀଙ୍କ ଭିଡିଓ ଦେଖିବା ପରେ ତାଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି।

# କରନଙ୍କ ପାର୍ଟି: କରୋନା ହଟ୍‌ସ୍ପଟ୍

**ମୁମ୍ବାଇ:** ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ତଥା ପ୍ରଯୋଜକ କରନ ଜୋହରଙ୍କ ଜନ୍ମଦିନ ଅବସରରେ ମେ'ମାସରେ ହୋଇଥିବା ପାର୍ଟି ମୁମ୍ବାଇ କରୋନା ହଟ୍‌ସ୍ପଟ୍ ହୋଇଥିବା କୁହାଯାଉଛି। କାରଣ ପାର୍ଟିରେ ସାମିଲ ହୋଇଥିବା ଅତିଥିଙ୍କ ମଧ୍ୟରୁ ପାଖାପାଖି ୫୦ ଜଣ ଏବେ ମହାମାରୀ କରୋନାରେ ଆକ୍ରାନ୍ତ। ୟଶ୍ ରାଜ୍ ଫିଲ୍ମ ଷ୍ଟୁଡିଓରେ ଆୟୋଜିତ ହୋଇଥିବା ଏହି ଜନ୍ମଦିନ କାର୍ଯ୍ୟକ୍ରମରେ ବଲିଉଡ୍‌ର ବହୁ ଖ୍ୟାତନାମା ଅଭିନେତା, ଅଭିନେତ୍ରୀଙ୍କ ସହ ନାମକରା ବ୍ୟବସାୟୀ ମଧ ଯୋଗ ଦେଇଥିଲେ।କ ଗଣମାଧ୍ୟମ ରିପୋର୍ଟ ମୁତାବକ କରଣଙ୍କ ପାର୍ଟିରେ ସାମିଲ ହୋଇଥିବା ୫୦ରୁ ଊର୍ଦ୍ଧ୍ୱ ଗେଷ୍ଟ କରୋନା ସଂକ୍ରମିତ।

# ରକ୍ଷା କରିବ ମୂଷା



**ନୂଆଦିଲ୍ଲୀ:** ମୂଷାଙ୍କ ଦ୍ୱାରା ଏବେ ମଣିଷଙ୍କ ଜୀବନ ରକ୍ଷା କରାଯିବ। ସ୍କଟଲାଣ୍ଡ ଗ୍ଲାସଗୋରର ସାଇଣ୍ଟିଷ୍ଟ ଡା. ଡୋନା କିଆନ ମୂଷାଙ୍କୁ ନେଇ ଏକ ଅଧ୍ୟୟନ ଆରମ୍ଭ କରିଛନ୍ତି। ଭୂକମ୍ପ ଦ୍ୱାରା ଭଗ୍ନାବଶେଷ ତଳେ ଚାପିହୋଇ ଅନେକ ଲୋକଙ୍କ ପ୍ରାଣ ଚାଲିଯାଇଥିବାବେଳେ କେତେଲୋକ ତା' ଭିତରେ ଅଛନ୍ତି ସେ ନେଇ ତଥ୍ୟ ରେସ୍କ୍ୟୁ ଟିମ୍ ପାଖରେ ପହଞ୍ଚିପାରୁ ନାହିଁ। ଅଧ୍ୟୟନରେ ସାମିଲ ମୂଷାଙ୍କ ଦେହରେ ଏକ ଛୋଟ ମାଇକ୍ରୋଫୋନ୍ ଲଗାଇ ସେମାନଙ୍କୁ ସେହି ଭଗ୍ନାବଶେଷ ତଳକୁ ପଠାଯିବ, ଯାହାଦ୍ୱାରା ସେଠାରେ ଫସି ରହିଥିବା ଲୋକଙ୍କ ତଥ୍ୟ ରେସ୍କ୍ୟୁ ଟିମ୍ ପାଖରେ ପହଞ୍ଚିବା ସହଜ ହେବ ବୋଲି ଡୋନା କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ଜୁନ୍ ୬/୨୦୨୨ Dhenkanal, Monday, June 6/ 2022

## ଜିଭାଙ୍କୁ ରୌପ୍ୟ ପଦକ



**ଭୁବନେଶ୍ୱର, ୫।୬ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ନାଦିଆଦରେ ଅନୁଷ୍ଠିତ ୨୦ତମ ଜାତୀୟ ଫେଡେରେଶନ କପ୍ ଜୁନିୟର (୨୦ ବର୍ଷରୁ କମ୍) ଚାମ୍ପିୟନଶିପ୍‌ର ପୁରୁଷ ୧୧୦ ମିଟର ହର୍ଡଲ୍ସରେ ଓଡ଼ିଶାର ଏ. ଗ୍ରାସେସନ ଜିଭା ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୪.୧୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଓଡ଼ିଶା ରିଲାଏନ୍ସ ଆଥ୍‌ଲେଟିକ୍ସ ହାଇପର୍‌ଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଥିବା ଜିଭା ୨୦ ବର୍ଷରୁ କମ୍ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଓଡ଼ିଶା ମହିଳା, ପୁରୁଷ ଦଳ ବିଜୟୀ

**ଭୁବନେଶ୍ୱର, ୫।୬ (କ୍ରୀଡ଼ା ପ୍ରତିନିଧି):** ହରିୟାଣାର ପଞ୍ଚକୁଲାଠାରେ ଚାଲିଥିବା ୪ର୍ଥ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶା ପୁରୁଷ ହକି ଦଳ ପ୍ରଥମ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୨-୦ ଗୋଲରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ରୋହିତ ସିଂ ଓ ଦୀପକ ମିଞ୍ଜ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ମହିଳା ହକି ଦଳ ଆୟୋଜକ ହରିୟାଣାକୁ ୧-୦ ଗୋଲରେ ହରାଇ ଦେଇଛି। ୫୬ତମ ମିନିଟରେ ସୁନେଲିତା ଟପ୍ପୋ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

## ଓଡ଼ିଶାରୁ ତନ୍ମୟୀ, ପୂଜା ମନୋନୀତ



ପୂଜା ଯାଦବ



ତନ୍ମୟୀ ବେହେରା


**ଭୁବନେଶ୍ୱର, ୫।୬ (କ୍ରୀଡ଼ା ପ୍ରତିନିଧି):** ବିଜୟୱାଡାଠାରେ ଚଳିତ ମାସ ୧୦ରୁ ଜୁଲାଇ ୩ ପର୍ଯ୍ୟନ୍ତ ଆନ୍ତଃ ଏନ୍‌ସିଏ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶାରୁ ୧୯ ବର୍ଷରୁ କମ୍ ବର୍ଗର ୨ ମହିଳା ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ତନ୍ମୟୀ ବେହେରା ଓ ପୂଜା କୁମାରୀ ଯାଦବ।

# ଗାର୍ସିଆ-ମ୍ଲାଡେନୋଭିକ୍ ଚାମ୍ପିୟନ

**ପ୍ୟାରିସ୍, ୫।୬**

**ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ**

କାରୋଲିନ ଗାର୍ସିଆ ଓ କ୍ରିଷ୍ଟିନା ମ୍ଲାଡେନୋଭିକ୍ ଯୋଡ଼ି ଚଳିତ ବର୍ଷର ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଏହି ଫ୍ରାନ୍ସ ଯୋଡ଼ି ଆମେରିକାର କୋକୋ ଗଫ୍ ଓ ଜେସିକା ପେଗୁଲାଙ୍କୁ ୨-୬, ୬-୩, ୬-୨ ସେଟ୍‌ରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ହେଁ ଗାର୍ସିଆ-ମ୍ଲାଡେନୋଭିକ୍ ଯୋଡ଼ି ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୨ ସେଟ୍‌ରେ ବିଜୟ ହାସଲ କରିଥିଲେ। ଫ୍ରାନ୍ସ ଯୋଡ଼ି ପୂର୍ବରୁ ୨୦୧୬ରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ଟୁର୍ନାମେଣ୍ଟରେ ଗଫ୍ ଦ୍ୱିତୀୟ ଥର ପାଇଁ ଶକ୍ତ ଆଘାତ ପାଇଛନ୍ତି। ପୂର୍ବରୁ ସେ ମହିଳା ସିଙ୍ଗଲ୍ସ ଫାଇନାଲରେ ପୋଲାଣ୍ଡର ଇଗା ସ୍ୱିଟେକ୍‌ଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଅନ୍ୟପକ୍ଷରେ ମ୍ଲାଡେନୋଭିକ୍ କ୍ୟାରିୟରର ୬ଷ୍ଠ ମହିଳା ଡବଲ୍ସ ଟାଇଟଲ ହାସଲ କରିଛନ୍ତି।



ମହିଳା ଡବଲ୍ସ ଟ୍ରଫି ସହ କାରୋଲିନ ଗାର୍ସିଆ ଓ କ୍ରିଷ୍ଟିନା ମ୍ଲାଡେନୋଭିକ୍।

## ଡବ୍ଲ୍ୟୁବିସି ଲାଇଟୱେଟ୍ ବେଲ୍ଟ ବଜାୟ ରଖିଲେ ହେନି

**ମେଲବୋର୍ନ, ୫।୬ (ଏପି):** ଡେଭିନ୍ ହେନି ରବିବାର ବିଧିବଦ୍ଧ ଭାବେ ବିଶ୍ୱର ନିର୍ବିବାଦୀୟ ଲାଇଟ୍‌ୱେଟ୍ ବକ୍ସିଂ ଚାମ୍ପିୟନ ହୋଇଛନ୍ତି। ସର୍ବସମ୍ମତି ପଏଣ୍ଟ ନିଷ୍ପତ୍ତିରେ ଅଷ୍ଟ୍ରେଲିଆର ଜର୍ଜ କାମ୍ବୋସସ୍‌ଙ୍କୁ ପରାସ୍ତ କରି ସେ ଡବ୍ଲ୍ୟୁବିସି ଲାଇଟ୍‌ୱେଟ୍ ଟାଇଟଲ ବଜାୟ ରଖିଛନ୍ତି। ଆମେରିକାର ଏହି ୨୩ ବର୍ଷୀୟ ବକ୍ସର ପ୍ରଥମ ୪ ରାଉଣ୍ଡରୁ ୩ଟିରେ ବିଜୟ ଲାଭ କରିଥିଲେ। ବିଚାରକ ମଣ୍ଡଳୀ ଏହି ଫାଇଟ୍‌ରେ ହେନିଙ୍କ ସପକ୍ଷରେ ୧୧୬-୧୧୨, ୧୧୬-୧୧୨, ଓ ୧୧୮-୧୧୦ ସ୍କୋର ଦେଇଥିଲା। ମେଲବୋର୍ନସ୍ଥିତ ମାର୍ଭେଲ ଷ୍ଟାଡିୟମରେ ୪୧,୧୨୯ ଦର୍ଶକଙ୍କ ଉପସ୍ଥିତିରେ ହୋଇଥିବା



ଏହି ଲଢ଼େଇରେ ହେନି ଉନ୍ନତ ଟେକ୍‌ନିକାଲ ଫାଇଟର ବୋଲି ନିଜକୁ ପ୍ରମାଣ କରି ଦେଖାଇଥିଲେ। ବର୍ତ୍ତମାନ ୧୫ ନକ୍‌ଆଉଟ ସହ ତାଙ୍କ ଅପରାଜେୟ ରେକର୍ଡ ୨୮-୦ରେ ପହଞ୍ଚିଛି। ଏହି ଫାଇଟ୍ ପୂର୍ବରୁ ୨୮ ବର୍ଷୀୟ କାମ୍ବୋସସ୍ ଡବ୍ଲ୍ୟୁବିଓ, ଡବ୍ଲ୍ୟୁବିଏ ଓ ଆଇବିଏଫ୍ ଲାଇଟ୍‌ୱେଟ୍ ଟାଇଟଲ ଅଧିକାରୀ ଥିଲେ। ବର୍ତ୍ତମାନ ସେ ସବୁ ହନିଙ୍କ କବ୍‌ଜାକୁ ଚାଲିଆସିଛି।

## ଅଗଷ୍ଟରୁ ୟୁକ୍ରେନ୍ ଫୁଟ୍‌ବଲ ଲିଗ୍ ଯୋଜନା

**କାର୍ଡିଫ୍, ୫।୬ (ଏପି):** ରୁଷିଆର ଆକ୍ରମଣ ଜାରି ରହିଥିବା ସତ୍ତ୍ୱେ ଅଗଷ୍ଟରେ ଦେଶରେ ପ୍ରତିଯୋଗିତାମୂଳକ ଫୁଟ୍‌ବଲ ପୁଣି ଆରମ୍ଭ କରିବା ଲାଗି ୟୁକ୍ରେନ୍ ଯୋଜନା କରିଛି। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଦ୍ୱାରା ଏହା ଅନୁମୋଦନ ଲାଭ କରିଛି। ଘରୋଇ ମାଟିରେ ପୁରୁଷ ଓ ମହିଳା ମ୍ୟାଚ୍‌ଗୁଡ଼ିକ ଯେପରି ସୁରକ୍ଷିତ ଭାବେ ଆୟୋଜନ ହୋଇପାରିବ ସେନେଇ ୟୁକ୍ରେନ୍ ଫୁଟ୍‌ବଲ ମହାସଂଘ ସଭାପତି ଆନ୍ଦ୍ରେଇ ପାଭେଲ୍‌କୋ ଜେଲେନ୍‌ସ୍କି ଫିଫା ଓ ୟୁଫା ମୁଖ୍ୟଙ୍କ ସହ ଇତିମଧ୍ୟରେ ଆଲୋଚନା କରିଛନ୍ତି। ଫେବୃୟାରୀରେ ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ବେଳେ ୟୁକ୍ରେନ୍ ଏହାର ଲିଗ୍‌ଗୁଡ଼ିକ ଅଧାରୁ ସ୍ଥଗିତ ରଖିଥିଲା। ରୁଷିଆ ଆକ୍ରମଣରେ ଅତିକମ୍‌ରେ ୟୁକ୍ରେନ୍‌ର ୧୦,୦୦୦ ସାଧାରଣ ଲୋକ ପ୍ରାଣ ହରାଇ ସାରିଛନ୍ତି। ବୋମାମାଡ଼ରେ ବହୁ ନଗର ଓ ସହର ଧ୍ୱଂସସ୍ତୂପରେ ପରିଣତ ହୋଇଛି। ପାଭେଲ୍‌କୋ କହିଛନ୍ତି, ବର୍ତ୍ତମାନ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ନଜର ଯୁଦ୍ଧ ଉପରେ ରହିଛି। ଯୁଦ୍ଧର ପ୍ରଭାବ ଓ ମୃତ୍ୟୁସଂଖ୍ୟା ଉପରେ ପ୍ରତିଦିନ ସେମାନେ ଖବର ରଖୁଛନ୍ତି। ସେ ପୁଣି କହିଛନ୍ତି, ବର୍ତ୍ତମାନ ଲୋକମାନେ ଭଲ ମାନସିକତାରେ ନାହାନ୍ତି। ଫୁଟ୍‌ବଲ ଖେଳରେ ଏଭଳି ଶକ୍ତି ଅଛି, ଯାହାଫଳରେ ଲୋକମାନେ ସେମାନଙ୍କ ଭବିଷ୍ୟତ ନେଇ ଚିନ୍ତା କରିବେ।

## ଭାରତୀୟ ଦଳରେ ଓଡ଼ିଶାର ଲାସ୍ୟମୟୀ

**ଭୁବନେଶ୍ୱର, ୫।୬ (କ୍ରୀଡ଼ା ପ୍ରତିନିଧି)**

**ଏସୀୟ ମହିଳା ଜୁନିୟର ଭଲିବଲ**

ଥାଇଲାଣ୍ଡର ନାଖୋନ ପାଥୋମଠାରେ ୧୮ ବର୍ଷରୁ କମ୍ ୧୪ତମ ଏସିଆନ ମହିଳା ଭଲିବଲ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଲାସ୍ୟମୟୀ ମହନ୍ତ ସ୍ଥାନ ପାଇଛନ୍ତି। ଲାସ୍ୟମୟୀ ଓଡ଼ିଶାର ପ୍ରଥମ ମହିଳା ଖେଳାଳି ଭାବେ ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ସେ ସୁଷମା ନନ୍ଦଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ଓଡ଼ିଶାର ପ୍ରତିଷ୍ଠିତ ଭଲିବଲ କୋଚ୍ ଲୋତକ ବିନ୍ଦୁ ଦାଶ ଆଗାମୀ ଟୁର୍ନାମେଣ୍ଟ ଅବସରରେ ଭାରତୀୟ ଦଳର ସହକାରୀ କୋଚ୍ ଦାୟିତ୍ୱ ତୁଲାଇବେ। ପ୍ରକାଶ ଯୋଗ୍ୟ ଯେ, ଏମ୍‌ପି ଅଚ୍ୟୁତ ସାମନ୍ତ ଭଲିବଲ୍ ଫେଡେରେଶନ୍ ଅଫ୍ ଇଣ୍ଡିଆର ସଭାପତି ଏବଂ ଗଗନେନ୍ଦୁ ଦାଶ ଓଡ଼ିଶା ଭଲିବଲ ଆସୋସିଏଶନର ସମ୍ପାଦକ ହେବାପରେ ରାଜ୍ୟରେ ଏହି ଖେଳର ଉନ୍ନତି ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଖେଳାଳିଙ୍କ ଟ୍ରେନିଂ ଏବଂ ମ୍ୟାଚ ଖେଳିବାର ସୁଯୋଗକୁ ମଧ୍ୟ ପରିବ୍ୟାପ୍ତ କରାଯାଇଛି। ରାଜ୍ୟରେ ଏକାଧିକ ଜାତୀୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ମଧ୍ୟ ଆୟୋଜନ ହୋଇଛି।



ଲାସ୍ୟମୟୀ ମହନ୍ତ




## ପାରାମାଉଣ୍ଟ ଫାଇଟର୍ସ ବିଜୟୀ

**ଭୁବନେଶ୍ୱର, ୫।୬(କ୍ରୀଡ଼ା ପ୍ରତିନିଧି)**

**ପାରାମାଉଣ୍ଟ ପ୍ରିମିୟର ଲିଗ୍**

ଅରବିନ୍ଦ ମେମୋରିଆଲ କ୍ରିକେଟ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ପାରାମାଉଣ୍ଟ ଫାଇଟର୍ସ ବିଜୟ ହାସଲ କରିଛି। ଏହି ଦଳ ଟାଉନ୍ କ୍ଲବକୁ ୭ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୩୪.୨ ଓଭରରେ ୯୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ସୁମିତ ମହାପାତ୍ର ଓ ସୌମ୍ୟ ପଟ୍ଟନାୟକ ସର୍ବାଧିକ ୨୦ ରନ୍ ଲେଖାଏ କରିଥିଲେ। ବିପକ୍ଷ ଦଳର ତନୁଶ ଦେ ୩ଟି ଏବଂ ପ୍ରଜ୍ଞାନ କୁମାର ପତ୍ରୀ, ରାହୁଲ ଓ ଅଭିନବ ଲେଙ୍କା ୨ଟି ଲେଖାଏ ଉଇକେଟ ନେଇଥିଲେ। ୯୬ ରନ୍ ବିଜୟ ଲକ୍ଷ୍ୟକୁ ଫାଇଟର୍ସ ୨୮.୫ ଓଭରରେ ୩ ଉଇକେଟ ହରାଇ ହାସଲ କରିଥିଲା। ପ୍ରତୀକ ନାୟକ ୩୫ ରନ୍ କରି ଅପରାଜିତ ରହିଥିଲେ। ବିଜୟୀ ଦଳର ତନୁଶ ଦେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବୈଭବ ଲେଙ୍କା ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ପୂର୍ବତନ କ୍ରିକେଟର ତଥା ପାରାମାଉଣ୍ଟ ସ୍ପୋର୍ଟିଂ ସଦସ୍ୟ ଜ୍ଞାନରଞ୍ଜନ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ପୁରସ୍କାର ସହ ତନୁଶ ଦେ (ଡାହାଣ)।

## ଭାରତୀୟ ପୁରୁଷ ଦଳ ଫାଇନାଲରେ

**ଲାଉସାନେ, ୫।୬ (ପି.ଟି.):** ରବିବାର ମାଲେସିଆ ଓ ପୋଲାଣ୍ଡ ବିପକ୍ଷରେ ବିଜୟ ସହ ଭାରତୀୟ ପୁରୁଷ ଦଳ ଏଠାରେ ଚାଲିଥିବା ଉଦ୍‌ଘାଟନୀ ଏଫ୍‌ଆଇଏଚ୍ ହକି ୫ଏସ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଭାରତ ପ୍ରଥମେ ୭-୩ ଗୋଲରେ ମାଲେସିଆକୁ ଏବଂ ପରେ ଦ୍ୱିତୀୟ ମ୍ୟାଚରେ ପୋଲାଣ୍ଡକୁ ୬-୨ ଗୋଲରେ ପରାସ୍ତ କରିଥିଲା। କୋଚ୍ ଗ୍ରାହମ ରିଡ୍‌ଙ୍କ ତତ୍ତ୍ୱାବଧାନରେ ଖେଳୁଥିବା ଭାରତ ରାଉଣ୍ଡ ରବିନ ଲିଗ୍ ପର୍ଯ୍ୟାୟ ପରେ ୩ ବିଜୟ ଓ ଗୋଟିଏ ଡ୍ର ସହ ୧୦ ପଏଣ୍ଟ ଅର୍ଜନ କରି ୫ଟି ଦଳକୁ ନେଇ ପଏଣ୍ଟ ଟେବୁଲରେ ପ୍ରଥମ ସ୍ଥାନ ଅଧିକାର କରିଛି। ଭାରତ ପୂର୍ବରୁ ଶନିବାର ଆୟୋଜକ ସୁଇଜରଲାଣ୍ଡକୁ ୪-୨ରେ ହରାଇ ଦେଇଥିବା ବେଳେ ପାକିସ୍ତାନ ବିପକ୍ଷ ମ୍ୟାଚ ଡ୍ର ରଖିଥିଲା। ଭାରତ ଫାଇନାଲରେ ପୋଲାଣ୍ଡକୁ ଭେଟିବ। ଏହି ଦଳ ୬ ପଏଣ୍ଟ ସହ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ପାକିସ୍ତାନ ୫ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛି।

## ଇଂଲଣ୍ଡ ୫ ଉଇକେଟରେ ବିଜୟୀ

**ଲଣ୍ଡନ, ୫।୬**

ଜୋ ରୁଟ୍‌ଙ୍କ ଚମତ୍କାର ଶତକ ସହାୟତାରେ ଇଂଲଣ୍ଡ ଲର୍ଡ୍ସଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ୫ ଉଇକେଟରେ ପରାସ୍ତ କରିଛି। ଶନିବାର ଚତୁର୍ଥ ଦିବସରେ ମ୍ୟାଚ୍ ଶେଷ ହୋଇଛି। ରୁଟ୍ ୧୧୫ ରନ୍ କରି ଅପରାଜିତ ରହିଥିଲେ। ସାର୍ ଆଲିଷ୍ଟର କୁକ୍‌ଙ୍କ ପରେ ଇଂଲଣ୍ଡର ଦ୍ୱିତୀୟ ବ୍ୟାଟର ଭାବେ ସେ ୧୦,୦୦୦ ଟେଷ୍ଟ ରନ୍ ପୂରଣ କରିଛନ୍ତି। ଇଂଲଣ୍ଡ ପୂର୍ବଦିନର ଅସମାପ୍ତ ସ୍କୋର ୨୧୬/୫ରୁ ଖେଳ ଆରମ୍ଭ କରିଥିଲା। ସେତେବେଳେ ଟାର୍ଗେଟ୍ ୨୭୭ଠାରୁ ଦଳ ଆଉ ମାତ୍ର ୬୧ ରନ୍‌ରେ ପଛରେ ରହିଥିଲା। ଷଷ୍ଠ ଉଇକେଟରେ ରୁଟ୍ ଓ ବେନ୍ ଫୋକ୍ସ (୩୨*)ଙ୍କ ଅପରାଜିତ ୧୨୦ ରନ୍‌ର ଭାଗୀଦାରି ଯୋଗୁ ଘରୋଇ ଦଳ ବିଜୟ ହାସଲ କରିଥିଲା। ଟିମ୍ ସୌଦି ବୋଲିଂ କରୁଥିବା ବେଳେ ରୁଟ୍ ବିଜୟସୂଚକ ଚୌକା ଲଗାଇଥିଲେ। ମ୍ୟାଚ୍‌ରେ ଇଂଲଣ୍ଡ ଏକଦା ଏହାର ଦ୍ୱିତୀୟ ଇନିଂସରେ ୬୯ ରନ୍ ସ୍କୋରରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ରୁଟ୍ ଓ ବେନ୍ ଲଢୁଆ ବ୍ୟାଟିଂ କରି ମ୍ୟାଚ୍‌ର ଗତିପଥ ବଦଳାଇ ଦେଇଥିଲେ। ଗତ ୧୭ ମ୍ୟାଚ୍‌ରେ ପରାଜୟ ପରେ ଇଂଲଣ୍ଡର ଏହା ହେଉଛି ପ୍ରଥମ ଟେଷ୍ଟ ବିଜୟ। କହିବାକୁ ଗଲେ ନୂଆ ଅଧିନାୟକ ବେନ୍ ଷ୍ଟୋକ୍ସ ଓ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ବିଜୟ ସହ ସେମାନଙ୍କ କାର୍ଯ୍ୟ ଆରମ୍ଭ କରିଛି।



ପ୍ଲେୟର ଅଫ୍ ଦି ମ୍ୟାଚ ଟ୍ରଫି ସହ ଜୋ ରୁଟ୍।

## ଜିମ୍ବାୱେକୁ ହରାଇଲା ଆଫଗାନିସ୍ତାନ

**ହରାରେ, ୫।୬ (ଏପି):** ରହମତ ଶାହାଙ୍କ ୯୪ ରନ୍ ଓ ମହମ୍ମଦ ନବିଙ୍କ ୪ଉଇକେଟ ସଫଳତା ସହାୟତାରେ ଜିମ୍ବାୱେ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ଆଫଗାନିସ୍ତାନ ୬୦ରନରେ ଜିତିନେଇଛି। ଆଫଗାନିସ୍ତାନ ଓ ଜିମ୍ବାୱେ ୨୦୧୪ରେ ପ୍ରଥମେ ପରସ୍ପରକୁ ଭେଟିଥିଲେ। ଏହାପରଠାରୁ ଦୁଇ ଦେଶ ମଧ୍ୟରେ ୫ଥର ମୁକାବିଲା ହୋଇଛି। ଜିମ୍ବାୱେ ବିପକ୍ଷରେ ଆଫଗାନିସ୍ତାନ ଗୋଟିଏ ହେଲେ ଦିନିକିଆ ସିରିଜ ହାରି ନାହିଁ। ଆଫଗାନିସ୍ତାନ: ୨୭୬/୫। ଜିମ୍ବାୱେ: ୨୧୬/ଅଲଆଉଟ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ